

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଶୁକ୍ରବାର ୨୯ ସେପ୍ଟେମ୍ବର ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 29 SEPTEMBER 2023
Vol.No. 34 ■ No. 256■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ମଧ୍ୟପ୍ରଦେଶ ଭଳି ରାଜସ୍ଥାନରେ ବି ସାଂସଦ ଓ କେନ୍ଦ୍ରମନ୍ତ୍ରୀଙ୍କୁ ବିଧାୟକ ଭାବେ ପ୍ରାର୍ଥୀ କରିବ ବିଜେପି



ନୂଆଦିଲ୍ଲୀ,୨୮/୦୯ : ଆଗକୁ ୫ଟି ରାଜ୍ୟର ବିଧାନସଭା ନିର୍ବାଚନ ରହିଛି । ଏହାକୁ ନଜରରେ ରଖି ସମସ୍ତ ରାଜନୈତିକ ଦଳ ସେମାନଙ୍କର ରଣନୀତି ପ୍ରସ୍ତୁତ କରୁଥିବା ବେଳେ ବିଜେପି କିନ୍ତୁ ନିଆରା ରଣନୀତି ଆପଣାଇଛି । ମଧ୍ୟପ୍ରଦେଶ ନିର୍ବାଚନ ପାଇଁ ବିଜେପି ଦ୍ୱିତୀୟ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଘୋଷଣା କରିସାରିଛି । ଏହି ତାଲିକାରେ କିଛି କେନ୍ଦ୍ରମନ୍ତ୍ରୀଙ୍କ ସମେତ କିଛି ସାଂସଦଙ୍କର ନାମ ରହିଛି । ଯେଉଁମାନେ କି ମଧ୍ୟପ୍ରଦେଶ ବିଧାନସଭା ନିର୍ବାଚନରେ ବିଧାୟକ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିବେ । ଏହାକୁ ନଜରରେ ରଖି ବିଜେପି ରାଜସ୍ଥାନ ପାଇଁ ମଧ୍ୟ ସମାନ ନୀତି ଆପଣାଇବାକୁ ଯାଉଛି ବୋଲି ଚର୍ଚ୍ଚା ହେଉଛି । ରାଜସ୍ଥାନରେ ବିଜେପିର ବରିଷ୍ଠ ନେତ୍ରୀ ବସୁନ୍ଧରାରାଜେ ସିନ୍ଧିଆ ଅସନ୍ତୁଷ୍ଟ ରହିଥିବା ବେଳେ କଂଗ୍ରେସର ସରକାର ରହିଛି । ଏସବୁକୁ ସମ୍ନା କରିବାକୁ ବିଜେପି ତରଫରୁ କିଛି କେନ୍ଦ୍ରମନ୍ତ୍ରୀ ଓ କିଛି ସାଂସଦଙ୍କୁ ବିଧାୟକ ଭାବେ ପ୍ରାର୍ଥୀ କରିପାରେ ଦଳ । ଏହାଯଦି ହୁଏ ତେବେ କେନ୍ଦ୍ର ଜଳସଂପଦ ମନ୍ତ୍ରୀ ଗଜେନ୍ଦ୍ରସିଂ ଶେଖାୱତ ଓ ଆଇନମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ବିଧାନସଭା ପ୍ରାର୍ଥୀ ହୋଇପାରନ୍ତି । ଯଦି ସାଂସଦଙ୍କ କଥା କହିବା ତେବେ ନିର୍ବାଚନରେ ବିଜୟକୁ ସୁନିଶ୍ଚିତ କରିବାକୁ ବିଜେପି ରାଜସ୍ତାନରେ କେନ୍ଦ୍ରୀୟ କୃଷି ରାଜ୍ୟମନ୍ତ୍ରୀ କୈଳାଶ ଚୌଧୁରୀ, ସାଂସଦ ରାଜବର୍ଦ୍ଧନସିଂ ରାଠୋଡ, ସାଂସଦ କରୋଡି ଲାଲ ମୀଣା, ସାଂସଦ ସ୍ୱାମୀ ସୁମେଧାନନ୍ଦ ଓ ସାଂସଦ ସୁଖବୀର ସଂ ଜୌନପୁରୀଙ୍କୁ ଟିକେଟ ଦେଇପାରେ । ଏନେଇ ଗୃହମନ୍ତ୍ରୀ ଅମିତ ଶାହାଙ୍କ ଅଧ୍ୟକ୍ଷତାରେ ବୁଧବାର ରାତିରେ ଏକ ବୈଠକ ଅନୁଷ୍ଠିତ ହୋଇଛି । ବିଜେପି କାହିଁକି ସାଂସଦ ଓ କେନ୍ଦ୍ରମନ୍ତ୍ରୀମାନଙ୍କୁ ବିଧାୟକ ପ୍ରାର୍ଥୀ ଭାବେ ନିର୍ବାଚନ ଲଢାଇବାକୁ ଯାଉଛି ଯଦି ଆଲୋଚନା କରିବା ତେବେ ଜଣେ ସାଂସଦଙ୍କର ପ୍ରଭାବ ୫ ରୁ ୭ଟି ବିଧାନସଭା କ୍ଷେତ୍ରରେ ରହିଛି । ତେଣୁ ଜଣେ ସାଂସଦ ବିଧାୟକ ପ୍ରାର୍ଥୀ ହେଲେ ସଂସଦ କ୍ଷେତ୍ରରେ ଥିବା ସମସ୍ତ ବିଧାନସଭା କ୍ଷେତ୍ରରେ ତାଙ୍କର ପ୍ରଭାବ ରହିବ । ତେଣୁ ଜଣେ ସାଂସଦଙ୍କୁ ବିଧାୟକ ପ୍ରାର୍ଥୀ ଭାବେ ମଇଦାନକୁ ଓହ୍ଲାଇ ବିଜେପି ପୂରା ସଂସଦୀୟ କ୍ଷେତ୍ରରେ ସଫଳତା ହାସଲ କରିବାକୁ ଚେଷ୍ଟା କରୁଛି ।


## ବାଚସ୍ପତିଙ୍କ ପୋଡିୟମକୁ ଡାଲି ଫିଙ୍ଗି ବିଜେପି ବିଧାୟକ ମୋହନ ମାଝୀ ଓ ମୁକେଶ ମହାଲିଙ୍ଗ ସସ୍‌ପେଣ୍ଡ



ଭୁବନେଶ୍ୱର, ୨୮/୦୯ (ନି.ପ୍ର): ବାଚସ୍ପତିଙ୍କ ପୋଡ଼ିୟମକୁ ଡାଲି ଫିଙ୍ଗି ସସ୍‌ପେଣ୍ଡ ହୋଇଛନ୍ତି ୨ ବିଜେପି ବିଧାୟକ ମୋହନ ମାଝୀ ଓ ମୁକେଶ ମହାଲିଙ୍ଗ । ଚଳିତ ଅଧିବେଶନ ଶେଷ ପର୍ଯ୍ୟନ୍ତ ସେମାନଙ୍କୁ ସସ୍‌ପେଣ୍ଡ କରିଛନ୍ତି ବାଚସ୍ପତି ପ୍ରମିଳା ମଲ୍ଲିକ । ମୋହନ ମାଝୀ ବିଧାନସଭାରେ ବିରୋଧୀ ଦଳର ମୁଖ୍ୟ ସଚେତକ ଅଛନ୍ତି । ଗୃହ ମଧ୍ୟଭାଗରେ ପ୍ରଥମେ ହୋହଲ୍ଲା କରିଥିଲେ ବିଜେପି ସଦସ୍ୟ । ତା'ପରେ ପଲିଥିନରେ ଆଣିଥିବା ଡାଲି ଦେଖାଇ ପୋଡିୟମକୁ ଫିଙ୍ଗିଥିଲେ । ଦୁଇ ବିଧାୟକଙ୍କୁ ସସ୍‌ପେଣ୍ଡ ନେଇ ବାଚସ୍ପତି ପ୍ରମିଳା ମଲ୍ଲିକ କହିଛନ୍ତି, ଉଭୟଙ୍କ ଆଚରଣରେ କ୍ଷୁବ୍ଧ ହୋଇ ଗୃହ ଏଭଳି ନିଷ୍ପତ୍ତି ନେଇଛି । ସମ୍ବିଧାନ ବିଧି ଅନୁସାରେ ଓ ଗୃହର ମତ ନେଇ ସସ୍‌ପେଣ୍ଡ କରାଯାଇଛି । ସେପଟେ ମୋହନ ମାଝୀ କହିଛନ୍ତି, ବିନା ଦୋଷରେ ସସ୍‌ପେଣ୍ଡ କରାଯାଇଛି । ମୁଁ ଡାଲି ଫୋପାଡ଼ିନି କି ଉପହାର ମଧ୍ୟ ଦେଇନି । ଏ ନିଷ୍ପତ୍ତି ନିନ୍ଦନୀୟ । ଏହାର ଘୋର ପ୍ରତିବାଦ କରିବୁ । ବିଧାୟକ ମୁକେଶ ମହାଲିଙ୍ଗ କହିଛନ୍ତି, ଡାଲି ଏକ ସିମ୍ବଲ । ବିରୋଧୀ ଦଳ ନେତାଙ୍କୁ ମନ୍ତବ୍ୟ ଦେବାକୁ ସୁଯୋଗ ଦିଆଯାଉନି । ତେଣୁ ଆମେ ଏହାର ପ୍ରତିବାଦ କରିଥିଲୁ ।

▶▶ପୃଷ୍ଠା ୭

## ବର୍ଷ ଶେଷ ସୁଦ୍ଧା ଚକାଚକ ହେବ ଜାତୀୟ ରାଜପଥ: କେନ୍ଦ୍ର ସଡକ ପରିବହନ ମନ୍ତ୍ରୀ



ନୂଆଦିଲ୍ଲୀ,୨୮/୦୯ : ଡିସେମ୍ବର ସୁଦ୍ଧା ଚକାଚକ ହେବ ଦେଶର ସମସ୍ତ ଜାତୀୟ ରାଜପଥ । କେନ୍ଦ୍ର ସଡକ ପରିବହନ ମନ୍ତ୍ରୀ ନୀତିନ ଗଡକରି ଏହି ଘୋଷଣା କରିଛନ୍ତି । ଜାତୀୟ ରାଜପଥର ଅନେକ ସ୍ଥାନରେ ଖାଲଢିପ ସହିତ ଅନେକ ସମସ୍ୟା ରହିଛି । ଯେଉଁଥିପାଇଁ ଦୁର୍ଘଟଣା ମଧ୍ୟ ଘଟୁଛି । ଏପରି ସ୍ଥିତିରେ ଜାତୀୟ ରାଜପଥ ମରାମତି ପାଇଁ ଦାବି ହୋଇଆସୁଥିଲା । ଗଡକରୀ କହିଛନ୍ତି, ଚଳିତ ବର୍ଷ ଶେଷ ସୁଦ୍ଧା ସମସ୍ତ

▶▶ପୃଷ୍ଠା ୭

## ମହାନଦୀକୁ ଡେଇଁ ପଡ଼ିଲେ ଯୁବତୀ: ଦେବଦୂତ ସାଜିଲେ ପାର୍କ କର୍ମଚାରୀ

କଟକ, ୨୮/୦୯ (ନି.ପ୍ର): ମହାନଦୀ ନଦୀକୁ ଡେଇଁ ପଡ଼ିଲେ ଯୁବତୀ । ଆଉ ଦେବଦୂତ ସାଜିଲେ ଯୋବ୍ରା ପାର୍କ କର୍ମଚାରୀ । କାଳବିଳମ୍ବ ନକରି ନଦୀ ଗର୍ଭକୁ ଲମ୍ଫ ମାରିଥିଲେ । ମୃତ୍ୟୁ ମୁଖରୁ ଯୁବତୀଙ୍କୁ ଟାଣି ଆଣିଥିଲେ । ଦୀର୍ଘ ୩୦ ମିନିଟର ସଂଘର୍ଷ ପରେ ନଦୀରୁ ଯୁବତୀଙ୍କୁ ଉଦ୍ଧାର କରିଛି ଅଗ୍ନିଶମ ବିଭାଗ । କଟକ ଯୋବ୍ରା ବ୍ୟାରେଜ ଏପରି ଘଟଣା ଘଟିଛି । ଆଜି ମଧ୍ୟାହ୍ନରେ ଯୋବ୍ରା ବ୍ୟାରେଜ ପାର୍କରେ କାମ କରୁଥିଲେ ଜଣେ କର୍ମଚାରୀ । କୋଳାହଳରେ ବ୍ୟସ୍ତ ଥିଲା ଯୋବ୍ରା ବ୍ୟାରେଜ ରାସ୍ତା । ଠିକ୍ ସେହି ସମୟରେ ଜଣେ ଯୁବତୀ ମହାନଦୀକୁ ଡେଇଁପଡ଼ିଲେ । ଏହା ଦେଖି ବ୍ୟାରେଜର ପାର୍କରେ କାମ କରୁଥିବା ଜଣେ କର୍ମଚାରୀ ତାଙ୍କୁ ଉଦ୍ଧାର କରିବା ପାଇଁ ସଙ୍ଗେ ସଙ୍ଗେ ନଦୀକୁ ଡେଇଁ ପଡ଼ିଥିଲେ । ଯୁବତୀ ଜଣକ ନଦୀର ପ୍ରଖର ସ୍ରୋତରେ ଭାସି ଯାଉଥିବା ବେଳେ ତାଙ୍କୁ ଧରି ପକାଇଥିଲେ । ପାଖାପାଖି ୩୦ ମିନିଟ୍ ତାଙ୍କୁ ଧରି ବ୍ୟାରେଜର ଲୁହା ଗେଟ୍ ପଛ ପାର୍ଶ୍ୱରେ ପାଣିରେ ଛିଡ଼ା ହୋଇଥିଲେ । ସ୍ଥାନୀୟ ଲୋକେ ଏନେଇ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ । ଅଗ୍ନିଶମ କର୍ମଚାରୀମାନେ ବ୍ୟାରେଜ ନିକଟରେ

▶▶ପୃଷ୍ଠା ୭

## ସଂପର୍କୀୟ ପୁଅ ପାଇଁ ଝିଅ ଦେଖିବାକୁ ଯାଉଥିବା ବେଳେ ଦମ୍ପତିଙ୍କ ଉପରେ ମାଡ଼ିଗଲା ଟ୍ରକ୍

ମୟୂରଭଂଜ, ୨୮/୦୯ (ନି.ପ୍ର): ସଂପର୍କୀୟ ପୁଅ ପାଇଁ ଝିଅ ଦେଖିବାକୁ ଯାଉଥିବା ବେଳେ ଟ୍ରକ୍ ମାଡ଼ି ଯିବାରୁ ଏକ ଦମ୍ପତିଙ୍କ ମୃତ୍ୟୁ ଘଟିଛି । ମୟୂରଭଞ୍ଜ ଜିଲ୍ଲା ଦେଇ ଯାଇଥିବା ୪୯ ନମ୍ବର ଜାତୀୟ ରାଜପଥର ଦୁଆରଶୁଣି ଘାଟିରେ ଆଜି ଅପରାହ୍ନରେ ଘଟିଛି ଏହି ଦୁର୍ଘଟଣା । ମୃତ ଦମ୍ପତି ହେଲେ ବିଶୋଇ ଥାନା ଅଞ୍ଚଳର ରବି ନାରାୟଣ ଦାଶ (୫୦) ଓ ତାଙ୍କ ପତ୍ନୀ ରେବତୀ ଦାଶ (୪୦) । ସେମାନେ ସଂପର୍କୀୟ ପୁଅଙ୍କ ନିମନ୍ତେ ଝିଅ ଦେଖିବାକୁ ବାଇକରେ କୁଚେଇ ଅଭିମୁଖେ ଯାଉଥିଲେ । ଦୁଆରଶୁଣି ଘାଟିରୁ ସେମାନେ ଓହ୍ଲାଉଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଏକ ମାଲବୋଝେଇ

▶▶ପୃଷ୍ଠା ୭

## ସୃଷ୍ଟି ହେଲା ଘୂର୍ଣ୍ଣିବଳୟ

### ୩୦ରୁ ପ୍ରବଳରୁ ଅତି ପ୍ରବଳ ବର୍ଷିବ

ଭୁବନେଶ୍ୱର, ୨୮/୦୯ (ନି.ପ୍ର): ପୂର୍ବ କେନ୍ଦ୍ରୀୟ-ଉତ୍ତର ବଙ୍ଗୋପସାଗରରେ ଆସନ୍ତା ୨୪ ଘଣ୍ଟା ଭିତରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବ । ଏହା ପୂର୍ବରୁ ଆଜି ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି । ସମ୍ଭାବ୍ୟ ଲଘୁଚାପ ପରବର୍ତ୍ତୀ ସମୟରେ ଘନୀଭୂତ ହୋଇ ସୁଦୃଶ୍ୟ ଲଘୁଚାପ କ୍ଷେତ୍ରରେ ପରିଣତ ହେବ । ଏହାର ପ୍ରଭାବରେ ୩୦ ତାରିଖରୁ ଅକ୍ଟୋବର ୩ ତାରିଖ ସକାଳ ସାଢ଼େ ୮ଟା ଯାଏଁ ଓଡ଼ିଶାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ସେଥିପାଇଁ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ସତର୍କ ସୂଚନା ଜାରି କରିଛନ୍ତି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ଜାରି କରିଥିବା ବୁଲେଟିନ୍ ଅନୁସାରେ ୨୪ ଘଣ୍ଟା ଭିତରେ ମାଲକାନଗିରି, କୋରାପୁଟ, ରାୟଗଡ଼ା, କନ୍ଧମାଳ, ଗଜପତି, ଝାରସୁଗୁଡ଼ା, ସୁନ୍ଦରଗଡ଼, ସମ୍ବଲପୁର, ଦେବଗଡ଼, କେନ୍ଦୁଝର, ମୟୂରଭଞ୍ଜ, ଅନୁଗୋଳ, ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ବଜ୍ରପାତ ସହ ଘଡଘଡ଼ି ମାରିବାର ସମ୍ଭାବନା ରହିଛି । ସେଥିପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ୨୯ ତାରିଖରେ କେନ୍ଦୁଝର, ମୟୂରଭଞ୍ଜ,

▶▶ପୃଷ୍ଠା ୭

## କଂଗ୍ରେସ ବିଧାୟକଙ୍କ ଗିରଫଦାରୀ ପରେ ଇଣ୍ଡିଆ ମେଣ୍ଟରେ ସଙ୍କଟ



ନୂଆଦିଲ୍ଲୀ,୨୮/୦୯ : ପଞ୍ଜାବ କଂଗ୍ରେସର ବରିଷ୍ଠ ନେତା ତଥା ବିଧାୟକ ସୁଖପାଲ ସିଂହ ଖଇରାଙ୍କ ଗିରଫଦାରୀ ପରେ ବିରୋଧୀ ମେଣ୍ଟ ଇଣ୍ଡିଆରେ ସଙ୍କଟ ଦେଖାଯାଇଛି । ଡ୍ରଗ୍ସ ଓ ମନିଲଣ୍ଡରିଂ ମାମଲାରେ ସୁଖପାଲଙ୍କୁ ପଞ୍ଜାବ ପୁଲିସ୍ ଗିରଫ କରିଛି । ପଞ୍ଜାବରେ ଏବେ ଅରବିନ୍ଦ କେଜ୍ରିୱାଲଙ୍କ ଆପ୍ କ୍ଷମତାରେ ରହିଛି । ତାଙ୍କ ଦଳ ରାଜନୀତିକ ଆକ୍ରୋଶ ରଖି ସୁଖପାଲଙ୍କୁ ଗିରଫ କରିଥିବା ଅଭିଯୋଗ କରିଛି କଂଗ୍ରେସ । ତେବେ ଏହାକୁ ଆପ୍ ଖଣ୍ଡନ କରିବା ପରେ ବିବାଦ ଦେଖାଦେଇଛି । ଆପ୍ ଓ କଂଗ୍ରେସ ବିରୋଧୀ ମେଣ୍ଟ ଇଣ୍ଡିଆର ସଦସ୍ୟ । ଉଭୟ ଦଳ ବିଜେପି ବିରୋଧରେ ଏକାଠି ହେବାକୁ ଜାତୀୟ ସ୍ତରରେ ଉଦ୍ୟମ କରୁଛନ୍ତି । ହେଲେ ପଞ୍ଜାବରେ ଦୁଇ ଦଳ ପରସ୍ପର

▶▶ପୃଷ୍ଠା ୭


## ଚାଲିଗଲେ ବିଶିଷ୍ଟ କୃଷି ବିଜ୍ଞାନୀ ଏମଏସ ସ୍ୱାମୀନାଥନ



ନୂଆଦିଲ୍ଲୀ,୨୮/୦୯ : ବିଶିଷ୍ଟ କୃଷି ବିଜ୍ଞାନୀ ଏମଏସ ସ୍ୱାମୀନାଥନଙ୍କ ପରଲୋକ । ଚେନ୍ନାଇରେ ପୂର୍ବାହ୍ନ ୧୧.୨୦ରେ ସ୍ୱାମୀନାଥନ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି । ମୃତ୍ୟୁ ବେଳକୁ ତାଙ୍କୁ ୯୮ ବର୍ଷ ବୟସ ହୋଇଥିଲା । ଦେଶରୁ ଖାଦ୍ୟ ସଂକଟ ଦୂର କରିବାରେ ପ୍ରମୁଖ ଭୂମିକା ନିଭାଇଥିଲେ ସ୍ୱାମୀନାଥନ । ଭାରତର ସବୁଜ ବିପ୍ଳବର ଜନକ ଭାବେ ଥିଲେ ଖ୍ୟାତ । ଦେଶର ଜଣେ ବିଶିଷ୍ଟ କୃଷି ବିଜ୍ଞାନୀ ଭାବେ ଖ୍ୟାତି ଅର୍ଜନ କରିଥିଲେ ସ୍ୱାମୀନାଥନ । ୧୯୭୨ରୁ ୧୯୭୯ ପର୍ଯ୍ୟନ୍ତ 'ଭାରତୀୟ ପରିଷଦ କୃଷି ଅନୁସନ୍ଧାନ'ର ଚେୟାରମ୍ୟାନ୍ ଭାବରେ କାର୍ଯ୍ୟ କରିଥିଲେ । କୃଷି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଭାରତ ସରକାର ତାଙ୍କୁ ପଦ୍ମ ବିଭୂଷଣରେ ବିଭୂଷିତ କରିଥିଲେ । ସେ ବିଭିନ୍ନ ପ୍ରକାରର ଧାନ ବିକଶିତ କରିଥିଲେ, ଯାହା

▶▶ପୃଷ୍ଠା ୭


## ବିରୋଧୀ ଦଳ ନେତା 'ମାନସିକ ବିକାରଗ୍ରସ୍ତ': ବିଜେଡି



ଭୁବନେଶ୍ୱର, ୨୮/୦୯ (ନି.ପ୍ର): ବିରୋଧୀ ଦଳ ନେତାଙ୍କୁ 'ମାନସିକ ବିକାରଗ୍ରସ୍ତ' ବୋଲି ସମ୍ବୋଧିତ କରିବା ଓ ତାହା ବିଧାନସଭାର ଗୃହ ବିବରଣୀରୁ ବାଦ୍ ଦିଆନଯିବା ଶାସକ ବିଜେଡିର ପ୍ରତିହିଂସା ରାଜନୀତିକୁ ପଦାରେ ପକାଇଛି । ଗଣତନ୍ତ୍ରରେ ନିର୍ବାଚିତ ସରକାର ଓ ବ୍ୟବସ୍ଥାଗତ ତ୍ରୁଟିକୁ ଲୋକଲୋଚନକୁ ଆଣିବା ବିରୋଧୀ ଦଳର କାର୍ଯ୍ୟ ହୋଇଥିବାବେଳେ ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ରଙ୍କୁ ଏବେ ଶାସକ ବିଜେଡି କ୍ରମାଗତ ସମାଲୋଚନା କରି ଆଜି ସବୁ ସୀମାକୁ ଲଙ୍ଘନ କରିଛି । ଗତକାଲି ଶ୍ରୀ ମିଶ୍ର ସିଧାସଳଖ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଟାର୍ଗେଟ୍ କରି ଶ୍ରଦ୍ଧା ନାମ୍ନୀ ମହିଳା କିଏ ଓ ସେ କାହିଁକି ମୁଖ୍ୟମନ୍ତ୍ରୀଙ୍କ ସହ ସରକାରୀ ଅର୍ଥରେ ଭାଟିକାନ ସିଟି ଯାଇଥିଲେ ଏବଂ ସରକାରୀ କ୍ୱାଟର୍ସ ତାଙ୍କୁ କାହିଁକି ଦିଆଯାଇଛି ବୋଲି ପ୍ରଶ୍ନ କରିବା ପରେ ଶାସକ ବିଜେଡିରେ କମ୍ପନ ସୃଷ୍ଟି ହୋଇଥିଲା । ବିରୋଧୀ ଦଳ ନେତା ଶ୍ରୀ ମିଶ୍ରଙ୍କ ଏଭଳି ସଙ୍ଗୀନ ଅଭିଯୋଗ ଉପରେ ମୁହଁ ଖୋଲୁନଥିବା ଶାସକ ବିଜେଡି କିନ୍ତୁ ଆଜି ବିଧାନସଭା ଭିତରେ ବିରୋଧୀ ଦଳ ନେତାଙ୍କୁ 'ମାନସିକ ବିକାରଗ୍ରସ୍ତ' ବୋଲି କହିବାକୁ ପଛାଇ ନାହିଁ । ଶାସକ ଦଳ ସିଧାସଳଖ ବିରୋଧୀ ଦଳ ନେତାଙ୍କୁ ମାନସିକ ବିକାରଗ୍ରସ୍ତ ବୋଲି ଆକ୍ଷେପ କରିବା ପ୍ରତିବାଦରେ ଏଭଳି ଶବ୍ଦକୁ ଗୃହ ବିବରଣୀରୁ ବାଦ୍ ଦେବା ପାଇଁ ବିରୋଧୀ ଦଳ ବିଧାୟକମାନେ ଅଡ଼ି ବସିଥିଲେ । କିନ୍ତୁ ବାଚସ୍ପତି ଏଥିପ୍ରତି ଗୁରୁତ୍ୱ ଦେଇନଥିଲେ ।

▶▶ପୃଷ୍ଠା ୭

## ଯୁବ ଭାରତ ହେଉଛି କି ବୟସ୍କ ? ଚିନ୍ତା ବଢ଼ାଇଲା ୟୁଏନଏଫପିଏ ରିପୋର୍ଟ




ନୂଆଦିଲ୍ଲୀ,୨୮/୦୯ : ଦେଶର ଭବିଷ୍ୟତ ନିର୍ଭର କରେ ଯୁବ ବର୍ଗଙ୍କ ଉପରେ । ମୋଟ୍ ଆର୍ଥିକ ବୋଝର ଗୋଟିଏ ବଡ ଅଂଶ ଯୁବ ବର୍ଗଙ୍କ କାନ୍ଧରେ ଥାଏ । ତେଣୁ ଦେଶ ଯୁବ ବର୍ଗଙ୍କୁ ଅଧିକ ଗୁରୁତ୍ୱ ଦେଉଛି । ଯୁବ ବର୍ଗଙ୍କୁ ନେଇ ବିଶ୍ୱରେ ନିଜର ପତିଆରା ଜାହିର କରିବାକୁ ଚେଷ୍ଟା କରୁଛି ନ୍ୟୁ ଇଣ୍ଡିଆ । ଆଉ ଯୁବବର୍ଗଙ୍କୁ ସୁହାଇଲା ଭଳି ସରକାର ବିଭିନ୍ନ ପ୍ରକାର ଯୋଜନା ଏବଂ ଦକ୍ଷତା ବିକାଶ କରୁଛନ୍ତି । ହେଲେ ଏହି ଯୁବବର୍ଗଙ୍କ ଫାଇଦା ଭାରତ ଆଉ ବେଶୀ ଦିନ ନେଇନପାରେ । ଜାତିସଂଘ ଜନସଂଖ୍ୟା ପାଣ୍ଠି (ୟୁଏନଏଫପିଏ)ର ଏକ ନୂଆ ରିପୋର୍ଟ ଜାରି କରିଛି । ଯେଉଁଥିରେ ଏଭଳି ପୂର୍ବାନୁମାନ କରାଯାଇଛି । 'ଇଣ୍ଡିଆ ଏଜିଙ୍ଗ୍ ରିପୋର୍ଟ ୨୦୨୩' ଦର୍ଶାଯାଇଛି ଯେ ଯୁବ ବର୍ଗର ଜନସଂଖ୍ୟା ଦୃଷ୍ଟିରୁ ଭାରତର ସ୍ଥିତି ଏବେ ବେଶ୍ ଭଲ ରହିଛି । ଏ କ୍ଷେତ୍ରରେ ହାତଗଣତି ଅଳ୍ପ କେତୋଟି ଦେଶ ମଧ୍ୟରେ ଭାରତ ରହିଛି । କିନ୍ତୁ ଏବେର ରିପୋର୍ଟ ଦେଶର ଭବିଷ୍ୟତକୁ ନେଇ ଚିନ୍ତାରେ ପକାଇଛି । କାରଣ ଯୁବ ବର୍ଗଙ୍କ ଫାଇଦା ନନେଲେ ସ୍ଥିତି ଓଲଟି ଯାଇପାରେ । ନଜର ପକାନ୍ତୁ ଏହି ରିପୋର୍ଟ ଉପରେ । ରିପୋର୍ଟରେ ଆହୁରି ଦର୍ଶାଇଛି ଯେ ଦେଶର ଦକ୍ଷିଣ ରାଜ୍ୟ ଏବଂ ହିମାଚଳ ପ୍ରଦେଶ ଓ ପଞ୍ଜାବ ଭଳି କେତେକ ଉତର ରାଜ୍ୟରେ ବରିଷ୍ଠ ନାଗରିକଙ୍କ ସଂଖ୍ୟା ଅଧିକ ରହିଛି । ଯାହା କି ୨୦୨୧ର ଜାତୀୟ ହାର ତୁଳନାରେ ଅଧିକ । ଗତ ଦଶନ୍ଧି ମଧ୍ୟରେ ଦେଶରେ ଜନ୍ମ ହାର ୨୦ ପ୍ରତିଶତ ହ୍ରାସ ପାଇଛି । ୨୦୦୮ ରୁ ୨୦୧୦ ମଧ୍ୟରେ ଦେଶର ମୋଟ ଜନ୍ମ ହାର ୮୬.୧ ପ୍ରତିଶତ ଥିଲା, ଯାହା ୨୦୧୮ ରୁ ୨୦୨୦ ମଧ୍ୟରେ ୬୮.୭ ପ୍ରତିଶତକୁ ଖସି ଆସିଛି । ଏହି ରିପୋର୍ଟ ଅନୁଯାୟୀ ଉତରପ୍ରଦେଶ ହେଉଛି ଦ୍ୱିତୀୟ କନିଷ୍ଠ ରାଜ୍ୟ । ବିହାର ପ୍ରଥମ ସ୍ଥାନରେ ଅଛି । ବିହାରରେ ସମୁଦାୟ ୭.୭ ପ୍ରତିଶତ ଜନସଂଖ୍ୟା ବୃଦ୍ଧ । ଯେତେବେଳେ ୟୁପି ହେଉଛି ୮.୧ ପ୍ରତିଶତ ଜନସଂଖ୍ୟା ସହିତ ଦ୍ୱିତୀୟ କନିଷ୍ଠ ରାଜ୍ୟ । ଏଥି ସହିତ

▶▶ପୃଷ୍ଠା ୭

# ସ୍ଲିମ ହେବା ପାଇଁ ଯିବାକୁ ପଡ଼ିବନି ଜିମ୍



ସ୍ଲିମ ହେବାକୁ ବା ସୁନ୍ଦର ଦେଖାଯିବାକୁ ପ୍ରାୟ ସମସ୍ତେ ଭଲପାଆନ୍ତି। ହେଲେ ଏଥିରେ ବାଧକ ସାଜିଥାଏ ମୋଟାପଣ। କେମିତି ଓଜନ କମିବ ସେଥିପାଇଁ କରିବାକୁ ପଡ଼ିଥାଏ ଅନେକ ପରିଶ୍ରମ ଆଉଉପାୟ। ପ୍ରିୟ ଖଶଦ୍ୟକୁ ଗୁଡ଼ବାଏ କହିବାକୁ ପଡ଼େ। ନୀତି ସକାଳୁ ଜିମରେ କସରତ କରିବାକୁ ପଡ଼େ। ଏମକିତି କିଛିଦିନ ଚଳିବାପରେ ଯାଇ ପରଫେକ୍ଟ ଲୁକ ମିଳେ ବୋଲି ଅନେକଙ୍କ ବିଶ୍ୱାସ। କିନ୍ତୁ କିଛି ଘରୋଇ ଉପଚାର ଅଛି ଯାହା ଆପଣାଇଲେ ଆଉ ଜିମ ଯିବାକୁ ପଡ଼ିବନି, କି ପ୍ରିୟ ଖାଦ୍ୟରୁ ଦୂରେଇ ରାହିବାକୁ ପଡ଼ିବନି। ଆଉ ଏହି ଉର୍ପା ଆପଣଙ୍କୁ ପରଫେକ୍ଟ ଲୁକ ଦେବ।

**ଦିନକୁ ୩/୪ଲିଟର ପାଣି:** ସାଧାରଣତଃ ଖାଦ୍ୟ ରୁଚିରେ ପରିବର୍ତ୍ତନ, ଜିମରେ କସରତକୁ ଛାଡ଼ି ପ୍ରତିଦିନ ଆବଶ୍ୟକ ପରିମାଣରେ ପାଣି ପିଇବା ଜଣେ ସୁସ୍ଥ ମଣିଷ ପାଇଁ ଏକାନ୍ତ ଅପରିହାର୍ଯ୍ୟ। ଦିନକୁ ପ୍ରାୟ ୩ ରୁ ୪ଲିଟରର ପର୍ଯ୍ୟନ୍ତ ପାଣି ପିଇବା ଦ୍ୱାରା ଆପଣଙ୍କ ଶରୀର କେବେବି ମେଦବହୁଳତାର ଶିକାର ହେବନାହିଁ।



**ପଇଡ଼ପାଣି:** ଭାରତୀୟମାନଙ୍କ ପାରମ୍ପରିକ ଖାଦ୍ୟ ସାରଣୀରେ ପଇଡ଼ ଏକ ସାଧାରଣ ନାଁ। ହେଲେ ପଇଡ଼ ପାଣି ଯେ ବହୁତ



ଉପକାରୀ ତାହା କେତେକ ଜାଣି ନଥିବେ। ପଇଡ଼ ପାଣି ପିଇବା ଦ୍ୱାରା ପେଟ କମିବା ସହ ଶରୀରରେ ଫ୍ୟାଟର ପରିମାଣ ଧୀରେ ଧୀରେ ସନ୍ତୁଳିତ ଅବସ୍ଥାକୁ ଚାଲିଆସିଥାଏ।

**ହଳଦୀ ମିଶ୍ରିତ ଲେମନ ଟି:** ଚୁଟକିରେ ମୋଟାପଣ କମାଇବାକୁ ଏହି ପାନୀୟ ବେଶ୍ ଉପଯୋଗୀ। ଚିମୁଟାଏ ହଳଦୀ ଗୁଣ୍ଡ, ଚା ପତି ଓ ଡାଲଚିନି ଗୁଣ୍ଡକୁ ପାଣିରେ ପକାଇ କିଛି ସମୟ ଫୁଟେଇବା ପରେ ଏଥିରେ ଲେମ୍ବୁ ଚିପୁଡ଼ି ପିଇବାକୁ ପଡ଼ିଥାଏ। ନିୟମିତ ଭାବେ ଏହି ଚା' ପିଇବା ଦ୍ୱାରା ଆପଣ ସବୁଦିନ ସ୍ଲିମ, ଟ୍ରିମ ରହିପାରିବେ।

**ପରିବା ଜୁସ:** ଫଳ ରସ ଓ ଜୁସରେ ସୁଗାର ମାତ୍ରା ଅଧିକ ରହିଥିବାରୁ ଏହାକୁ ବ୍ୟବହାର କରିବା ଅପେକ୍ଷା ଗାଜ, ମୂଳା, ବିଟ ଭଳି ପରିବା ରସ ପିଇବା ମଧ୍ୟ ଶରୀର ପ୍ରତି ବେଶ ଭଲ। ଏହାକୁ ସେବନ କରିବା ଦ୍ୱାରା ଶରୀରକୁ ଭରପୁର ମାତ୍ରାରେ ଭିଟାମିନ ଓ ମିନେରାଲ୍ସ ମିଳିଥାଏ ଓ ଏହାର ସେବନ ମୋଟାପା ବଢ଼ାଇବାକୁ ଦେଇ ନଥାଏ।

# ଅନଲାଇନ୍ ଫୁଡ୍‌ରେ ରହିଛି ଅନେକ ସମସ୍ୟା: ଅଭ୍ୟାସରେ କରନ୍ତୁ ପରିବର୍ତ୍ତନ

**ଟେକ୍ନୋଲୋଜି ଆମ ଜୀବନକୁ ଖୁବ୍ ସହଜ କରିଛି । ଯେଉଁଥିପାଇଁ କୁଆଡେ ଯା'ଆସ କରିବା ସମୟରେ ଆମକୁ ଘ[। ଘ[। ଅପେକ୍ଷା କରିବାକୁ ପଡୁନି । ଆପ୍ ଜରିଆରେ କ୍ୟାବ୍ ବୁକ୍ କରି ଦେଲେ ତୁରନ୍ତ ଲକ୍ଷ୍ୟ ସ୍ଥଳରେ ପହଁ ଯାଉଛେ । ଏପରିକି ପାଖରେ ଟଙ୍କା ନଥିଲେ ମଧ ଚିନ୍ତା ନାହିଁ । ଠିକ୍ ସେହିପରି ଅନଲାଇନ୍‌ରେ ଫୁଡ୍ ଅର୍ଡର ସହଜ କିନ୍ତୁ ଏଥିରେ ସମସ୍ୟା ଅନେକ ରହିଛି ।**

**ଅନ୍‌ଲାଇନ୍ ଫୁଡ୍ ଅର୍ଡର ବହୁତ ଭଲ ବ୍ୟବସ୍ଥା, ଯାହା ସାହାଯ୍ୟରେ ଲୋକମାନେ ଘରେ ବସି ନିଜ ପସନ୍ଦର ଖାଦ୍ୟ ଖାଇପାରୁଛନ୍ତି । ପୂର୍ବରୁ ଲୋକମାନେ ଖାଦ୍ୟର ଅର୍ଡର କେବଳ ଅସୁବିଧା ସମୟରେ ହିଁ କରୁଥିଲେ । କିନ୍ତୁ ଏବେ ଏହା ଧୀରେ ଧୀରେ ଲୋକମାନଙ୍କର ଅଭ୍ୟାସରେ ପରିଣତ ହେବାକୁ ବସିଲାଣି । ଯେତେବେଳେ ମନ ହେଲା ମୋବାଇଲ୍‌ରେ ଫଟାଫଟ୍ ଖାଦ୍ୟ ଅର୍ଡର କରି ଦେଉଛନ୍ତି । ଏହି ଅଭ୍ୟାସ କ୍ରମଶଃ ଲୋକମାନଙ୍କର ନିଶା ହେବାରେ ଲାଗିଛି । ଏପରିକି ଲୋକମାନେ ନିଜର ବଢୁଥିବା ଓଜନ ଓ ପାଚନତନ୍ତ୍ରଜନିତ ସମସ୍ୟାକୁ ମଧ ନଜରଅନ୍ଦାଜ୍ କରିବାକୁ ପଛାଉ ନାହାନ୍ତି । ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଅନୁସାରେ ଲୋକଙ୍କର ଏହି ଅଭ୍ୟାସ କେବଳ ଶାରିରୀକ ନୁହେଁ, ବରଂ ମାନସିକ ସ୍ୱାସ୍ଥ୍ୟ ଉପରେ ମଧ କୁପ୍ରଭାବ ପକାଇଥାଏ ।**

**ପୋଷଣ ଦୃଷ୍ଟିରୁ ଖରାପ- ଫୁଡ୍ ଡେଲିଭରୀରେ ମିଳୁଥିବା ଅଧିକାଂଶ ଖାଦ୍ୟ ଫାଷ୍ଟଫୁଡ୍, ପ୍ରୋସେସଡ୍ ସ୍ନାକ୍ସ ବ୍ୟତୀତ ଅଧିକ କ୍ୟାଲୋରୀ ଓ କମ୍ ପୋଷଣଯୁକ୍ତ ଖାଦ୍ୟ ହୋଇଥାଏ । ସମୟ ସହିତ ଲୋକଙ୍କର ଏହି ନିର୍ଭରଶୀଳତା ଯୋଗୁ ଅସନ୍ତୁଳିତ ଡାଏଟ୍‌ର ମାତ୍ରା କ୍ରମଶଃ ବଢିଚାଲିଛି । ଏହାଦ୍ୱାରା ଶରୀରରେ ଆବଶ୍ୟକ ଭିଟାମିନ୍, ଖଣିଜ ପଦାର୍ଥ ଓ ପୋଷକ ତ[illegible]ର ଅଭାବ ହେବାର ଆଶଙ୍କା ବଢିପାରେ ।**

ବଢୁଥିବା ଓଜନ ଓ ମୋଟାପଣ – ଅଧିକ କ୍ୟାଲୋରୀଯୁକ୍ତ ଏବଂ ସ୍ୱାସ୍ଥ୍ୟକୁ କ୍ଷତି ପହଞ୍ଚାଉଥିବା ଖାଦ୍ୟ ଓଜନ ବଢାଇବା ସହିତ ମୋଟାପଣ ବଢାଇଥାଏ । ଏଥିରେ ଅସ୍ୱାସ୍ଥ୍ୟକର ଫ୍ୟାଟ୍ସ, ଶର୍କରା ଓ ସୋଡିୟମ୍‌ର ମାତ୍ରା ଅଧିକ ରହିଥାଏ, ଯାହାଦ୍ୱାରା ମେଟାବଲିଜିମ୍ ବିଗିଡିପାରେ । ଏହାବ୍ୟତୀତ ଶରୀରରେ ଆବଶ୍ୟକତାଠାରୁ ଅଧିକ ଫ୍ୟାଟ୍ ଜମା ହୋଇପାରେ ।



ହୃଦ୍‌ଘାତଜନିତ ସମସ୍ୟା – ସ୍ୱାସ୍ଥ୍ୟକୁ କ୍ଷତି ପହଞ୍ଚାଉଥିବା ଖାଦ୍ୟ ଖାଇବା ଦ୍ୱାରା କାର୍ଡିଓ ଭାସ୍କୁଲାର ବା ହୃଦ୍‌ଘାତ ଜନିତ ସମସ୍ୟା ହେବାର ଆଶଙ୍କା ବଢିପାରେ, ଯାହା ମଧ୍ୟରେ ରହିଥାଏ ରକ୍ତଚାପ, ହୃଦ୍‌ରୋଗ ଓ ଷ୍ଟ୍ରୋକ୍ ଆଦି । ଆବଶ୍ୟକଠାରୁ ଅଧିକ ଫ୍ରାଏଡ୍ ଓ ପ୍ରୋସେସଡ୍ ଖାଦ୍ୟ ଖାଇବା ଦ୍ୱାରା ଶରୀରରେ କୋଲେଷ୍ଟେରଲ୍ ସ୍ତର ବଢିବା ସହ ଧମନୀରେ ପ୍ଲାକ୍ ଜମା ହେବାର ଆଶଙ୍କା ବଢିଥାଏ ।

ପାଚନ ତନ୍ତ୍ରରେ ସମସ୍ୟା – ଅନ୍‌ଲାଇନରେ ମିଳୁଥିବା ଖାଦ୍ୟରେ ଫାଇଭର ଓ ପୋଷକ ତତ୍ତ୍ୱ ନଥାଏ । ଫଳରେ ପାଚନକ୍ରିୟାରେ ସମସ୍ୟା ସୃଷ୍ଟି ହୋଇଥାଏ । ଯେପରିକି କବ୍ଜ, ବାରମ୍ବାର ବାନ୍ତି ଲାଗିବା ଓ ଅନିୟମିତ ବାଉଲ୍ ମୁଭମେଣ୍ଟ୍ ଆଦି।

ରକ୍ତରେ ଶର୍କରାର ଅସନ୍ତୁଳନ- ଅଧିକ ମିଠା ଓ ଅଧିକ କାର୍ବୋହାଇଡ୍ରେଟ୍‌ଯୁକ୍ତ ଖାଦ୍ୟ ସାଙ୍ଗକୁ ଖାଇବାରେ ଅନିୟମିତତା ରକ୍ତରେ ଶର୍କରା ସ୍ତରକୁ କେବେ ଅଧିକ ତ କେତେ କମ୍ କରି ଦେଇଥାଏ । ଏହାଦ୍ୱାରା ଧୀରେ ଧୀରେ ଇନ୍‌ସୁଲିନ୍ ସୃଷ୍ଟିରେ ବ୍ୟତିକ୍ରମ ଦେଖା ଦେଇଥାଏ । ଫଳରେ ଟାଇପ୍-୨ ମଧୁମେହ ଓ ମେଟାବଲିଜିମ୍‌ଜନିତ ସମସ୍ୟା ଦେଖା ଦେଇପାରେ ।

ମାନସିକ ସ୍ୱାସ୍ଥ୍ୟ ଉପରେ କୁପ୍ରଭାବ- ଖାଦ୍ୟ ଅର୍ଡର କରିବା ଅଭ୍ୟାସର ନକାରାତ୍ମକ ପ୍ରଭାବ ମାନସିକ ସ୍ୱାସ୍ଥ୍ୟ ଉପରେ ପଡିପାରେ । କଥାରେ ଅଛି ଯେମିତି ଖାଦ୍ୟ, ସେମିତି ମନ ଅର୍ଥାତ୍ ସାଦା ଖାଦ୍ୟ ଉଭୟ ଶରୀର ଓ ମସ୍ତିଷ୍କ ପାଇଁ ଭଲ ହୋଇଥାଏ । ସେହିପରି ଅତ୍ୟଧିକ ଛଣା ଓ ତୈଳାକ୍ତ ଖାଦ୍ୟ ଖାଇବା ମଧ ଶରୀର ଉପରେ କୁପ୍ରଭାବ ପକାଇଥାଏ । ଯାହାଦ୍ୱାରା ଚିନ୍ତା ଓ ଅବସାଦ ବଢିବାରେ ଆଶଙ୍କା ରହିଥାଏ ।

ଆର୍ଥିକ ଅଭାବ- ସବୁବେଳେ ଖାଦ୍ୟ ଅର୍ଡର କରିବା ଦ୍ୱାରା ପରିବାରରେ ଆର୍ଥିକ ଖର୍ଚ୍ଚ ବଢିଥାଏ । ଫଳରେ ଘରର ବଜେଟ୍ ବିଗିଡ଼ି ଯାଇପାରେ । ଖାଦ୍ୟ ଅର୍ଡର କରି ଖାଇବା ଦ୍ୱାରା ରାସନ୍ ପାଇଁ ହେବାକୁ ଥିବା ଖର୍ଚ୍ଚ ବହୁ ମାତ୍ରାରେ ବଢିଥାଏ । ଏହା ଆର୍ଥିକ ଚିନ୍ତା ବଢାଇବା ସହ ମାନସିକ ସ୍ୱାସ୍ଥ୍ୟ ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ ।

ପରିବେଶ ଉପରେ ପ୍ରଭାବ- ଫୁଡ୍ ଅର୍ଡର ସହ ପ୍ୟାକେଜିଂ ଓ ୱେଷ୍ଟ ଯୋଡ଼ି ହୋଇଥାଏ, ଯାହା ପରିବେଶ ଉପରେ କୁପ୍ରଭାବ ପକାଇଥାଏ । ଅଧିକ ଖାଦ୍ୟର ଅର୍ଡର ଯୋଗୁ ପରିବେଶରେ ପ୍ଲାଷ୍ଟିକ୍ ଓ ପ୍ରଦୂଷଣ ଜନିତ ସମସ୍ୟା ମଧ ବଢିଥାଏ ।

# ଋତୁ ଅନୁସାରେ ବଦଳେ ନଦୀର ରଙ୍ଗ




ଆପଣ କେବେ ଋତୁ ଅନୁସାରେ ରଙ୍ଗ ବଦଳାଉଥିବା ନଦୀ ସଂପର୍କରେ ଶୁଣିଛନ୍ତି କି? କଲମ୍ବିଆରେ ଏହିପରି ଏକ ନଦୀ ରିହଛି। କାନୋ କ୍ରିଷ୍ଟାଲସ ନାମକ ସେହି ନଦୀ କେତେବେଳେ ଲାଲ ତ କେତେବେଳେ ନୀଳ, ହଳଦିଆ, ସବୁଜ, ନାରଙ୍ଗୀ ଭଳି ରଙ୍ଗ ଧାରଣ କରିଥାଏ। ସେଥିପାଇଁ ତାହା ଲିକ୍ୱିଡ଼ ରେନବୋ ଭାବେ ମଧ୍ୟ ପରିଚିତ। ପ୍ରକୃତରେ ମାକାରେନିଆ କ୍ଲାଭିଗେରା ନାମକ ଏକ ଗୁଳ୍ମ ଯୋଗୁଁ କାନୋ କ୍ରିଷ୍ଟାଲସର ରଙ୍ଗ ଋତୁ ଅନୁସଦାରେ ବଦଳିବା ଭଳି ଲାଗିଥାଏ। ବର୍ଷା ଏବଂ ଶୀତ ଦିନରେ ନଦୀର ପାଣି ଉପରେ ସ୍ଥାନେ ସ୍ଥାନେ ଭାସୁଥିବା ଏହି ଗୁଳ୍ମ ଲାଲ ରଙ୍ଗ ଧାରଣ କରିଥାଏ। ସେହିପରି ଅନ୍ୟ ଦିନମାନଙ୍କରେ କେତେବେଳେ ଏହା ସବୁଜ ତ କେତେବେଳେ ହଳଦିଆ ରଙ୍ଗ ଧାରଣ କରିଥାଏ। ସେଥିଯୋଗୁ କାନୋ କ୍ରିଷ୍ଟାଲସର ରଙ୍ଗ ପରିବର୍ତ୍ତିତ ହେବାପରି ଲାଗିଥାଏ। ବିଶ୍ୱର ସୁନ୍ଦରତମ ନଦୀଙ୍କ ମଧ୍ୟରେ ଅନ୍ୟତମ କାନୋ କ୍ରିଷ୍ଟାଲସର ସୌନ୍ଦର୍ଯ୍ୟ ଅବଲୋକନ କରିବା ପାଇଁ ଆପଣ ଜୁନରୁ ଡିସେମ୍ବର ଯାଏ ଏହି ଅଂଚଳକୁ ଆସିପାରିବେ।

# ଗାଜିଆବାଦର ଗ୍ରୀନଲେଡ଼ି

ପରିବେଶ ସୁରକ୍ଷା ପାଇଁ ଏବେ ବିଶ୍ୱର ବିଭିନ୍ନ ଦେଶରେ ବହୁ ପ୍ରକାରର ଅଭିଯାନ କରାଯାଉଛି। ସେଗୁଡ଼ିକର ଲକ୍ଷ୍ୟ ହେଲା ସମସ୍ତଙ୍କୁ ଏ ସଂପର୍କରେ ସଚେତନ କରିବା। ସମସ୍ତେ ସାମାନ୍ୟତମ ପ୍ରୟାସ କଲେ ପୃଥିବୀକୁ ପ୍ରଦୂଷଣର କବଳରୁ ରକ୍ଷା କରିହେବ। ଏହା କହନ୍ତି ଉତ୍ତରପ୍ରଦେଶର ଗାଜିଆବାଦ ନିବାସୀ ରାଜଶର୍ମା। ଗତ ୫୦ବର୍ଷ ହେଲା ସେ ଏହି ଦିଗରେ କାମ କରୁଛନ୍ତି। କେବଳ ଗାଜିଆବାଦ ନୁହେଁ, ରାଜସ୍ଥାନ, ହରିଆନା, ଦିଲ୍ଲୀ ସମେତ ଅନ୍ୟ ରାଜ୍ୟରେ ବି ସେ ବୃକ୍ଷରୋପଣ କରୁଛନ୍ତି। ଏବେଯାଏ ସେ ପ୍ରାୟ ୫ଲକ୍ଷରୁ ଅଧିକ ଗଛ ଲଗାଇଛନ୍ତି। ସବୁଦିନ କୌଣସି ନା କୌଣସି ସ୍ଥାନରେ ଗଛଟିଏ ଲଗାଇବାକୁ ପ ଣ କରିଛନ୍ତି ଶର୍ମା। ସମୟ ଥିଲେ ସକାଳୁ ନିଜର ପାଖଆଖରେ ଥିବା ପାର୍କରେ ଗଛ ଲଗାନ୍ତି। ନହେଲେ ଘରକାମ ଶେଷ ହେବାପରେ ନିଜର କିଛି ସାଥୀଙ୍କ ସହିତ ଫାଙ୍କା ସ୍ଥାନରେ ଗଛ ଲଗାଇବାକୁ ବାହାରି ପଡ଼ନ୍ତି। ଛାତ୍ରଜୀବନରୁ ଏ ଦିଗରେ କାମ କରୁଥିବା ରାଜ ଶର୍ମାଙ୍କ 'ଗ୍ରୀନ ଲେଡ଼ି ଅଫ ଗାଜିଆବାଦ' ବୋଲି କୁହାଯାଉଛି। ବହୁ ଅନୁଷ୍ଠାନ ତାଙ୍କୁ ଏଥିପାଇଁ ପୁରସ୍କୃତ କରିଛନ୍ତି ୨୦୦୭ରେ ପରିବେଶବିତ୍ ଭାବେ ତାଙ୍କୁ ଜାତୀୟ ପୁରସ୍କାର ବି ମିଳିଛି।

# ଘରର ପଶ୍ଚିମ ଦିଗରେ ରଖନ୍ତୁ ନାହିଁ ଏହି ସବୁ ଜିନିଷ: ପଡିପାରେ ନକାରାତ୍ମକ ପ୍ରଭାବ

ପ୍ରତିଟି ଲୋକ ଘର ଭିତରେ ସକାରାତ୍ମକ ପରିବେଶ ଚାହିଁଥାନ୍ତି । ଏଥିପାଇଁ ବାସ୍ତୁ ପ୍ରତି ବିଶେଷ ଧ୍ୟାନ ଦେବାକୁ ପଡିଥାଏ । ଘର ଭିତରେ ସକାରାତ୍ମକ ପରିବେଶ ବଜାୟ ରଖିବା ପାଇଁ ଦିଗ ପ୍ରତି ବିଶେଷ ଧ୍ୟାନ ଦେବାକୁ ପଡିଥାଏ । ପ୍ରତ୍ୟେକ ଦିଗର ଭିନ୍ନ ଭିନ୍ନ ମହତ୍ତ୍ୱ ରହିଛି । ଦିଗର ମହତ୍ତ୍ୱ ଜାଣିବା ପରେ ହିଁ ଆମେ ଘରକୁ ବାସ୍ତୁ ଅନୁସାରେ ସଜାଡ଼ିବା ଉଚିତ୍ ହେବ । ଫଳରେ ଘର ଭିତରେ ସକାରାତ୍ମକ ଚିନ୍ତାଧାରା ବଢିବା ସହ ନକାରାତ୍ମକ ଶକ୍ତି କମ୍ କରିପାରିବେ । ଚାଲନ୍ତୁ ଜାଣିବା ବିଶେଷକରି ପଶ୍ଚିମ ଦିଗ ବିଷୟରେ । ଏହି ଦିଗର ସ୍ୱାମୀ ବରୁଣ ଦେବ । ତାଙ୍କ ସହ ଶନିଙ୍କ ପ୍ରଭାବ ମଧ ରହିଥାଏ ଏହି ଦିଗ ଉପରେ । ଚାଲନ୍ତୁ ଦେଖିବା ପଶ୍ଚିମ ଦିଗରେ କ'ଣ ନ ରଖିବା ଦରକାର।



ରଖନ୍ତୁନି ଆକ୍ୱାରିୟମ୍: ପଶ୍ଚିମ ଦିଗରେ ଏପରି କୌଣସି ଜିନିଷ ରଖନ୍ତୁନି, ଯେଉଁଥିରେ ପାଣି ସାମିଲ୍ ରହିଥିବ । ଏହି ଦିଗରେ ଆକ୍ୱାରିୟମ୍ ବା ଫାଉଣ୍ଟେନ୍ ରଖିବା ଉଚିତ୍ ନୁହେଁ । ନଚେତ୍ ଘର ଭିତରେ ନକାରାତ୍ମକ ଉର୍ଜା ବଢିଥାଏ ।

ଭଗବାନଙ୍କ ଫଟୋ ରଖନ୍ତୁନି: ପଶ୍ଚିମ ଦିଗରେ କୌଣସି ଭଗବାନଙ୍କ ଫଟୋ ବା ତାଙ୍କ ସମ୍ବନ୍ଧୀୟ ଜିନିଷ ରଖିବା ଅନୁଚିତ୍ । ପୂଜା ପାଇଁ ରଖାଯାଉଥିବା ଭଗବାନଙ୍କ ଫଟୋ ସବୁବେଳେ ପୂଜା ଘରେ ପୂର୍ବ ଆଡକୁ ମୁହଁ କରି ରଖିବା ଉଚିତ୍ ।

ତୁଳସୀ ରଖାଯାଏନା: ପ୍ରାୟ ଲୋକ ନିଜ ଘରେ ଭିନ୍ନ ଭିନ୍ନ ପ୍ରକାରର ଗଛ ଲଗାଇବାକୁ ଭଲ ପାଇଥାନ୍ତି । କିନ୍ତୁ ପଶ୍ଚିମ ଦିଗରେ କେବେ ବି ତୁଳସୀ ଗଛ ରଖିବା ଅନୁଚିତ୍ । ବାସ୍ତୁ ଅନୁସାରେ ତୁଳସୀ ଗଛ ସର୍ବଦା ପୂର୍ବ ଦିଗ ଆଡ଼କୁ ରଖିବା ଦରକାର ।

ବଡ଼ ଝରକା ରଖନ୍ତୁନି: ଘରକୁ ବାୟୁ ଚଳାଚଳ କରିବା ପାଇଁ ବଡ଼ ବଡ଼ ଝରକା ରଖିବା ଉଚିତ୍, କିନ୍ତୁ ପଶ୍ଚିମ ଦିଗରେ ଝରକା ବା କବାଟ ରଖିବା ଅନୁଚିତ୍ । ଯଦି ବଡ଼ ଝରକା ରହିଥାଏ, ତେବେ ଏହାକୁ ପରଦା ଦେଇ ବନ୍ଦ କରିଦିଅନ୍ତୁ । କରନ୍ତୁନି।

ପିଲାଙ୍କ ପଢାଘର: ଆଜିକାଲି ସମସ୍ତଙ୍କ ଘରେ ପିଲାଙ୍କ ପଢିବା ପାଇଁ ଗୋଟିଏ ଲେଖାଁଏ ପଢା ଘର ରହୁଛି । ତେବେ ଏହି ପଢା ଘରକୁ ମଧ ପଶ୍ଚିମ ଦିଗରେ ରଖିବା ଅନୁଚିତ୍ । ପଢା ଘର ସବୁବେଳେ ପୂର୍ବ ଦିଗରେ କରନ୍ତୁ, ଯାହା ପିଲାଙ୍କ ପାଇଁ ତଥା ଘର ପାଇଁ ଭଲ ହୋଇଥାଏ ।

# ତ୍ୱଚାକୁ ସୁସ୍ଥ ଓ ଚମକଦାର କରିବା ପାଇଁ କ'ଣ ଖାଇବେ ?

**ପ୍ରଦୂଷଣ, ଅସ୍ୱାସ୍ଥ୍ୟକର ଖାଦ୍ୟପେୟ, ବ୍ୟସ୍ତ ବହୁଳ ଜୀବନଶୈଳୀ ଯୋଗୁଁ ଆମ ଶରୀରରେ ଅନେକ ସମସ୍ୟା ଦେଖାଦିଏ । ସେଥିମଧ୍ୟରୁ ତ୍ୱଚା ଜନିତ ସମସ୍ୟା ଦେଖିଦିଏ । ତେବେ ତ୍ୱଚାକୁ ସୁସ୍ଥ ଓ ଚମକଦାର କରିବା ପାଇଁ କ'ଣ ଖାଇବେ ?**

- ହରମୋନାଲ ବାଲାନ୍ସ ନଥିଲେ ତ୍ୱଚାରେ ଦାଗ ଦେଖାଦିଏ।
- ସୁଷମ ଖାଦ୍ୟ ଖାଇବା ସହିତ ସତେଜ ଫଳ ଖାଇବା ଆବଶ୍ୟକ।
- ପ୍ରଚୁର ପାଣି ପିଇବା ଉପରେ ଗୁରୁତ୍ୱ ଦେବା ଆବଶ୍ୟକ।
- ଫାଷ୍ଟ ଫୁଡକୁ ଖାଇବା ମେନରୁ ସାମିଲ କରନ୍ତୁ ନାହିଁ।
- ଅତ୍ୟଧିକ ଲୁଣ ଯୁକ୍ତ ଖାଦ୍ୟ ଏବଂ ଚିନି ଥିବା ଖାଦ୍ୟକୁ ଖାଆନ୍ତୁ ନାହିଁ।
- ଭିଟାମିନ୍ ଇ, ସି ଖାଦ୍ୟ ଉପରେ ଗୁରୁତ୍ୱ ଦେବା ଆବଶ୍ୟକ।
- ବ୍ୟାୟମ କରି ଝାଳ ବାହାରିବା ଦ୍ୱାରା ତ୍ୱଚାରେ ଚମକ ଆସିବ।
- ପ୍ରତିଦିନ ୭ରୁ ୮ ଘଣ୍ଟା ଶୋଇବା ଆବଶ୍ୟକ।
- ନିଜକୁ ଅବସାଦରୁ ଦୂରେଇ ରଖିବା ଆବଶ୍ୟକ।



# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୨୯ ସେପ୍ଟେମ୍ବର ୨୦୨୩, ଶୁକ୍ରବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଭୋଟ୍ ମେଳି..

ରାଜନୀତିରେ କୌଣସି ଦଳ ସହିତ ମିତ୍ରତା ସ୍ଥାପନ କରିବା ଏବଂ ଏହାକୁ ଦୀର୍ଘକାଳୀନ ଭିତ୍ତିରେ ବଜାୟ ରଖିବା ଏତେ ସହଜ ନୁହେଁ, ଯାହା ପ୍ରମାଣିତ ହୋଇଛି ଅନେକ ବାର ; ଆଉ ଏବେ ତାମିଲନାଡୁରେ । ଏହି ରାଜ୍ୟରେ ଅନ୍ୟତମ ଦ୍ରାବିଡ଼ୀୟ ପ୍ରମୁଖ ରାଜନୀତିକ ଦଳ ଅଲ୍ ଇଣ୍ଡିଆ ଆନ୍ନା ଦ୍ରାବିଡ଼ ମୁନ୍ନେତ୍ର କାଝାଗାମ୍ (ଏଆଇଏଡିଏମ୍) ମେଣ୍ଟ ଭଙ୍ଗ କରି ହାତ ଛାଡ଼ିଛି ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ)ର । ପରିଣତିରେ ତାମିଲନାଡୁରେ ବିଜେପିର ନିର୍ବାଚନୀ ବିଜୟର ଆଶା ଗୁରୁତର ଭାବରେ ପ୍ରଭାବିତ ହେବାକୁ ଯାଉଛି । ଏହାର ଅର୍ଥ ହୁଏତ ଏପରି ହୋଇପାରେ ଯେ କେବଳ କର୍ଣ୍ଣାଟକ– ଯେଉଁଠି ୨୦୨୪ ଲୋକସଭା ନିର୍ବାଚନରେ ବିଜେପି ଜନତା ଦଳ (ଧର୍ମନିରପେକ୍ଷ) ବା ଜେଡି (ଏସ୍) ସହିତ ମେଣ୍ଟ କରି ହୁଏତ କିଛିଟା ଆସନରେ ବିଜୟ ଲାଭ କରିପାରେ– ତାକୁ ବାଦ୍ ଦେଲେ ବସ୍ତୁତଃ ପୂରା ଦକ୍ଷିଣ ଭାରତରେ ଏକଘରିକିଆ ହେବାକୁ ଯାଉଛି । ଯଦିଓ ତାମିଲନାଡୁରେ ପଟ୍ଟାଲି ମାଲ୍ଲାଲ କାଚି (ପିଏମ୍) ଭଳି କେତେକ ଛୋଟ ଛୋଟ ରାଜନୀତିକ ଦଳ ଏବେ ବି ସେମାନଙ୍କର ଏନ୍‌ଡିଏରେ ଅଂଶୀଦାର ଭାବରେ ରହିବାର ଇଚ୍ଛା ସମ୍ପର୍କରେ ସ୍ପଷ୍ଟ କରି ନାହାନ୍ତି, ତଥାପି ଏଠାରେ ବିଜେପିର ଆଶା ସଂକୁଚିତ ହେବାକୁ ଯାଉଛି ବୋଲି ଏବେଠୁ ସ୍ପଷ୍ଟ ଭାବରେ କୁହାଯାଇପାରେ, କାରଣ ଏଆଇଏଡିଏମ୍ ଥିଲା ଏହାର ମୁଖ୍ୟ ଆଶାବାଡ଼ି । ୨୦୧୯ ସାଧାରଣ ନିର୍ବାଚନରେ ରାଜ୍ୟର ମୋଟ ୩୯ ଲୋକସଭା ଆସନ ମଧ୍ୟରୁ ଏସ୍‌ପିଏ ୩୮ଟିରେ ବିଜୟ ଲାଭ କରିଥିଲା (ଏଆଇଏଡିଏମ୍ ଓ ବିଜେପି ପାଇଁ ଗୋଟିଏ ମାତ୍ର ସାନ୍ତନାମୂଳକ ବିଜୟ ଥିଲା ଓ ପନିରସେଲ୍‌ମ୍‌ଙ୍କ ପୁଅର ବିଜୟ), ଆଉ ଏହାର ଦୁଇ ବର୍ଷ ପରେ ରାଜ୍ୟ ବିଧାନସଭା ନିର୍ବାଚନରେ ମୋଟ ୨୩୪ ଆସନ ମଧ୍ୟରୁ ଏହା ହାସଲ କରିଥିଲା ୧୫୯ ଆସନ। ସାଧାରଣ ନିର୍ବାଚନ ଏବଂ ବିଧାନସଭା ନିର୍ବାଚନ ମଧ୍ୟରେ ଏଆଇଏଡିଏମ୍ ଅନ୍ୟତମ ପ୍ରମୁଖ ଦଳ ଡିଏମକେ ସହିତ ଅନ୍ତରକୁ କମାଇ ପାରିଥିଲା, ଏବଂ ଆସନ୍ତା ସାଧାରଣ ନିର୍ବାଚନରେ ଏନ୍‌ଡିଏର ଏସ୍‌ପିଏ ସହିତ କଡ଼ା ମୁକାବିଲା ହେବା ଆଶା କରାଯାଉଥିଲା । ପରନ୍ତୁ, ବର୍ତ୍ତମାନ ଏଆଇଏଡିଏମ୍ ସିଦ୍ଧାନ୍ତରେ ଉପନୀତ ହୋଇ ସାରିଛି ଯେ ଏହା ଏନ୍‌ଡିଏ ଛତାର ତଳ ଅପେକ୍ଷା ଏହା ବାହାରେ ଅଧିକ ସୁରକ୍ଷିତ। ଏନ୍‌ଡିଏ ମେଣ୍ଟରୁ ଏଆଇଏଡିଏମ୍ ହାତ ଛାଡ଼ିବାର କାରଣ ହେଉଛି ବିଜେପି ସହିତ ସମୟକ୍ରମେ ବିକଶିତ ହୋଇଥିବା ଆଦର୍ଶଗତ ବିରୋଧ ଭାବ । ବିଜେପିର ରାଜ୍ୟ ନେତୃବୃନ୍ଦ, ନିର୍ଦ୍ଦିଷ୍ଟ ଭାବରେ ବର୍ତ୍ତମାନ ସମୟର ଏହାର ରାଜ୍ୟ ମୁଖ୍ୟ କେ ଆନ୍ନାମଲାଇ ତାମିଲନାଡୁରେ ଏହି ଦଳର ପଦଚିହ୍ନକୁ ସମ୍ପ୍ରସାରିତ କରିବା ପାଇଁ ଦଳୀୟ ଯୋଜନା ଅନୁସାରେ ଏକ ଆକ୍ରମଣାତ୍ମକ ହିନ୍ଦୁତ୍ୱ କାର୍ଯ୍ୟସୂଚୀକୁ କାର୍ଯ୍ୟକାରୀ କରି ଆସୁଛନ୍ତି । ଏହାର ପରିଣତି ସ୍ୱରୂପ, ବିଜେପି ଦ୍ରାବିଡ଼ ଆନ୍ଦୋଳନର ପ୍ରବାଦପୁରୁଷ ଭାବରେ ବିବେଚିତ ଅନେକ ମହାନ ବ୍ୟକ୍ତିବିଶେଷ ଏବଂ ସେମାନଙ୍କର ହେତୁବାଦୀ ଆଦର୍ଶ ଉପରେ ଆକ୍ରମଣ ଚଳାଇଛି । ବିଗତ କିଛି ମାସ ମଧ୍ୟରେ ଆନ୍ନାମଲାଇ ଦ୍ରାବିଡ଼ ଆନ୍ଦୋଳନରେ ନେତୃସ୍ଥାନୀୟ ବ୍ୟକ୍ତି ଭାବରେ ଆବିର୍ଭୂତ ହୋଇଥିବା ପେରିୟାର ଇଭି ରାମସ୍ୱାମୀ ଏବଂ ସିଏନ୍ ଆନ୍ନାଡୁରାଇଙ୍କ ଭଳି ପ୍ରମୁଖ ବ୍ୟକ୍ତିତ୍ୱମାନଙ୍କ ଉପରେ ବିବାଦୀୟ ମନ୍ତବ୍ୟମାନ ଦେଇଛନ୍ତି । ନିକଟରେ ସନାତନ ଧର୍ମ ସମ୍ପର୍କିତ ବିବୃତି ମଧ୍ୟ ରାଜ୍ୟବାସୀଙ୍କ ଧ୍ରୁବୀକରଣରେ ସହାୟକ ହୋଇଛି, ଯେତେବେଳେ କି ବିଜେପି ନେତୃବୃନ୍ଦ ଦ୍ରାବିଡ଼ ଆନ୍ଦୋଳନକୁ ସମାଲୋଚନା କରିଛନ୍ତି। ଡିଏମ୍ ଠାରୁ ୧୯୭୨ରେ ଅଲଗା ହୋଇଥବା ଏଆଇଏଡିଏମ୍ ପେରିୟାର ଏବଂ ଆନ୍ନାଦୁରାଇଙ୍କର ପ୍ରକୃତ ଉତ୍ତରାଧିକାରୀ ଭାବରେ ନିଜକୁ ଦାବି କରିଥାଏ। ତେଣୁ ସେମାନଙ୍କ ପକ୍ଷେ ବିଜେପିର କଟୁ ମନ୍ତବ୍ୟକୁ ହଜମ କରିବା ସହଜ ନୁହେଁ, ଯାହା ଏହି ଦଳର ମୂଳଦୁଆ ଭାବରେ ପ୍ରଚଳିତ ବିଶ୍ୱାସ ଉପରେ ପ୍ରଶ୍ନ ଉଠାଇଛି । ତେବେ ଏସବୁ ଭିତରେ ଅନ୍ୟ ଏକ ମଜାର କଥା ହେଉଛି, ଏଆଇଏଡିଏମ୍ ଏ ବାବଦରେ ବିଜେପିକୁ ଅନେକ ଥର ଅବଗତ କରାଇ ଥିବା ସତ୍ତ୍ୱେ ଏବଂ ଏହାର ରାଜ୍ୟ ନେତୃତ୍ୱଙ୍କୁ ଅନୁଶାସନ ଭିତରକୁ ଆଣିବାକୁ ଚାହିଁବା ଏକ ସ୍ୱାଭାବିକ କଥା ହୋଇଥିବା ବେଳେ ବିଜେପି କିନ୍ତୁ ନିଜ ଦଳର ନେତାଙ୍କ ଉପରେ ଲଗାମ୍ କଷି ନଥିଲା ଓ ମୋଟାମୋଟି ବିଜେପି ମେଣ୍ଟ ଧର୍ମକୁ ପାଳନ କରିବା ସପକ୍ଷରେ ରହି ନଥିଲା ବୋଲି କହିବା ଅତ୍ୟୁକ୍ତି ହେବନାହିଁ, ଯେହେତୁ ଏହି ଧର୍ମ ଅନୁସାରେ ପରସ୍ପର ସହିତ ହାତ ମିଳାଇ ଥିବା ଦଳ ପରସ୍ପରଙ୍କ କଥା ଅର୍ଥାତ୍ ଭାବାବେଗ ପ୍ରତି ସମ୍ମାନ ପ୍ରଦର୍ଶନ କରିବା ଆଶା କରାଯାଏ । ତେଣୁ ଏଥିରୁ ମନେହୁଏ ଯେ ସ୍ୱଳ୍ପକାଳୀନ ଭିତ୍ତିରେ ନିଜର ଲୋକପ୍ରିୟତାକୁ ବିପଦାପନ୍ନ କରି ଦୀର୍ଘକାଳୀନ ଭିତ୍ତିରେ ବିଜେପି ରାଜ୍ୟ ନେତୃତ୍ୱଙ୍କ ଦ୍ୱାରା ଅନୁସୃତ କଠୋର ଆଦର୍ଶଗତ ଧାରାକୁ ହୁଏତ ଏଠାରେ ବଜାୟ ରଖିବାକୁ ଚାହୁଁଥାଇପାରେ, ଯେଉଁଥିପାଇଁ ଏହା ଏଆଇଏଡିଏମ୍ କଥା ପ୍ରତି କର୍ଣ୍ଣପାତ କରିନାହିଁ । ଦ୍ରାବିଡ଼ ଦଳମାନଙ୍କ ସହିତ ଅତୀତରେ ଏହାର ମେଣ୍ଟ କରିବା ନିର୍ବାଚନୀ ଲକ୍ଷ୍ୟକୁ ହାସଲ କରିବା ଭିତରେ ସୀମିତ ଥିଲା– କେନ୍ଦ୍ରୀୟ ନେତୃବୃନ୍ଦ ଦ୍ରାବିଡ଼ ଆନ୍ଦୋଳନର ହେତୁବାଦୀ ରାଜନୀତିକୁ ନେଇ ମୁହାଁମୁହିଁ ହେବାକୁ ଏଡ଼ାଇ ଯାଇଥିଲେ। ସେହି ପର୍ଯ୍ୟାୟ ସମ୍ଭବତଃ ଶେଷ ହୋଇଛି, ଅନ୍ତତଃପକ୍ଷେ ବର୍ତ୍ତମାନ ପାଇଁ ବୋଲି କୁହାଯାଇପାରେ । ତେବେ ଏସବୁ ଭିତରେ ଡିଏମ୍ ଦୁଇଜଣଙ୍କ କଳିରେ ତୃତୀୟ ପକ୍ଷର ଲାଭ ହେବା ଭଳି ଫାଇଦା ଉଠାଇ ପାରେ । ଆସନ୍ତା ଲୋକସଭା ନିର୍ବାଚନ ହିଁ ଏହାର ପ୍ରକୃତ ସ୍ଥିତିକୁ ଦର୍ଶାଇବ।



## ନୀରବ ବିଦ୍ରୋହ

### ଡକ୍ଟର ଲକ୍ଷ୍ମଣ ସାହୁ

ତିନି ବର୍ଷର କୁନି ଝିଅ ରୋଜି ଅଝଟ ଅବୁଝା । ସାହୁ ଦମ୍ପତିଙ୍କ ପାଇଁ ଚିନ୍ତାର କାରଣ ପାଲଟିଥିଲା । ରୋଜି ତାଙ୍କର ଏକମାତ୍ର ଅଳିଅଳ କନ୍ୟା । ଗୋଟିଏ ଦୀପ ସଦୃଶ୍ୟ ସେ ସେମାନଙ୍କ ପାଇଁ ସମସ୍ତ ଆଶା ଭରସା ହଜାର ସ୍ୱପ୍ନ ଥିଲା । କିନ୍ତୁ ରୋଜି, ଯେ ପିଲାଦିନରୁ ମୁକ୍ତ ହେବାକୁ ସକ୍ଷମ ହୋଇନଥିଲା । ଏବେ ସେହି ସ୍ୱାମୀ ସ୍ତ୍ରୀଙ୍କର ମୁଖ୍ୟ ଚିନ୍ତା ରୋଜିର ଆଡମିସନ୍ ନେଇ । ସେ ଯାହା ହେଉ, ରୋଜିକୁ ସହରର ସବୁଠାରୁ ପ୍ରସିଦ୍ଧ ଥିବା ବିଦ୍ୟାଳୟରେ ଭର୍ତ୍ତି କରିବାକୁ ସ୍ୱାମୀ-ସ୍ତ୍ରୀ ସ୍ଥିର ମନସ୍ଥ କରିଥିଲେ । ବିଦ୍ୟାଳୟ ତିନି ବର୍ଷରୁ ଅଧିକ ପିଲାମାନଙ୍କୁ ଗ୍ରହଣ କରିଥିଲା, ରୋଜି ସେହି ବୟସର ଥିଲା। କିନ୍ତୁ ସେହି ଖ୍ୟାତନାମା ବିଦ୍ୟାଳୟରେ ଆଡମିଶନ ପାଇବା ଆକାଶରୁ ସଫଳ ଜହ୍ନ ମାମୁଁକୁ କାଢିବା ପରି ଥିଲା । ସତରେ ସେମାନଙ୍କ ପାଇଁ ଏହି ମାମଲାଟି ଗୋଟିଏ ଅସୁସ୍ଥକର ପରିବେଶ ଭିତରେ ଥିଲା । ଏହା ସହରର ସବୁଠାରୁ ଖ୍ୟାତନାମା ବିଦ୍ୟାଳୟ ଥିବାରୁ ପ୍ରାୟତଃ ସବୁ ଅଭିଭାବକ ସେମାନଙ୍କ ପିଲାଙ୍କୁ ସେଠାରେ ଆଡମିଶନ କରିବାକୁ ପ୍ରତିଯୋଗିତାରେ ଭାଗ ନେଉଥିଲେ ।

ସାହୁ ପରିବାର ଜାଣିବାକୁ ପାଇଲା ଯେ ସେହି ବିଦ୍ୟାଳୟରେ ଆଡମିଶନ ପାଇଁ ପୂର୍ବରୁ ପିଲାମାନଙ୍କର ଏକ ଲିଖିତ ପରୀକ୍ଷା ସହ ତା'ପରେ ସାକ୍ଷାତକାର ନିଆଯାଏ । ରୋଜିର ନୂତନ ଶିକ୍ଷା କ୍ଷେତ୍ରରେ ନାଁ ଲେଖା ଆଡମିଶନ ପାଇଁ ପରୀକ୍ଷା ଅଢେଇ ମାସ ବାକି ରହିଲା । ଏଥିରେ ସାହୁ ଦମ୍ପତି ଚିନ୍ତିତ ହୋଇପଡ଼ିଥିଲେ ।

ଆଜିକାଲି ଶ୍ରୀମତୀ ସାହୁ ତାଙ୍କ ପାଇଁ ରୋଜିକୁ ଧୁମ୍ ପିଟୁଛନ୍ତି । କୌଣସି ପ୍ରକାରେ ନାଁ ଲେଖିବା ପ୍ରସ୍ତୁତିରେ ସେମାନେ ବ୍ୟସ୍ତ ଥିଲେ । କିନ୍ତୁ ଛୋଟ କୁନି ଝିଅ ରୋଜି ଏହି ଘଟଣାର ଗମ୍ଭୀରତାକୁ ବୁଝିପାରିନଥିଲା। ଯେତେବେଳେ ଶ୍ରୀମତୀ ସାହୁ ତା'କୁ କିଛି ଶିଖାଇବାକୁ ବସିବେ, ସେ ଖେଳିବାକୁ ପଳାଇଯାଏ । ବ୍ୟସ୍ତ ବିବ୍ରତ ହୋଇ ଶ୍ରୀମତୀ ସାହୁ ପାଟିକରନ୍ତି ମୁଁ ସକାଳେ ସନ୍ଧ୍ୟା ପର୍ଯ୍ୟନ୍ତ ଯାହା ଶିକ୍ଷା ଦେଇଥିଲି ତାହା ଭୁଲିଯାଉଛୁ । ସ୍ୱାମୀ ଓ ସ୍ତ୍ରୀ ଚିନ୍ତିତ ଥିଲେ ଯେ ଯଦି ସେମାନେ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇପାରିବେ ନାହିଁ । ତେବେ ରୋଜି କିପରି ସେହି ବିଦ୍ୟାଳୟରେ ଆଡମିଶନ ପାଇପାରିବ ?

ହଠାତ୍ ଦିନେ ବିଲେଇ କପାଳକୁ ଭାଗ୍ୟ ଛିଙ୍କିଲା । ରୋଜିକୁ ନିୟନ୍ତ୍ରଣ କରିବା ପାଇଁ ଶ୍ରୀମତୀ ସାହୁ ଏକ ଅକ୍ଷୟ ରେସିପି ଧରିଥିଲେ । ଏହା ଅପରାହ୍ନ ବେଳେ ଘଟିଥିଲା, ରୋଜି କିଛି ଦୁଷ୍ଟାମୀ କରୁଥିଲା ଓ ଶ୍ରୀମତୀ ସାହୁ ତାଙ୍କୁ ଗାଳି ଦେଉଥିଲେ ସେତେବେଳେ କବାଟ ବାହାରେ ଏକ ସ୍ୱର ଶୁଣାଗଲା, 'ମା, ଭଗବାନଙ୍କ ନାମରେ ଭିକ୍ଷୁଙ୍କୁ କିଛି ଭିକ୍ଷା ଦିଅ ... ଅଲେଖ ନିରଂଜନ।'

ଯେତେବେଳେ ଶ୍ରୀମତୀ ସାହୁ ଝରକା କଡ଼ରେ ଦେଖିଲେ ଯେ ଜଣେ ଗେରୁଆ ବସ୍ତ୍ର ପରିହିତା ସାଧୁ । କାନ୍ଧରେ ଏକ ବଡ ତାଳପତ୍ର ଛତା ଓ ବ୍ୟାଗ ଧରି ଏକ ଦଉଡିରେ ବନ୍ଧା ହୋଇଥିବା ଏକ କମଣ୍ଡଲ୍ ଟାଙ୍ଗିଛନ୍ତି। ମୁଖ ମଣ୍ଡଳ ଏକ ଲମ୍ୱା ଖିଚି ଦାଢୀ -ସୋରିଷ ଓ ଲମ୍ୱା ଟାଙ୍ଗିଆ କେଶ ବଡ଼ ଜଟା ହୋଇଛି । କବାଟ ବାହାରେ ଥାଇ ତାଙ୍କ ମନରେ ଏକ ଧାରଣା ତୁରନ୍ତ ଝଲସି ଉଠିଲା । ସେ ରୋଜିକୁ ଧରି ପ୍ରାୟ କବାଟକୁ ଟାଣି ନେଇଗଲେ। 'ନିଅ ବାବା, ଏହି ପିଲାଟିକୁ ନେଇଯାଅ । ସେ ମୋ କଥା ମଧ୍ୟ ଶୁଣୁ ନାହିଁ ।' ରୋଜିକୁ ଆଗକୁ ଠେଲି ଶ୍ରୀମତୀ ସାହୁ ସାଧୁଙ୍କୁ କହିଥିଲେ। ସାଧୁ ଏହି କଥା ଶୁଣି ସବୁ ବୁଝିଥିଲେ। ସେ ଶ୍ରୀମତୀ ସାହୁଙ୍କ ଆଡକୁ ଚାହିଁ କହିଲେ, 'ତୁମେ କ'ଣ କହିଲ ? ଏହି ବାଳିକା ଦୁଷ୍ଟାମୀ କରେ ? ସେ ଆପଣଙ୍କ କଥା ଶୁଣନ୍ତି ନାହିଁ? ... ମୁଁ ନିଶ୍ଚିତ ଭାବରେ ତା'କୁ ନେବି ।

'ହଁ ବାବା ... ଏହାକୁ ନିଅ । ସେ ମୋ କଥା ଆଦୌ ଶୁଣେ ନାହିଁ କି ଗୁଡ୍ ଗାର୍ଲ୍ ହୁଏ ନାହିଁ, ଲେଓ ଯାଓ।' ତାଂକୁ ଆଣ, ମୋ ବ୍ୟାଗରେ ରଖ।' ସାଧୁ କାନ୍ଧରେ ଝୁଲୁଥିବା ଏକ ବଡ ବ୍ୟାଗ ଖୋଲି ତାଙ୍କ ସାମ୍ନାରେ ବିସ୍ତାର କରି କହିଲେ। ସେହି ସାଧୁଙ୍କ ଭୟଭୀତ ବିକଟ ଚେହେରା ଦେଖି ଓ ତାଙ୍କ କଥା ଶୁଣିବା ମାତ୍ରେ ରୋଜିର ଚିନ୍ତା ଲୋପ ପାଇଲା । ସେ ଭୟଭୀତ ହୋଇ କମ୍ପିବାକୁ ଲାଗିଲା । ନିଜ ମା'ଙ୍କ ପାଦରେ ଆଣ୍ଠୁମାଡ଼ି କାନ୍ଦି କାନ୍ଦି କହିଲା - 'ନା ମାମା... ନା...'। ମୁଁ ଆଉ ଦୁଷ୍ଟାମୀ କରିବି ନାହିଁ, ଖନେଇ ଖନେଇ ଲୁହ ପୋଛି ରୋଜି କହିଲା ମୁଁ ମାଡ଼ ଖାଇବି ନାହିଁ ।' ଠିକ୍ କୁହ... ନା ମାମା କେବେ ଦୁଷ୍ଟାମୀ କରିବି ନାହିଁ?'

'ନା ମାମା...କେବେ ନା ନୁହେଁ ।'

'ମୁଁ ଯାହା କହୁଛି ସେକଥା ଶୁଣିବୁ...?' 'ମୁଁ ରାଜି ହେବି...'

ତୁ କ୍ଷୀର ପିଇବୁ କି ନାହିଁ...? 'ମୁଁ ପିଇବି..' 'ଜଜ୯ସେ ପାଠ କରିବୁ କି ନାହିଁ?' ହଁ କରିବି କହି ରୋଜି ଭୟରେ ଥରିବାକୁ ଲାଗିଲା ଶ୍ରୀମତୀ ସାହୁ ସେହି ସମୟରେ ଯାହା ବି ମନେ ରଖିଥିଲେ, ସେ ସାଧୁଙ୍କ ସାମ୍ନାରେ ରୋଜିକୁ ବିଶ୍ୱାସ କରିଥିଲେ । ଏହା ପରେ ରୋଜିକୁ ବର୍ଣ୍ଣନା କରିବାବେଳେ ସେ ସେହି ସାଧୁଙ୍କୁ କହିଲେ- 'ଠିକ ଅଛି ବାବା ... ଆସ, ଆଜି ତାକୁ ଛାଡିଦିଅ । ଯଦି ସେ ଆଜି ପରଠାରୁ କୌଣସି ଦୁଷ୍ଟାମୀ କରେ, ତେବେ ମୁଁ ତାକୁ ଆପଣଙ୍କ ନିକଟକୁ ପଠାଇବି ।'

ହଁ... ଯଦି ସେ ପୁନର୍ବାର ଦୁଷ୍ଟାମୀ କରନ୍ତି, ମୋତେ ଖବର ଦେବେ । ମୁଁ ଆସି ତାକୁ ନେଇଯିବି ।' ଖର୍ବକାୟ ଭୟଙ୍କର ରୋଜି ଆଖିଲେ ଦିଶୁଥିବା ସାଧୁ ଉଜ୍ଜ୍ୱଳ ଆଖିରେ କହିଲେ ଏବଂ ଭିକ୍ଷା ନେଇ ଚାଲିଗଲେ । ସେହି ବିକଟାଳ ଅଥଚ ଗେରୁ କୌପୀନ ପରହିତା ସାଧୁଙ୍କ ଦାନ ପରେ ଚାଲିଗଲେ । କିନ୍ତୁ ଘଣ୍ଟିକୁ ନିୟନ୍ତ୍ରଣ କରିବା ପାଇଁ ଏକ ଜଟା ଦଉଡି ଶ୍ରୀମତୀ ସାହୁଙ୍କ ଦିଆଗଲା । ସନ୍ଧ୍ୟାରେ ସେ ସେହି ଜଟା ପ୍ରସ୍ତୁତ କରିଥିଲେ ।

ଯେତେବେଳେ ଶ୍ରୀମତୀ ସାହୁ ସ୍ୱାମୀଙ୍କୁ ଏ ବିଷୟରେ କହିଲେ, ସେ ମଧ୍ୟ ବହୁତ ଖୁସି ଥିଲେ ।

ବର୍ତ୍ତମାନ ଯଦି ରୋଜି କ୍ଷୀର ପିଇବାରେ ଦ୍ୱିଧା କରନ୍ତି, ତେବେ ଶ୍ରୀମତୀ ସାହୁ ସେହି ଜଟା ପ୍ରସ୍ତୁତ ବିକଟିଆ ଦଉଡ଼ି ଦେଖାଇ ରୋଜିକୁ ଭୟଭୀତ କରିବାକୁ ଅପଚେଷ୍ଟା କରୁଥିଲେ ।

ସେ ଧମକ ଦେବା ଆରମ୍ଭ କଲେ, 'ଅପେକ୍ଷା କର, ମୁଁ ତୁମକୁ ବର୍ତ୍ତମାନ ସାଧୁ ବାବାଙ୍କ ନିକଟକୁ ପଠାଇବି'। ଏବଂ ରୋଜି ଭୟ ହେତୁ ଚୁପଚାପ୍ କ୍ଷୀର ପିଉଥିଲେ । ଯେତେବେଳେ ତାଙ୍କୁ ଶିକ୍ଷାଦାନ କରିବାକୁ ଡକାଗଲା, ସେ ସାଧୁ ଭିକ୍ଷୁଙ୍କ ନାମ କହିବା ହେବା ମାତ୍ରେ ଚୁପଚାପ୍ ଅଧ୍ୟୟନ କରିବାକୁ ବସିଥିଲେ । ଯଦି ସେ ଅପରାହ୍ନରେ ଶୋଇବାକୁ ଚାହାଁନ୍ତି, ତେବେ ସେ ଖେଳୁଥିବା ରୋଜିକୁ କହିବେ - 'ରୋଜି ! ଚାଲ ଏବେ ଶୋଇବାକୁ ଯିବା, ନଚେତ୍ ମୁଁ ସାଧୁ ବାବାଙ୍କୁ ଡାକିବି । 'ଖେଳନା ଛାଡି, ରୋଜି ଆଖି ବନ୍ଦ କରି ଚୁପଚାପ୍ ବିଛଣାରେ ଶୋଇ ରହିଲା । ଏପରି ପ୍ରତ୍ୟେକ ପରିସ୍ଥିତିରେ ବର୍ତ୍ତମାନ ରୋଜିକୁ ଖାଦ୍ୟ-ପାନୀୟ, ଜାଗ୍ରତ-ଶୋଇବା, ପଢିବା-ଲେଖିବା ଓ ଖେଳିବା-ଜମ୍ପ କରିବା ତାଙ୍କ ମା'ଙ୍କ ଇଚ୍ଛା ଅନୁଯାୟୀ ନିୟନ୍ତ୍ରିତ ହେଉଥିଲା।

କିଛି ଦିନ ପାଇଁ ସବୁକିଛି ଠିକ୍ ଚାଲିଲା, କିନ୍ତୁ ଭୟର ସୂତ୍ର ସମୟ କ୍ରମେ ଭାଗ ଭାଗ ହୋଇଗଲା ।

ମୁଁ ବନ୍ଧା ହୋଇ ରହିଲି, କିନ୍ତୁ ଦିନେ ରୋଜିର ଛୋଟିଆ ହୃଦୟ ଓ ମନରେ ନିରବ ବିଦ୍ରୋହ ଦେଖାଦେଲା। ବିଳମ୍ବିତ ରାତି ହୋଇଯାଇଥିଲା । ଶିକ୍ଷାଦାନ, ଶିକ୍ଷାଦାନ ପରେ, ଦୁଇ ଘଣ୍ଟା ପାଇଁ ଶିଖାଇବା, ଘୋଷା ନେବା ଆଦି ନିୟମିତ ଯେମିତି ରୋଜିକୁ ଅତି ବ୍ୟସ୍ତ ବିବ୍ରତ କରି ଅନିୟମିତତା ଆଡ଼କୁ ଟାଣି ନେଉଥିଲା । ସେଦିନ ମଧ୍ୟାହ୍ନରେ ଶ୍ରୀମତୀ ସାହୁ ରୋଜିକୁ ଖାଦ୍ୟ ଖାଇବାକୁ ଦେଇ ତାକୁ ଶୋଇବାକୁ କହିଲେ । କିନ୍ତୁ ସକାଳ ସାତଟାରୁ ଅଧ୍ୟୟନ କରୁଥିବା ରୋଜି ଏବେ ଖେଳିବା ଭଳି ଅନୁଭବ କଲେ । ମା'ଙ୍କ ଆଦେଶକୁ ଅବମାନନା କରି ସେ ଖେଳନା ବ୍ୟାଗକୁ କୋଠରୀ ଚଟାଣରେ ଓଲଟାଇ ଖେଳିବାକୁ ବସିଲେ।' ରୋଜି ! ଆସେ, ବର୍ତ୍ତମାନ ଖେଳିବା ବନ୍ଦ କର ଓ ଚୁପଚାପ୍ ଶୋଇ ରୁହ।' ଶ୍ରୀମତୀ ସାହୁ ପୁଣି କହିଛନ୍ତି । କିନ୍ତୁ ରୋଜି ତା' ସ୍ଥାନରୁ ବାହାରି ନଥିଲା। ସେ ଖେଳରେ ବ୍ୟସ୍ତ ଥିଲା ଯେପରି ସେ କିଛି ଶୁଣି ନାହିଁ ।

ରୋଜି, ମୁଁ କିଛି କହୁଛି ଶୁଭାଯାଉନି ?' ଶ୍ରୀମତୀ ସାହୁ ଏକ ଉଚ୍ଚ ସ୍ୱରରେ କହିଥିଲେ ।

ରୋଜି ପ୍ରତିକ୍ରିୟା କିଛି କଲା ନାହିଁ। ସେ ନିଜ ଖେଳନା କାରରେ ଚାବି ଭରିବାରେ ବ୍ୟସ୍ତ ଥିଲା ।

ରୋଜି ଆସ ଓ ମୋ ସହିତ ଶୋଇ ରୁହ, ନଚେତ୍ ମୁଁ ସାଧୁ ବାବାଙ୍କୁ ଡାକିବି । ସେ ତାଙ୍କ ବ୍ୟାଗରେ ରଖି ତୁମକୁ ନେଇଯିବେ 'ମମି ଶ୍ରୀମତୀ ସାହୁ ତାଙ୍କର ଶେଷ ଅସ୍ତ୍ର ପ୍ରୟୋଗ କଲେ ।

ଆଶ୍ଚର୍ଯ୍ୟର କଥା, ତାଙ୍କର ଧମକ ରୋଜି ଉପରେ କୌଣସି ପ୍ରଭାବ ପକାଇ ନଥିଲା । ତା'ଙ୍କ ଗାଳି ଓ ଧମକ ପ୍ରଭାବହୀନ ହୋଇଥିବାର ଦେଖି ଶ୍ରୀମତୀ ସାହୁ ରାଗରେ ଉଠି ରୋଜି ଗାଲରେ ଚାପୁଡ଼ା ମାରିବା ସହ ତାଙ୍କୁ ଟାଣିବାକୁ ଲାଗିଲେ ।

ମୁଁ ଏତେ ସମୟ ଧରି କହୁଛି, ତୁ ଶୁଣି ପାରୁ ନାହୁଁ ...? ଆସ, ଚୁପ୍ ରୁହ ।' ସେ ଗାଳିଗୁଲଜ କରି ଗର୍ଜି ଉଠିଲେ । ନା...ଇ...ଇ... ଇ... ମୁଁ ନାଇକୁ ସ୍ପର୍ଶ କରିବି ନାହିଁ। ମୁଁ ବର୍ତ୍ତମାନ ଖେଳିବି । ରୋଜି ପାଟି କରି ମମିର ହାତ ହଲାଇଲା । ତା'ପରେ ହଠାତ୍ ଶ୍ରୀମତୀଙ୍କ କ୍ରୋଧ ବଢିଗଲା । ସେ ତାକୁ ବହୁତ ଜୋରରେ ତା' କାନ ଧରି ଗାଲରେ ପିଠିରେ ଚାପୁଡ଼ା ଦେଲେ । ଅନ୍ୟପକ୍ଷରେ, ରୋଜି ମଧ୍ୟ ତାଙ୍କ ମା'ଙ୍କ କଥା ନ ଶୁଣିବାର ଜିଦ୍ ଧରିଥିଲେ । ସେ ହାତ ଓ ଗୋଡ଼କୁ ଛାଟି ଚିତ୍କାର କରି ଚଟାଣରେ ଗଡ଼ିବା ଆରମ୍ଭ କଲା । କିଛି ସମୟ କାନ୍ଦିବା ଓ ଛାଟିପିଟି କରିବା ପରେ ରୋଜି ଉଠି ପୁଣି ନିଜ ଖେଳନା ସହିତ ଖେଳିବା ଆରମ୍ଭ କଲା ।

ଯେତେବେଳେ ମିଷ୍ଟର ସାହୁ ସନ୍ଧ୍ୟାରେ ଫେରିଲେ । ଶ୍ରୀମତୀ ସାହୁ ତାଙ୍କୁ ରୋଜିର ବଦ୍ ଗୁଣ ଅପାରଗତା ବିଷୟରେ କହିଥିଲେ । ଏହା ଶୁଣି ମିଷ୍ଟର ସାହୁଙ୍କ କପାଳରେଖାରେ ଚିନ୍ତାର ଧାଡ଼ି ଦେଖାଗଲା । ରୋଜିକୁ ସାହାଯ୍ୟ କରିବା ପାଇଁ ଦୁର୍ଘଟଣାର ଏକ ସମାଧାନ ମଧ୍ୟ ମିଳିଲା ନାହିଁ । ସେ ରୋଜିକୁ ଡାକିଲେ ଓ ଗାଳିଗୁଲଜ କରି ପଚାରିଲେ- 'ତୁମେ ତୁମ ମା'ଙ୍କ କଥା କାହିଁକି ଶୁଣିଲ ନାହିଁ ?'

ରୋଜି କିଛି କହିଲା ନାହିଁ । ତା'ର ପାଟିକୁ ବେଲୁନ୍ ପରି ଫୁଲେଇ ଚୁପ୍ ରହିଲେ । ଏହି ସମୟରେ ଶ୍ରୀମତୀ ସାହୁ ଏକ ଗ୍ଲାସ କ୍ଷୀର ନେଇ ଆସିଥିଲେ । 'ଆସ, କ୍ଷୀର ପିଅ ।' ଶ୍ରୀମତୀ ଗାଳି ଦେଇଥିଲେ, କିନ୍ତୁ ରୋଜି ଚୁପ୍ ରହିଲେ ଯେପରି ସେ କିଛି ଶୁଣି ନାହାଁନ୍ତି ।

ମୁଁ କହୁଛି କ୍ଷୀର ପିଅ ।' ମିଷ୍ଟର ସାହୁ ଜୋରରେ ଗର୍ଜନ କଲେ । କିନ୍ତୁ କୌଣସି ସୁଫଳ ମିଳିଲା ନାହିଁ । ରୋଜି ଅନ୍ୟ ଆଡକୁ ମୁହଁ ବୁଲାଇ ନେଲା।

ଏଥିରେ ମିଷ୍ଟର ସାହୁ ଖୁବ୍ ରାଗିଗଲେ । ସେ ଝିଅର ଗାଲରେ ତିନିରୁ ଚାରି ଚାପୁଡ଼ା ମାରିଲେ । ଝିଅ ତାଙ୍କ ଗଳା ଫଟେଇ କାନ୍ଦିବାକୁ ଲାଗିଲା, ତଥାପି ସେ କ୍ଷୀର ପିଇ ନଥିଲା, ସେ ଦୀର୍ଘ ସମୟ ଧରି ଚଟାଣରେ ବସି କାନ୍ଦିବାକୁ ଲାଗିଲା । ତା'ପରେ ହଠାତ୍ ସେ ଚୁପ୍ ହୋଇ ଉଠି ଘରୁ ବାହାରକୁ ଯିବାକୁ ଲାଗିଲା ।

ତୁ କେଉଁଠାକୁ ଯାଉଛୁ ?' ମିଷ୍ଟର ସାହୁ କହିଲେ ।

(ଅବଶିଷ୍ଟାଂଶ ପୃଷ୍ଠା-୭ରେ)



## ଭାବର ବାଣୀ ଭାଗବତ

### ବାଦଲ ଭୂୟାଁ

ଆଶ୍ୱିନ ମାସ ପ୍ରଥମ ଦିନ ପୂର୍ଣ୍ଣିମା ତିଥିକୁ ଇନ୍ଦ୍ରୋତ୍ସବ ପୂର୍ଣ୍ଣିମା ବା ଶ୍ରୀମଦ୍ ଭାଗବତ ଜୟନ୍ତୀ ବୋଲଇ ଆମ ହିନ୍ଦୁ ମତରେ ସ୍ୱତନ୍ତ୍ର ଦିବସ ଭାବେ ଆଧ୍ୟାତ୍ମିକ ଚେତନାରେ ପାଳନ କରାଯାଏ । ଏହାର ପରଦିନ ଅପରପକ୍ଷ ପିତୃତର୍ପଣ ଆରମ୍ଭ ହୁଏ । ଏହି ଦିବସଟି ହିନ୍ଦୁ ଧର୍ମାବଲମ୍ବୀମାନଙ୍କ ପାଇଁ ଏକ ବିଶେଷ ଦିବସ । ହିନ୍ଦୁମାନଙ୍କ ମତରେ ଏହି ଦିନ ମହାପୁରୁଷ ଭଗବାନ ବ୍ୟାସ ଦେବଙ୍କ ଦ୍ୱାରା ଶ୍ରୀମଦ୍ ଭଗବତ୍ ଗୀତା ରଚିତ ହୋଇଥିଲା । ଅନ୍ୟ ତିନି ଯୁଗ ତୁଳନାରେ କଳିଯୁଗରେ ମଣିଷମାନେ ଅଳ୍ପାୟୁଷ, ଦିଗଭ୍ରଷ୍ଟ ଏବଂ ଅଜ୍ଞାନ ହୋଇଥାଆନ୍ତି । ସେମାନେ କିପରି ନିଜର ଧର୍ମକୁ ନିଜେ ପାଳନ କରିବେ ସେଥିନିମନ୍ତେ ମହର୍ଷି ବ୍ୟାସଦେବ ସ୍ୱରଚିତ ଭାଗବତରେ ବିଭିନ୍ନ ଉଦାହରଣ ଦେଇ ବର୍ଣ୍ଣନା କରିଛନ୍ତି । ବାସ୍ତବରେ ଭାଗବତ ହେଉଛି କାଳଜୟୀ ଏବଂ ଅମର । ଏହାର ଲେଖା ପ୍ରତ୍ୟେକ ବ୍ୟକ୍ତିବିଶେଷ ପାଇଁ ଏକାନ୍ତ ଆବଶ୍ୟକ । ନୈଷ୍ଠିକ ହିନ୍ଦୁ ପରିବାରରେ ଭାଗବତ ପ୍ରତିଦିନ ପାଠ କରାଯାଏ । ଭାଗବତକୁ ପଠନ କରୁଥିବା ଏବଂ ଶ୍ରବଣ କରୁଥିବା ଧର୍ମାତ୍ମା ବାସ୍ତବରେ ମହାନ୍ । ଗାଁ ଗାଁରେ ଦେବାଳୟରେ, ମନ୍ଦିରମାନଙ୍କରେ, ଧର୍ମପୀଠରେ ଭାଗବତ ଟୁଙ୍ଗିମାନ ପ୍ରତିଷ୍ଠା କରାଯାଇ ଦେଶ, ଜାତି ତଥା ବ୍ୟକ୍ତିର ଉନ୍ନତି ପାଇଁ ଭାଗବତ ପାଠ କରାଯାଏ ।

ଭଗବାନ ବ୍ୟାସଦେବ ବେଦ, ଉପନିଷଦ, ମହାଭାରତ, ଗାୟତ୍ରୀ ଏବଂ ପୁରାଣ ରଚନା କରି ସେତିକିରେ ସନ୍ତୋଷ ନଥିଲେ । ତେଣୁ ସେ ଜଗତ କଲ୍ୟାଣର ବାର୍ତ୍ତା ସମସ୍ତଙ୍କ ପାଖରେ ପହଞ୍ଚାଇବା ପାଇଁ ବ୍ରହ୍ମର୍ଷି ନାରଦଙ୍କ ପରାମର୍ଶରେ ରଚନା କରିଥିଲେ । ଶ୍ରୀମଦ୍ ଭାଗବତ୍ ଯେଉଁଥିରେ ଅଠର ହଜାର ଶ୍ଳୋକ ରହିଅଛି । ଭଗବାନଙ୍କ ଦ୍ୱାରା ଏହା ରଚିତ ହୋଇଥିବାରୁ ଏହାର ଭାଗବତ କୁହାଯାଏ । ଭାଗବତର ତତ୍ତ୍ୱ ବିଶେଷଭାବେ ଶରୀର ତତ୍ତ୍ୱ, ଜନସଚେତନତା ଏବଂ ସମାଜମଙ୍ଗଳ ଉଦ୍ଦିଷ୍ଟ । ବ୍ୟାସକୃତ ସଂସ୍କୃତ ଭାଗବତରେ ଶୁକମୁନି ରାଜା ପରୀକ୍ଷିତଙ୍କୁ କାହାଣୀ କହିବା ମାଧ୍ୟମରେ ବହୁ ଉପଦେଶ, ପରାମର୍ଶ ଦେଇଛନ୍ତି । ଯାହା ଅତ୍ୟନ୍ତ ସୁନ୍ଦର ଏବଂ ହୃଦୟସ୍ପର୍ଶୀ । ସଂସାରର ରୀତିନୀତି, ଚାଲିଚଳଣି, ଆଦବକାଇଦା ଆଦି ଏଥିରେ ସ୍ୱତନ୍ତ୍ର ଭାବେ ଉଦାହରଣ ମାଧ୍ୟମରେ ରଚନା କରାଯାଇଛି । ମହାପୁରୁଷ ଜଗନ୍ନାଥ ଦାସ ତାଙ୍କ ମାତାଙ୍କ ଅନୁରୋଧ ରକ୍ଷା କରି ବ୍ୟାସକୃତ ଶ୍ରୀମଦ୍ ଭାଗବତକୁ ଓଡ଼ିଶା ନବାକ୍ଷରୀ ଛନ୍ଦରେ ରଚନା କରିଛନ୍ତି । ଯାହାକୁ ଗଜପତି ପ୍ରତାପରୁଦ୍ର ଦେବ ଓଡ଼ିଶାର ଗ୍ରାମେ ଗ୍ରାମେ ଭଗବତ ଟୁଙ୍ଗିମାଧ୍ୟମରେ ଭାଗବତ ବାଣୀ ପ୍ରଚାର ଓ ପ୍ରସାର କରାଇଥିଲେ । ଭାଗବତକୁ ଭଗବାନଙ୍କ ପ୍ରତ୍ୟକ୍ଷ ରୂପ ବୋଲି ମନେକରି ହିନ୍ଦୁ ଧର୍ମର ପ୍ରତ୍ୟେକ ଘରେ ଘରେ ଆସ୍ଥାନରେ ରଖି ବିଧିବିଧାନର ସହିତ ପୂଜାର୍ଚ୍ଚନା କରାଯାଉଛି । ଭାଗବତ ପଢ଼ିବା ଦ୍ୱାରା ସକଳ ପାପତାପ ରୋଗ ଆଦି ଦୂରୀଭୂତ ହୁଏ ବୋଲି ବିଶ୍ୱାସ । ଶ୍ରୀମନ୍ଦିରରେ ଭାଗବତ ପାଠର ପରମ୍ପରା ସ୍ୱତନ୍ତ୍ର ଭାବରେ ରହିଅଛି । ଆଜିର ଦିବସରେ ଭାଗବତ ରଚନା ହୋଇଥିବାରୁ ଏହି ଦିବସକୁ ଆମ ସଂସ୍କୃତିରେ ସ୍ୱତନ୍ତ୍ର ଭାବେ ପାଳନ କରାଯାଏ ।


ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ', ୪ଜି
ପ୍ରତାପ ଆପାର୍ଟମେଣ୍ଟ, ୭
ଏକ୍ସଟେନସନ ରୋଡ଼, ପୁରୁଣା
ସୋନାରୀ, ଜାମସେଦପୁର,
ମୋ: ୭୪୮୮୯୯୮୫୩୨





## ବିଗତ ଅତୀତ

### ଅରୁଣ କୁମାର ତ୍ରିପାଠୀ



ଜାଣିଛି ତୁ ପାଖରେ ନାହୁଁ
ମୁଁ ବି ତୋ ଠାରୁ ଦୂରରେ
ହେଲେ କାହିଁ ଏଇ ଅମାନିଆ ମନଟା
ପାହାନ୍ତି ପ୍ରହରେ ତୋ ଡାକ ଶୁଣାଏ
ଅଲକ୍ଷ୍ୟରେ ତନ୍ଦରାରେ ନିଦଭାଙ୍ଗେ
ପୁଣି ଶୋଇ ପୁଣି ଉଠେ
ସେହି ପୁରୁଣା ସ୍ୱପ୍ନରେ
ମୋତେ ଡାକପକାଉ କୌଣସି
କାମରେ
ସତେକି ସମୟ ଯାନରେ
ଫେରିଯାଇଛି ମୁଁ ତୋ ଡାକୁ
ଶୁଣିବାକୁ !
ଛାତି ଉଠା ବହଳ ନିଶ୍ୱାସ ନେଇ
ହେତୁ ପକାଏ ତୋତେ
ଦୁନିଆ ଜଞ୍ଜାଳେ
ଭୁଲିବାକୁ ଚେଷ୍ଟାକରେ
ଲୁହକୁ ପରକରି ହସର ଆଢୁଆଳେ ।


+ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ
ମୋ: ୯୦୭୮୮୩୮୬୨୭


## ଶରତ ସୌନ୍ଦର୍ଯ୍ୟ

### ଜଗଦୀଶ ସାହୁ

ଧାନ କ୍ଷେତମାଳ ଦିଶେ ସୁଶ୍ୟାମଳ
ଆକର୍ଷଣ କରେ ପଥିକ ମନ
ତହୁଁ ବଳି ଶୋଭା ଚାରୁ ମନଲୋଭା
କାଶତଣ୍ଡୀ ଫୁଲ ନବ ଯୌବନ !

ମେଘ ମୁକ୍ତାକାଶ ବିହଙ୍ଗ ଉଲ୍ଲାସ
ଉଡ଼ନ୍ତି ଶୂନ୍ୟରେ ମେଲାଇ ପକ୍ଷ
ବୃକ୍ଷରାଜି କୂଳ ଦିଶନ୍ତି ମଞ୍ଜୁଳ
ପଲ୍ଲବେ ମଣ୍ଡିତ ତାଙ୍କରି ବକ୍ଷ !

ପାହାଡ଼ି କନ୍ୟାର ସୁଶୀତଳ ନୀର
ଛନ୍ଦାୟିତ ଗତି ମଧୁର ସ୍ୱନ
ସ୍ରୋତସ୍ୱନୀ ଜଳ ସ୍ୱଚ୍ଛ ସୁନିର୍ମଳ
ଗୋଷ୍ଠୀ କ୍ରୀଡାରତ ତଡ଼ାଗେ ମୀନ !

ଜୋତ୍ସ୍ନାମୟୀ ରାତି ମୁଗ୍ଧ କରେ ମତି
ପ୍ରୀତି ସିକ୍ତ ହୁଏ ସବୁରି ପ୍ରାଣ
ଶରତ ସୌନ୍ଦର୍ଯ୍ୟ କରାଏ ଅଧୈର୍ଯ୍ୟ
ମୋହିନୀ ମାୟାରେ ପ୍ରତିଟି କ୍ଷଣ !


+ସଂଜପଡା, ହିନ୍ଦୋଳ
ଢେଙ୍କାନାଳ,୭୫୯୧୨୮
ମୋ :୯୦୭୮୧୮୫୬୧୬


## ଶରତ ସୁନ୍ଦରୀ

### ନଳିନୀ ଦାଶ



ଶରତେ ଆସିଛି ସରଗୁ ଓହ୍ଲେଇ
ସୁଶ୍ରୀ ଶାନ୍ତା ଅପସରୀ
ଶ୍ୱେତବର୍ଣ୍ଣା ରୂପ ସୁନ୍ଦର୍ ପଣରେ
ସର୍ବ ମନ ନିଏ କିଣି ।

ସରସୀର କୂଳେ ସମୀରଣ ତାଳେ
ଶୁଭ୍ରାଙ୍ଗି ଖେଳୁଛି ଦୋଳି
ଶାରଦୀୟ ଜହ୍ନ ଶୀତଳ ଜ୍ୟୋତ୍ସ୍ନାର
ସ୍ପର୍ଶରେ ନାଚଇ ଢଳି ।

ସୁକୁମାରୀ ତନୁ ଶ୍ୱେତ ବସ୍ତ୍ରାବୃତା
ସବୁଜ ପାହାଡ କୋଳେ
ସବୁଜିମା ଭରା ଶସ୍ୟ କ୍ଷେତଧାରେ
ସୌନ୍ଦର୍ଯ୍ୟ ଆସର ତୋଳେ ।

ଶ୍ୟାମଳ ଧରଣୀ ଶୋଭା ସମ୍ଭାରରେ
ସରଜିଲା ଫୁଲ ହାଟ
ଶାରଦୀୟ ପୂଜା ଶକ୍ତିମୟୀଙ୍କର
ସଜଳେ ଚାହିଁଛି ବାଟ ।

ସ୍ୱପ୍ନ ନାୟିକା ସେ ସପନେ ହଜିଛି
ଶୁଭରଙ୍ଗ ଦେହେ ନାଇ
ସାଜିଛି କାପାଇଁ ସ୍ୱପ୍ନ ଅଭିସାରୀ
ସରଗକୁ ଅଛି ଚାହିଁ ।

ସମ୍ମୋହିନୀ ଗାଇ ସ୍ୱାଗତ କରିବ
ଶୋଭାମୟୀ ଲାସ୍ୟମୟୀ
ସରଗୁ ଓହ୍ଲେଇ ସିଂହବାହିନୀ ମା
ଶକ୍ତି ଦେବେ ବିଛୁରେଇ ।

ସୁନେଲି କିରଣେ ସୁକୁମାରି ପରୀ
ଶୁଭ୍ର ସତେଜ ଦିଶେ
ସୁନିର୍ମଳ ଜଳେ ସ୍ୱଛବି ଦେଖଇ
ଶରତେ ଝୁଲି ହରଷେ ।

ଶରତ ସୁନ୍ଦରୀ ଶୋଭା ବଢ଼ାଉଛି
ଶ୍ରୋତସ୍ୱିନୀ ଧାରେ ଧାରେ
ଶରତ ଆକାଶ ଦିଶଇ ନିର୍ମଳ
ସବୁରି ମନକୁ ହରେ ।


+ଭିକାରିପଡା, ଶରଣକୁଳ,
ନୟାଗଡ଼
ମୋ: ୬୩୭୦୦୦୯୫୨୪୧


## ଦୁଃଖ

### ରାହାସ କୁମାର ବେହେରା

ଦୁଃଖ ହିଁ ଜାଳିଛି ମୋତେ
ଦିନ ରାତି କେତେ ଅଶାନ୍ତିରେ
ଭାଙ୍ଗିଛି ମୋ ନୀରବତା
ଗ୍ଲାନି ମ୍ଳାନି ମହା ବିପତ୍ତିରେ ।
ଦୁଃଖ ଯେ ଦେଇଛି ସୁଖ
ଚିହ୍ନାଇଛି ମାଟି ଓ ମଣିଷ
ଦେଖିଛି ବିକଳ ପଣ
ପରଖିଛି ମାଣକ ଆୟୁଷ ।
ଭାଂଗିଛି ମୋ ମେରୁଦଣ୍ଡ
ଦୁଃଖ ଭୋକ ଅଭାବ କଷଣେ
ଯୁଝିଛି ମରିନି ହେଲେ
ଜିଇଁଛି ମୁଁ ନିଜର ସମ୍ମାନେ ।
ଦୁଃଖ ଦେଇଛି ଅନ୍ଧାରେ
ବହ୍ନି ତେଜ ବଂଚିବାର ରାହା
ଚାଲିଛି ବିଶ୍ୱାସ ପଥେ
ମତେ ଚିହ୍ନି କରିଛି ସେ ଆହା !
ଦୁଃଖ ଭାବନାରେ ବହେ
ଦେଖ ତେଜେ ଯମୁନାର ନଈ
ପରଖେ ଶିଖାଏ କଳା
ହେବି ଶ୍ରେଷ୍ଠ ନାବିକଟେ ପାଇଁ ।
ଦୁଃଖ ମାତୃତ୍ୱ ଗର୍ଭରୁ
ଅୟାରମ୍ଭ ସରେ ଲୋତକରେ
ମୂଲ୍ୟହୀନ ଜୀବନ ଏ
ଦୁଃଖ ନଥିଲେ ଭାଗ୍ୟରେ !
ଅବସୋସ ଆଣିଛି ଦୁଃଖ
ଗଢେ ସ୍ମୃତି ପ୍ରାରବ୍ଧ କୋଣାର୍କ
ଜାଜ୍ଜୁଲ୍ୟ ଅତୀତ ତେଣୁ
ଆଶ୍ଳେଶ ସୁପ୍ରାପ୍ତିର ପୁଲକ ।
ଚାଲୁଛି ମୋ ଚଲା ପଥ
ଦୁସ୍ତର ସେ କଷଟି ପଥରେ
ସେଥିପାଇଁ ନାହିଁ ହସ
ପ୍ରିୟ ଜନେ ଦୁର୍ଲଭ ସଂସାରେ ।
ଦୁଃଖ ଯାଦୁ ପରୋକ୍ଷରେ
ସିଦ୍ଧି ମୁକ୍ତି ପ୍ରୀତିର ରୋଚକ
ଅଭିବ୍ୟକ୍ତି ଅନ୍ୟଥା ମୋ
ନିସ୍ୱ ନିଷ୍ଠ ହୁଅଇ ନିରେଖ ।
ନାହିଁ ଶାନ୍ତି ଏବେ ଦୁଃଖ
ରୋଗ ଶୋକ ଶ୍ରୀହୀନ ବିଳାପ
ଧର୍ମ,କର୍ମ ମୁକ୍ତି ପଥେ
ଲିଭେ ଦୀପ ଜଳଇ ଅଳପ ।
ଶେଷ ହେବ ମୋର ଦୁଃଖ
ଜୁଇ ନିଆଁ ମଶାଣି ଧୂଆଁରେ
ସରିଯିବ ଏଇ ଜନ୍ମ
ଝରେ ଲୁହ ସ୍ମୃତି ବିସ୍ମୃତିରେ ।


+ବାଲ୍ୟମ୍ବା,ଭାପୁର
ଢେଙ୍କାନାଳ:୭୫୯୦୧୫
ମୋ : ୯୪୩୮୧୧୪୩୬୮

# ୨୧ ସିନେମାକୁ ପଛରେ ପକାଇ ୨୦୨୪ ଓସ୍କାର ଦୌଡ଼ରେ ସାମିଲ ହେଲା ମାଲାୟଲୀ ଫିଲ୍ମ '୨୦୧୮'




ଚଳିତ ବର୍ଷର ଓସ୍କାର ଫିଚର ଫିଲ୍ମ ବିଭାଗ ପୁରସ୍କାର ପାଇଁ ମାଲାୟଲୀ ଚଳଚ୍ଚିତ୍ର '୨୦୧୮'କୁ ଭାରତ ପକ୍ଷରୁ ଆନୁଷ୍ଠାନିକ ଭାବେ ପଠାଯାଇଛି। 'ଏଭ୍ରିଓ୍ୱାନ୍? ଇଜ୍? ଏ ହିରୋ' ଉପ-ଶୀର୍ଷକ ଥିବା ଏହି ଫିଲ୍ମର ନିର୍ଦ୍ଦେଶନା ଜେ. ଏ. ଜୋସେଫ୍? ଦେଇଥିବା ବେ?ଳେ ଏଥିରେ ଟି. ଥୋମାସ, କେ. ବୋବାନ, ଆସିଫ ଅଲି, ଭି. ଶ୍ରୀନିବାସନ୍?, ନାରାୟଣ ଓ ଲାଲ୍?ଙ୍କ ପରି କଳାକାର ଅଭିନୟ କରିଛନ୍ତି। ଗତ ମେ' ମାସରେ ମୁକ୍ତିଲାଭ କରିଥିବା ଏହି ଦକ୍ଷିଣ ଭାରତୀୟ ସିନେମାଟି ଉଭୟ ବକ୍ସ ଅଫିସ ଓ ସମୀକ୍ଷକଙ୍କ ଗହଣରେ ହିଟ୍? ସାବ୍ୟସ୍ତ ହୋଇସାରିଛି। ଏହା ମାଲାୟଲୀ ସିନେମା ଭାବରେ ସର୍ବକାଳୀନ ଶ୍ରେଷ୍ଠ ବ୍ୟାବସାୟିକ ସଫଳତା ହାସଲ କରିଛି। ଓସ୍କାର ମନୋନୟନ ପାଇଁ '୨୦୧୮' ସମେତ ହିନ୍ଦୀ ଫିଲ୍ମ 'ଦି କେରଳ ଷ୍ଟୋରି', 'ରକି ଔର ରାନୀ କି ପ୍ରେମ କାହାନୀ', 'ମିସେସ ଚାଟର୍ଜି ଭର୍ସେସ ନରଓ୍ୱେ', ତେଲୁଗୁ ଫିଲ୍ମ 'ବଲଗମ୍', ମରାଠୀ ଫିଲ୍ମ 'ଭାଲଭି ଆଣ୍ଡ୍? ବାପଲ୍ୟୋକ' ଏବଂ ତାମିଲ ଫିଲ୍ମ 'ଅଗଷ୍ଟ ୧୬, ୧୯୪୭' ଆଦି ୨୨ଟି ସିନେମାକୁ ବିଚାରକୁ ନିଆଯାଇଥିଲା। ତେବେ ଜଳବାୟୁ ପରିବର୍ତ୍ତନର ପ୍ରଭାବକୁ ଭିତ୍ତି କରି ନିର୍ମିତ '୨୦୧୮'କୁ ମନୋନୟନ କରାଯାଇଛି ବୋଲି ୧୬ ଜଣିଆ ବିଚାରକ ମଣ୍ଡଳୀର ଅଧକ୍ଷ ତଥା ଚିତ୍ରନିର୍ମାତା ଗିରୀଶ କସାରାଭାଲି କହିଛନ୍ତି।

ସୂଚନାଯୋଗ୍ୟ, ୨୦୦୨ର ଆମିର ଖାଁଙ୍କ 'ଲଗାନ' ପରଠାରୁ ଆଉ କୌଣସି ଭାରତୀୟ ଫିଚର ଫିଲ୍ମ ଏଯାଏ ଓସ୍କାରର ଶ୍ରେଷ୍ଠ ଆନ୍ତର୍ଜାତିକ ଫିଚର ଫିଲ୍ମ ବିଭାଗର ମନୋନୟନ ତାଲିକାରେ ସାମିଲ ହୋଇନାହିଁ। ତେବେ ତାହା ପୂର୍ବରୁ ନର୍ଗିସ ଦତ୍ତ ଅଭିନୀତ 'ମଦର ଇଣ୍ଡିଆ' ଓ ମୀରା ନାୟରଙ୍କ 'ସଲାମ ବମ୍ବେ' ଚୂଡ଼ାନ୍ତ ପାଞ୍ଚ ଚଳଚ୍ଚିତ୍ର ତାଲିକାରେ ରହିବାର ସୌଭାଗ୍ୟ ଲାଭ କରିଥିଲେ।



# ହ୍ୱାଟସଆପ ଚ୍ୟାନେଲରେ ଜୁକରବର୍ଗଙ୍କୁ ପଛରେ ପକାଇଲେ କଟ୍ରିନା

କିଛି ଦିନ ହେବ ହ୍ୱାଟସଆପ ଆପରେ ଏକ ନୂତନ ଫିଚର ଆସିଛି ଯାହା ବହୁତ ଲୋକପ୍ରିୟ ହେଉଥିବା ଦେଖିବାକୁ ମିଳିଛି। ସାଧାରଣ ଲୋକଙ୍କ ସହିତ ଅନେକ ସେଲିବ୍ରିଟି ମଧ୍ୟ ମେସେଜିଂ ଆପରେ ଆସିଥିବା ନୂଆ ଫିଚର 'ଚ୍ୟାନେଲ'ରେ ଯୋଗ ଦେଉଛନ୍ତି। ଇନଷ୍ଟା ଓ ଏକ୍ସ ଭଳି ହ୍ୱାଟସଆପରେ ବି ସେଲିବ୍ରିଟିମାନଙ୍କର 'ଚ୍ୟାନେଲ'ରେ ପ୍ରଶଂସକ ବଢୁଥିବା ଦେଖିବାକୁ ମିଳିଛି। ଯଦି ଆମେ ସେଲିବ୍ରିଟିଙ୍କ ହ୍ୱାଟସଆପ ଚ୍ୟାନେଲରେ ଫଲୋୟର୍ସଙ୍କ ସଂଖ୍ୟା ଦେଖିବା, ତେବେ ବଲିଉଡ ଅଭିନେତ୍ରୀ କଟ୍ରିନା କେ?ଫ୍ ବହୁ ଆଗରେ ଥିବା ଦେଖିବାକୁ ମିଳିଛି । ଫଲୋୟର୍ସଙ୍କ ସଂଖ୍ୟା ଦୃଷ୍ଟିରୁ ସେ ମେଟା ମୁଖ୍ୟ ମାର୍କ ଜୁକରବର୍ଗ ଏବଂ ଆନ୍ତର୍ଜାତୀୟ ରାପର ବ୍ୟାଡ ବନିଙ୍କୁ ପଛରେ ପକାଇ ସର୍ବାଧିକ ପ୍ରଶଂସକ ସଂଗ୍ରହ କରିଛନ୍ତି ।

ହ୍ୱାଟସଆପରେ କିଛି ଦିନ ତଳେ 'ଚ୍ୟାନେଲ' ଫିଚର ଲଞ୍ଚ କରାଯାଇଥିଲା ଏବଂ ଲଞ୍ଚ ହେବା ମାତ୍ରେ ଅନେକ ସେଲିବ୍ରିଟି ସେମାନଙ୍କ ଉପସ୍ଥିତି ପଞ୍ଜିକରଣ କରିଥିଲେ । ଏହା ପରେ, ଏହି ଫିଚରର ଲୋକପ୍ରିୟତା ବଢ଼ିବା ସହ ବ୍ୟବହାରକାରୀମାନେ 'ଚ୍ୟାନେଲ'କୁ ଆସିବା ଆରମ୍ଭ କରିଛନ୍ତି। ଏହା ଦ୍ୱାରା ଏଥିରେ ମଧ୍ୟ ସେଲିବ୍ରିଟିମାନଙ୍କ ଫଲୋୟର୍ସଙ୍କ ସଂଖ୍ୟା ବଢୁଥିବା ଦେଖିବାକୁ ମିଳିଛି। କଟ୍ରିନାଙ୍କ ଫଲୋୟର୍ସଙ୍କ ସଂଖ୍ୟା ଦେଖିବାକୁ ଗଲେ ତାଙ୍କର 'ଚ୍ୟାନେଲ'ରେ ୧୪ମିଲିୟନ ଫଲୋୟର୍ସ ହୋଇଗଲେଣି । ୧୨.୬ମିଲିୟନ ଫଲୋୟର୍ସ ସହ ରାପର ବ୍ୟାଡ ବନି ଦ୍ୱିତୀୟ ସ୍ଥାନରେ ଥିବା ବେଳେ ୯.୨ମିଲିୟନ ଫଲୋୟର୍ସ ସହ ଜୁକରବର୍ଗ ତୃତୀୟ ସ୍ଥାନରେ ଅଛନ୍ତି।



# ପରିଣୀତିଙ୍କ ପରେ ଚର୍ଚ୍ଚାରେ ପୂଜା ହେଗଡେ, କ୍ରିକେଟରଙ୍କୁ କରିପାରନ୍ତି ବିବାହ


ସାଉଥ ଫିଲ୍ମ ଇଣ୍ଡଷ୍ଟ୍ରିରୁ ବଲିଉଡ୍ ପର୍ଯ୍ୟନ୍ତ ସବୁଠି ନିଜର ଦୃଢ଼ ଅଭିନୟ ଦକ୍ଷତା ପ୍ରମାଣ କରିଥିବା ପୂଜା ହେଗଡେ ମନୋରଞ୍ଜନ ଇଣ୍ଡଷ୍ଟ୍ରିର ଲୋକପ୍ରିୟ ଅଭିନେତ୍ରୀମାନଙ୍କ ମଧ୍ୟରୁ ଜଣେ। ପୂଜା ୨୦୧୪ରେ ବଲିଉଡ୍ ଅଭିନେତା ହ୍ରିତିକ ରୋଶନଙ୍କ ସହ ଫିଲ୍ମ 'ମହେଞ୍ଜୋଦାରୋ' ସହିତ ବଲିଉଡ୍ ଡେବ୍ୟୁ କରିଥିଲେ। ଏହି ଅଭିନେତ୍ରୀଙ୍କୁ ସଲମାନ ଖାନଙ୍କ ସହ ଶେଷ ଥର ପାଇଁ ଫିଲ୍ମ 'କିସି କା ଭାଇ କିସି କି ଜାନ'ରେ ଦେଖିବାକୁ ମିଳିଥିଲା। ଫିଲ୍ମ ପରେ ଏବେ ପୂଜା ତାଙ୍କ ବ୍ୟକ୍ତିଗତ ଜୀବନକୁ ନେଇ ଚର୍ଚ୍ଚାରେ ଅଛନ୍ତି। କୁହାଯାଉଛି ଯେ ଅଭିନେତ୍ରୀ ଖୁବଶୀଘ୍ର ବିବାହ କରିବେ। ଜାତୀୟ ଗଣମାଧ୍ୟମ 'ସିନେ ଜୋଶ'ରେ ପ୍ରକାଶିତ ଏକ ରିପୋର୍ଟରେ ଦର୍ଶାଯାଇଛି ଯେ ପୂଜା ହେଗଡେ ମୁମ୍ବାଇର ଜଣେ କ୍ରିକେଟରଙ୍କୁ ବିବାହ କରିବାକୁ ଯାଉଛନ୍ତି। ହେଲେ ଏ ବାବଦରେ କେ?ଣସି ଅଧକାରୀକ ଘୋଷଣା କରାଯାଇନାହିଁ। ତେବେ ଏହା ପ୍ରଥମ ଥର ନୁହେଁ ଯେ ପୂଜାଙ୍କ ନାମ ଜଣେ କ୍ରିକେଟରଙ୍କ ସହ ଯୋଡି ଯାଇଛି। ଏହାପୂର୍ବରୁ ପୂଜା ହେଗଡେ କର୍ଣ୍ଣାଟକର ଜଣେ କ୍ରିକେଟରଙ୍କ ସହ ପ୍ରେମ ସମ୍ପର୍କ ରଖିଥିଲେ ବୋଲି ଅନେକ ରିପୋର୍ଟରେ ଦାବି କରାଯାଇଥିଲା। ତେବେ ପୂଜା ଏହି ସବୁ ଚର୍ଚ୍ଚାକୁ କେବଳ ଏକ ଗୁଜବ ବୋଲି କହିଥିଲେ। ତେବେ ଫିଲ୍ମ 'କିସି କା ଭାଇ କିସି କି ଜାନ' ରିଲିଜ ସମୟରେ ସଲମାନ ଖାନ ଏବଂ ପୂଜା ହେଗଡେ ପରସ୍ପରକୁ ଡେଟ୍ କରୁଥିବା ନେଇ ଚର୍ଚ୍ଚା ହୋଇଥିଲା। ହେଲେ ପରେ ପୂଜା କି ସଲମାନ ଏହା ଉପରେ କୌଣସି ପ୍ରତିକ୍ରିୟା ନଦେବା ପରେ ଏହି ଚର୍ଚ୍ଚା ବନ୍ଦ ହୋଇ ଯାଇଥିଲା।

# ରଶ୍ମିକା ଏବେ ନିଜ ଲକ୍ଷ୍ୟ ପଥରେ ଆଗେଇ ଚାଲିଛନ୍ତି; ନିର୍ବନ୍ଧ ଭାଙ୍ଗିବା ପରେ ଏଭଳି କହିଲେ ରକସିତ୍



ରଶ୍ମିକା ଏବେ ନିଜ ଲକ୍ଷ୍ୟ ପଥରେ ଆଗେଇ ଚାଲିଛନ୍ତି। ନିର୍ବନ୍ଧ ଭାଙ୍ଗିବା ପରେ ଏଭଳି କହିଲେ '୭୭୭ ଚାର୍ଲି'ର ଅଭିନେତା ରକସିତ ସେଟ୍ଟୀ। ନ୍ୟାସନାଲ କ୍ରସ୍ ତଥା ଅଭିନେତ୍ରୀ ରଶ୍ମିକା ମନ୍ଦନା ଏବେ ତାଙ୍କର ଆଗାମୀ ଚଳଚ୍ଚିତ୍ର 'ଆନିମଲ' ପାଇଁ ଚର୍ଚ୍ଚାରେ ଅଛନ୍ତି। ଏମଧ୍ୟରେ ତାଙ୍କର ପୂର୍ବ ପ୍ରେମିକ ରକସିତ୍ ସେଟ୍ଟୀ ଦେଇଥିବା ବୟାନକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ହିନ୍ଦୀ ସିନେମାରେ ଅଭିନୟ କରିବାର ତାଙ୍କର ବଡ଼ ସ୍ୱପ୍ନ ଥିଲା, ଯାହା ସେ ବର୍ତ୍ତମାନ ପୂରଣ କରୁଛନ୍ତି। ମୁଁ ତାଙ୍କ ପାଇଁ ବହୁତ ଗର୍ବିତ ଅନୁଭବ କରୁଛି। ରଶ୍ମିକା ଏପର୍ଯ୍ୟନ୍ତ ଯାହା ହାସଲ କରିଛନ୍ତି, ସେଥିପାଇଁ ଆମେ ତାଙ୍କର ପ୍ରଶଂସା କରିବା ଉଚିତ୍।' ଉଲ୍ଲେଖଯୋଗ୍ୟ, ରଶ୍ମିକା ଓ ରକସିତ ପ୍ରଥମେ ୨୦୧୬ରେ କନ୍ନଡ ଫିଲ୍ମ 'କିରିକ୍ ପାର୍ଟି'ର ସେଟରେ ପରସ୍ପରକୁ ଭେଟିଥିଲେ। ଏହା ରଶ୍ମିକାଙ୍କ ଡେବ୍ୟୁ ଫିଲ୍ମ ଥିଲା। ଫିଲ୍ମର ସୁଟିଂ ସମୟରେ ଦୁହେଁ ପରସ୍ପରକୁ ଭଲ ପାଇ ବସିଥିବା ସହ ଡେଟ୍ କରିବା ଆରମ୍ଭ କରିଥିଲା। ଜୁଲାଇ ୨୦୧୭ରେ ଉଭୟ କଳାକାର ନିଜ ସମ୍ପର୍କକୁ ପରବର୍ତ୍ତୀ ସ୍ତରକୁ ନେଇ ନିର୍ବନ୍ଧ କରିବାକୁ ନିଷ୍ପତ୍ତି ନେଇଥିଲେ। କର୍ଣ୍ଣାଟକର ବିରାଜପେଟରେ ଏକ ବଡ ସମାରୋହରେ ଦୁହିଁଙ୍କ ନିର୍ବନ୍ଧ ହୋଇଥିଲା। ରକସିତ ରଶ୍ମିକାଙ୍କଠାରୁ ୧୩ବର୍ଷ ବଡ଼ ଥିଲେ ବି ଦୁହେଁ ବିବାହ କରିବାକୁ ନିଷ୍ପତ୍ତି ନେଇଥିଲେ। ହେଲେ ବର୍ଷେ ମଧ୍ୟରେ ରଶ୍ମିକା ୨୦୧୮ରେ ରକସିତଙ୍କ ସହ ନିର୍ବନ୍ଧ ଭାଙ୍ଗିଥିଲେ। ଦୁହେଁ ଏହାର କାରଣ କହିନଥିଲେ ବି ଲୋକପ୍ରିୟତା ବଢ଼ିବା ସହ ବଡ଼ ବଡ଼ ତେଲୁଗୁ ଫିଲ୍ମ ମିଳିବାରୁ ରଶ୍ମିକା ନିର୍ବନ୍ଧ ଭାଙ୍ଗିଥିବା ଚର୍ଚ୍ଚା ହୋଇଥିଲା।

# ୱହିଦାଙ୍କୁ ଦାଦା ସାହେବ ଫାଲ୍କେ



ଚଳିତବର୍ଷର ଦାଦା ସାହେବ ଫାଲକେ ଜୀବନବ୍ୟାପୀ ସଫଳତା ପୁରସ୍କାର ପାଇବେ ବଲିଉଡ୍ ଅଭିନେତ୍ରୀ ୱହିଦା ରେହମାନ। କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅନୁରାଗ ସିଂହ ଠାକୁର ମଙ୍ଗଳବାର ଏହି ଘୋଷଣା କରିଛନ୍ତି। 'ଗାଇଡ୍' ଏବଂ 'ରେଶମା ଔର ଶେରା' ପରି ଅନେକ ଲୋକପ୍ରିୟ ଚଳଚ୍ଚିତ୍ରରେ ଅଭିନୟ କରିଛନ୍ତି ୱହିଦା। ଗତବର୍ଷ ଆଶା ପାରେଖ ଏହି ପୁରସ୍କାର ପାଇଥିଲେ। ମଙ୍ଗଳବାର ମନ୍ତ୍ରୀ ଅନୁରାଗ ଠାକୁର ଟ୍ୱିଟ୍ କରି ଲେଖିଛନ୍ତି, ଭାରତୀୟ ସିନେମାକୁ ଉଲ୍ଲେଖନୀୟ ଅବଦାନ ପାଇଁ ୱହିଦା ରେହମାନଙ୍କୁ ଚଳିତବର୍ଷର ଦାଦା ସାହେବ ଫାଲକେ ପୁରସ୍କାରରେ ସମ୍ମାନିତ କରାଯିବ। ପ୍ୟାସା, କାଗଜ କେ ଫୁଲ, ସାହେବ ବିବି ଔର ଗୁଲାମ, ଗାଇଡ୍, ଖାମୋସି ପ୍ରଭୃତି ଅନେକ ହିନ୍ଦୀ ସିନେମାରେ ଅଭିନୟ କରି ପ୍ରଶାଂସାଭାଜନ ହୋଇଛନ୍ତି ୱହିଦା ରେହମାନ। ୫ ଦଶନ୍ଧି ଧରି ଅଭିନୟ କ୍ୟାରିୟରରେ ରହି ଆସିଥିବା ଏହି ପ୍ରଖ୍ୟାତ ଅଭିନେତ୍ରୀଙ୍କ ଅଭିନୀତ ଚଳଚ୍ଚିତ୍ର ରେଶମା ଔର ଶେରାକୁ ଜାତୀୟ ଫିଲ୍ମ ପୁରସ୍କାର ମିଳିଥିଲା। ପଦ୍ମଶ୍ରୀ ଓ ପଦ୍ମଭୂଷଣ ପୁରସ୍କାରରେ ସମ୍ମାନିତ ୱହିଦାଙ୍କ ତ୍ୟାଗ, ପ୍ରତିବଦ୍ଧତାର ପଟାନ୍ତର ନାହିଁ ଏବଂ ସେ ଭାରତୀୟ ନାରୀଶକ୍ତିର ଉଜ୍ଜ୍ୱଳ ଦୃଷ୍ଟାନ୍ତ ବୋଲି ଠାକୁର କହିଛନ୍ତି। ସେ ପୁଣି କହିଛନ୍ତି ଯେ, ଯେତେବେଳେ ସଂସଦରେ ନାରୀ ଶକ୍ତି ବନ୍ଦନ ଅଧିନିୟମ ଗୃହୀତ ହୋଇଛି, ଠିକ୍ ସେତିକି ବେଳେ ୱହିଦାଜୀଙ୍କୁ ଏହି ପୁରସ୍କାର ମିଳିବା ଅତ୍ୟନ୍ତ ଆନନ୍ଦର ବିଷୟ। ସୂଚନାଯୋଗ୍ୟ, ତେଲୁଗୁ ଫିଲ୍ମ ରୋଜୁଲୁ ମାରାୟି (୧୯୫୫)ରେ ନିଜର ଅଭିନୟ ଜୀବନ ଆରମ୍ଭ କରିଥିବା ୱହିଦା ପ୍ୟାସା (୧୯୫୭), ଗାଇଡ୍ (୧୯୬୫), ଖୋମୋସି (୧୯୬୯), ଫାଗୁନ୍ (୧୯୭୩), କଭି କଭି (୧୯୭୬), ଚାନ୍ଦନୀ (୧୯୮୯), ଲମହେ (୧୯୯୧), ରଙ୍ଗ ଦେ ବସନ୍ତୀ (୨୦୦୬) ଏବଂ ଦିଲ୍ଲୀ ୬ (୨୦୦୯) ଭଳି ଅନେକ ଚଳଚ୍ଚିତ୍ରରେ ଅଭିନୟ କରିଛନ୍ତି।

# ପିକ୍‌ଅପ୍ ଗାଡ଼ିରୁ ୯୨୦ କେଜି ଗଂଜେଇ ଜବତ : ଜଣେ ମହିଳା ସମେତ ୬ ଗିରଫ

ବଲାଙ୍ଗିର, ୨୮/୦୯ (ନି.ପ୍ର): ପିକ୍‌ଅପ୍ ଗାଡ଼ିରେ ଚୋରାଚାଲାଣ ହେଉଥିବା ବେଳେ ଗତକାଲି ୯୨୦ କେଜି ଗଂଜେଇ ଜବତ୍ କରିଛି ବଲାଙ୍ଗିର ଟାଉନ୍ ପୋଲିସ ।ଟାଉନ୍ ଥାନା ଆଇଆଇସି ବିଶ୍ୱଜିତ ମନବୋଧଙ୍କ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ କୌଣସି ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ବଲାଙ୍ଗିର-ସମ୍ବଲପୁର ରୋଡ୍ ଯୁବୋଦୟ କଲେଜ ସାମ୍ନାରେ ଗଂଜେଇ ଚୋରାଚାଲାଣ କରୁଥିବା ଓଆର ୧୭ଜି ୫୯୧୯ ନମ୍ବର ପିକ୍‌ଅପ୍ ଗାଡ଼ିକୁ କାବୁ କରିଥିଲା ବଲାଙ୍ଗିର ଟାଉନ୍ ପୋଲିସ । ଏହି ଗାଡ଼ିରୁ ୯୨୦ କେଜି ଗଂଜେଇ ଜବତ୍ କରାଯାଇଥିବା ବେଳେ ଜଣେ ମହିଳା ସମେତ ୬ ଜଣ ଅଭିଯୁକ୍ତଙ୍କୁ ଗିରଫ୍ କରାଯାଇଥିଲା । ସେମାନଙ୍କ ପାଖରୁ ତିନୋଟି ବାଇକ୍,୬ ଟି ମୋବାଇଲ ଫୋନ ନଗଦ ୮୬୦୦ ଟଙ୍କା ଜବତ କରିବା ସହିତ ଉକ୍ତ ପିକ୍‌ଅପ୍ ଗାଡିକୁ ମଧ ଜବତ କରାଯାଇଥିବା ସୂଚନା ଦିଆଯାଇଛି । ଅଭିଯୁକ୍ତମାନେ ହେଲେ ଜଣେ ମହିଳା,ବଲାଙ୍ଗିର ମାଲପଡ଼ାର ପ୍ରଶାନ୍ତ କ୍ଷେତି, କଂଟାମାଲ ଥାନା ଅନ୍ତର୍ଗତ ମଲିକପଦର ନିବାସୀ ସୁନୀଲ ସାହୁ, ମନମୁଣ୍ଡାର ଚୋକା ଓରଫ୍ ସରୋଜ ଷାଣ୍ଢ ଓ ଭୁବନେଶ୍ୱର ପାତ୍ରପଡ଼ାର ସୁଶୀଲ କୁମାର ବାରିକ୍ ପ୍ରମୁଖ । ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ସୂଚନା ମିଳିଛି । ଗଞ୍ଜେଇ ସୁବର୍ଣ୍ଣପୁର ଜିଲ୍ଲା ତରଭା ରୁ ଆସୁଥିଲା ତାକୁ ଟ୍ରେନ ଦ୍ୱାରା ରାୟପୁର ଚାଲାଣ କରିବାକୁ ଯୋଜନା ରହିଥିଲା।

# ଦିଲ୍ଲୀ ଭାରତମ୍ ମଣ୍ଡପରେ କଳାହାଣ୍ଡି ବିଶ୍ୱ ବିଦ୍ୟାଳୟର ଗୌରବ

ଭବାନୀପାଟଣା, ୨୮/୦୯ (ନି.ପ୍ର): କଳାହାଣ୍ଡି ବିଶ୍ୱବିଦ୍ୟାଳୟ ଆର ଆଇ ଏସ ନୂଆ ଦିଲ୍ଲୀ ଦ୍ୱାରା ଆମନ୍ତ୍ରିତ ହୋଇ ଭାରତ ମଣ୍ଡପମ୍ ଠାରେ ଜି ୨୦ ୟୁନିଭର୍ସିଟି କନେକ୍ଟ ଫାଇନାଲ କାର୍ଯକ୍ରମ ରେ ଯୋଗ ଦେଇଥିଲା। କୁଳପତି ପ୍ରଫେସର ସଞ୍ଜୟ କୁମାର ଶତପଥୀଙ୍କ ନେତୃତ୍ୱରେ ଇଂରାଜୀ ବିଭାଗର ମୁଖ୍ୟ ଡକ୍ଟର ଜୟଦେବ ସାହୁ, ପିଜି ଛାତ୍ରୀ କୁମାରୀ ଶୁଭଶ୍ରୀ ପ୍ରିୟଦର୍ଶିନୀ, ଛାତ୍ରୀ କୁମାରୀ ସ୍ୱର୍ଣ୍ଣା ମିଶ୍ର , ପିଜି ଛାତ୍ର ଶ୍ରୀ ସତ୍ୟବ୍ରତ ମହାପାତ୍ର ଓ ଶ୍ରୀ ଶୁଭମ୍ ମହାକୁଡ କଳାହାଣ୍ଡି ବିଶ୍ୱବିଦ୍ୟାଳୟକୁ ପ୍ରତିନିଧିତ୍ୱ କରିଥିଲେ। ପ୍ରଧାନମନ୍ତ୍ରୀ ସମ୍ମାନୀୟ ନରେନ୍ଦ୍ର ମୋଦୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ଛାତ୍ର ଛାତ୍ରୀ ମାନଙ୍କୁ ଭାରତର ବିକାଶ ଓ ସ୍ୱଚ୍ଛତା ପାଇଁ କାର୍ଯ କରିବାକୁ ଉପଦେଶ ଦେଇଥିଲେ। ସବୁଠୁ ସୌଭାଗ୍ୟ ର ବିଷୟ ଯେ କଳାହାଣ୍ଡି ବିଶ୍ୱବିଦ୍ୟାଳୟର ଛାତ୍ରୀ କୁମାରୀ ଶୁଭଶ୍ରୀ ପ୍ରିୟଦର୍ଶିନୀ ଓ ଶ୍ରୀ ସତ୍ୟବ୍ରତ ମହାପାତ୍ରଙ୍କୁ ୩୦୦୦ ଛାତ୍ର ଛାତ୍ରୀଙ୍କ ମଧ୍ୟରୁ ପ୍ରଧାନ ମନ୍ତ୍ରୀଙ୍କ ସହିତ ବସିବାର ସୁଯୋଗ ମିଳିଥିଲା। ଏହା କଳାହାଣ୍ଡି ଓ ଓଡ଼ିଶା ପାଇଁ ଏକ ଗର୍ବ ଓ ଗୌରବ ର ବିଷୟ। ଏହି ଛାତ୍ର ଓ ଛାତ୍ରୀ ମାନଙ୍କ ଆରଟିପିସିଆର ଟେଷ୍ଟ କରାଯାଇ ଥିଲା। ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଛାତ୍ରୀଙ୍କୁ ତମେ କେଉଁଠୁ ଆସିଛ ବୋଲି ପଚାରି ଥିଲେ ଏବଂ ଓଡ଼ିଶାରୁ ଆସିଛନ୍ତି ଜାଣି ଜୟ ଜଗନ୍ନାଥ ବୋଲି କହିଥିଲେ। ଦିଲ୍ଲୀ ୟୁନିଭର୍ଶିଟିର ଜନୈକ ପ୍ରାଧ୍ୟାପକ ନୂଆ ଭାବରେ ପ୍ରତିଷ୍ଠିତ ହୋଇଥିବା କଳାହାଣ୍ଡି ବିଶ୍ୱ ବିଦ୍ୟାଳୟର ଛାତ୍ର ଛାତ୍ରୀ ମୋଦୀଙ୍କ ସାଙ୍ଗରେ ବସିବାର ବହୁ ସମ୍ମାନର କଥା ବୋଲି ଡକ୍ଟର ଜୟଦେବ ସାହୁଙ୍କୁ କହିଥିଲେ। ପ୍ରକାଶ ଥାଉକି, ଓଡ଼ିଶାର ଏହି ବିଶ୍ୱବିଦ୍ୟାଳୟ ଜି୨୦ ୟୁନିଭ ରସିଟି କନେକ୍ଟ କାର୍ଯକ୍ରମ କରିବାକୁ ଭାରତ ସରକାରଙ୍କ ଆର ଆଇ ଏସ ସଂସ୍ଥା ଦ୍ୱାରା ମନୋନୀତ ହୋଇ ଥିଲା ଏବଂ ଏପ୍ରିଲ ୧୦ ତାରିଖ ଦିନ ମହାସମାରୋହରେ ଏହି କାର୍ଯ୍ୟ କ୍ରମ କରାଯାଇ ଥିଲା ଯେଉଁ ଥିରେ ଡାଇରେକ୍ଟର ଜେନେରାଲ ପ୍ରଫେସର ଚତୁର୍ବେଦି ଯୋଗଦେଇ କଳାହାଣ୍ଡି ବିଶ୍ୱ ବିଦ୍ୟାଳୟ ର ପ୍ରଶଂସା କରିଥିଲେ। ଜାତୀୟ ସ୍ତରରେ କଳାହାଣ୍ଡି ବିଶ୍ୱ ବିଦ୍ୟାଳୟର ଆଦରକୁ ନେଇ ଅଂଚଳ ବାସୀ ଆନନ୍ଦିତ ହୋଇଛନ୍ତି। କୁଳପତି ଓ ତାଙ୍କ ଟିମ୍ ଆଜି ଯେତେବେଳେ ବିଶ୍ୱବିଦ୍ୟାଳୟକୁ ପ୍ରତ୍ୟାବର୍ତନ କଲେ ରେଜିଷ୍ଟ୍ରାର, ସିପିଯିଶୀ ଓ ବିତନୀୟନ୍ତକ , ଅଧ୍ୟାପକ ଓ ଅଧ୍ୟାପିକା ମାନେ ତଥା ଶହ ଶହ ଛାତ୍ର ଛାତ୍ରୀ ମହା ଉତ୍ସାହରେ ସ୍ୱାଗତ କରିଥିଲେ। ବିଶ୍ୱବିଦ୍ୟାଳୟ ର ପ୍ରେକ୍ଷ୍ୟାଳୟ ରେ ଏକ କାର୍ଯକ୍ରମ ଅନୁଷ୍ଠିତ ହୋଇ ଥିଲା, ଯେଉଁଥିରେ ଭାଗ ନେଇଥିବା ଛାତ୍ର ଛାତ୍ରୀ , କୁଳପତି ଓ ଡକ୍ଟର ସାହୁ ନିଜ ନିଜର ଅଭିଜ୍ଞତା ବର୍ଣ୍ଣନା କରିଥିଲେ। ତାପରେ ଏହି ଉପଲକ୍ଷେ ଏକ ପ୍ରେସ ମିଟର ଆୟୋଜନ କରାଯାଇଥିଲା।

# ବ୍ରହ୍ମବରଦା ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ରାଜ୍ୟସ୍ତରୀୟ ଉର୍ଦ୍ଦୁ ପ୍ରତିଯୋଗିତା

ଧର୍ମଶାଳା, ୨୮/୦୯ (ନି.ପ୍ର): ଛାତ୍ରଛାତ୍ରୀମାନେ ପ୍ରତିଯୋଗି ମନସ୍କ ହେଲେ ସଫଳତା ଦିନେ ନା ଦିନେ ମିଳିବ ବୋଲି ଯାଜପୁର ଜିଲା ରସୁଲପୁର ବ୍ଲକ ବ୍ରହ୍ମବରଦା ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ଆୟୋଜିତ ରାଜ୍ୟ ସ୍ତରୀୟ ଉର୍ଦ୍ଦୁ ପ୍ରତିଯୋଗିତାରେ ଅତିଥିମାନେ ଯୋଗ ଦେଇ ମତ ପ୍ରକାଶ କରିଥିଲେ । ଉର୍ଦ୍ଦୁ ଏକାଡେମୀ ଓ ଓଡିଶା ଭାଷା ସାହିତ୍ୟ ସଂସ୍କୃତି ବିଭାଗ ଭୁବେନଶ୍ୱର ମିଳିତ ଅନୁକୂଲ୍ୟେର ଅୟୋଜିତ କାର୍ଯ୍ୟକ୍ରମକୁ ପ୍ରାଧ୍ୟାପକ ନିୟାମତ ହୋସେନ ଓ ଅଧ୍ୟାପକ ସେକ୍ ରୁହୁଲ ଅମିନ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମେର ମୁଖ୍ୟ ଅତିଥିଭାବେ ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ମେହଶ୍ୱର ପାଢୀ ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ । ଅନ୍ୟତମ ଅତିଥିଭାବେ ଯୁକ୍ତ ଦୁଇ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ସୁଦଶର୍ନ ପୃଷ୍ଟି ,ଉର୍ଦ୍ଦୁ ଏକାଡେମୀର ସମ୍ପାଦକ ଜନାବ ଡକ୍ଟର ସୟଦ ମୁସିଦ ଆଲାମ,ରେଭେନ୍ସା ବିଶ୍ୱ ବିଦ୍ୟାଳୟର ପ୍ରେଫସର ଡକ୍ଟର ରହମଦ ଉଲ୍ଲା ଆସରଫ,ଭଦ୍ରକ ସ୍ୱଂୟ ଶାସିତ ମହାବିଦ୍ୟାଳୟର ପ୍ରେଫସର ଡକ୍ଟର ମହମ୍ମଦ ହୋସେନ ଜାମି,ଶୈଳବାଳା ମହିଳା ମହାବିଦ୍ୟାଳୟର ଅଧ୍ୟାପିକା ଫରହତ ହସନ,କିଶୋର ନଗର କେଲଜର ପ୍ରେଫସର ସେକ୍ ତାହେର ଅଲ୍ଲୀ,ସହିଦପୁର କେଲଜର ପ୍ରେଫସର ମହମ୍ମଦ ସୋଉଦ ଆଲାମ ଓ ବ୍ରହ୍ମବରଦା ମହାବିଦ୍ୟାଳୟର ପୂର୍ବତନ ସଭାପତି ସେକ୍ ଆଲାଉଦ୍ଦିନ ଖାଁନ ପ୍ରମୁଖ ଯୋଗ ଦେଇ ନିଜ ନିଜର ମତ ରଖିଥିଲେ । ଅନ୍ୟମାନଙ୍କ ମଧ୍ୟେର ଉଭୟ ମହାବିଦ୍ୟାଳୟର କର୍ମକର୍ତା ପ୍ରାଧ୍ୟାପକ ସୂର୍ଯ୍ୟକାନ୍ତ ରାଉତ,ସୌଭାଗ୍ୟ କୁମାର ସାହୁ, ଡ. ରଶ୍ମିକାନ୍ତ ଦାଶ,ବାବୁଲା ରଣା, ଶିବ ପ୍ରସାଦ ସାହୁ,ସେକ୍ ନିଜାମଉଦ୍ଦିନ,ଅଧ୍ୟାପିକା ଜୟଶ୍ରୀ ନାୟକ, ରଶ୍ମିତା ସାମଲ,ଧେମର୍ନ୍ଦ୍ର ମହାନ୍ତି, କୁଞ୍ଜ ବିହାରୀ ମହାନ୍ତି, ବିନୟ କୁମାର ରାଉତ, ବିବେକାନନ୍ଦ ଜେନା, ସୁନିଲ ଓଝା,ସାଭାନୁଲ ହକ୍,ଅକ୍ତର ଅଲ୍ଲୀ ଓ ଧୁଷାସନ ବେହେରା ପ୍ରମୁଖ ଯୋଗ ଦେଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ଶେଷେର ଅଧ୍ୟାପିକା ସଞ୍ଜିଦା ପରୱିନ ଧନ୍ୟବାଦ ଅର୍ପଣ କରିଥିଲେ ।

# ଭବାନୀପାଟଣାଠାରେ ବିଶ୍ୱ ପର୍ଯ୍ୟଟନ ଦିବସ ପାଳିତ

ଭବାନୀପାଟଣା, ୨୮/୦୯ (ନି.ପ୍ର): ଆଜି ସ୍ଥାନୀୟ ମ୍ୟୁନିସିପାଲ ହାଇସ୍କୁଲ ଠାରେ ଜିଲ୍ଲାସ୍ତରୀୟ ବିଶ୍ୱ ପର୍ଯ୍ୟଟନ ଦିବସ ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ପର୍ଯ୍ୟଟନ କାର୍ଯ୍ୟାଳୟ ତରଫରୁ ପାଳିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲା ପର୍ଯ୍ୟଟନ ବିଭାଗ ତରଫରୁ କଲେଜ ଓ ହାଇସ୍କୁଲ ସ୍ତର କୁଇଜ୍ ପ୍ରତିଯୋଗୀତା ଆୟୋଜନ ମ୍ୟୁନିସିପାଲ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି କୁଇଜ୍ ପ୍ରତିଯୋଗୀତାରେ ସହରର ସମସ୍ତ ବିଦ୍ୟାଳୟ ଏବଂ ମହାବିଦ୍ୟାକଳୟର ମନୋନୀତ ଛାତ୍ର ଏବଂ ଛାତ୍ରୀ ଅଂଶଗ୍ରହଣ କରିଥିଲେ। କୃତୀ ଛାତ୍ର ଛାତ୍ରୀଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ଏହି ପୁରସ୍କାର ବିତରଣ ଉତ୍ସବରେ ଜିଲ୍ଲା ସୂଚନା ଏବଂ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ମନୋଜ ବେହେରା, ଜିଲ୍ଲା ସଂସ୍କୃତି ଅଧିକାରୀ ଶ୍ରୀମତୀ ଅର୍ପିତା ବେହେରା, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଶ୍ରୀ ସୁବୋଧ ଛତ୍ରିଆ, ମ୍ୟୁନିସିପାଲ୍ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଶ୍ରୀ ଅମରେଶ ଚନ୍ଦ୍ର ନେଗୀ, କୁଇଜ୍ ମାଷ୍ଟର ତଥା ବରିଷ୍ଠ ବିଜ୍ଞାନ ଶିକ୍ଷକ ଶ୍ରୀ ଶୁଭେନ୍ଦୁ ଶେଖର ବେହେରା ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ। ଅତିଥିଗଣ ପର୍ଯ୍ୟଟନ ଦିବସ ପାଳନର ଉଦ୍ଦେଶ୍ୟ, ପ୍ରଚାର, ସବୁଜ ନିବେଶ ଓ ଆର୍ଥିକ ଅଭିବୃଦ୍ଧି ଉପରେ ଧାରଣା ଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଏବଂ ଅନ୍ୟ କର୍ମଚାରୀମାନେ ଦିବସ ପାଳନରେ ସହଯୋଗ କରିଥିଲେ।

# ୮ନଂ ଜୋନରେ ବିଜେପିର 'ମୋ ମାଟି ମୋ ଦେଶ' ସମର୍ପିତ ଅଭିଯାନ

କେନ୍ଦ୍ରାପଡ଼ା, ୨୮/୦୯ (ନି.ପ୍ର): ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନ କ୍ରମେ ଦେଶର ସମସ୍ତ ସ୍ଥାନରେ "ମୋ ମାଟି ମୋ ଦେଶ" କାର୍ଯ୍ୟକ୍ରମ ଚାଲୁଥିବା ବେଳେ କେନ୍ଦ୍ରାପଡା ବ୍ଲକ ପୁରୁଷୋତମପୁର ୮ନଂ ଜୋନରେ "ମୋ ମାଟି ମୋ ଦେଶ" ସମର୍ପିତ ଅଭିଯାନ ମଣ୍ଡଳ ସଭାପତି ଉମାକାନ୍ତ ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସାଧାରଣ ସଂପାଦକ ଅଭିମନ୍ୟୁ ଗୋଛାୟତ ଯୋଗ ଦେଇଥିଲେ । କୋରୁଆ ଗଡାରୁ ଏକ ଶୋଭାଯାତ୍ରା ବାହାରି ବିଭିନ୍ନ ଗ୍ରାମ ବୁଲି ପୁରୁଷୋତମପୁର କୋରୁଆ ଗ୍ରାମରେ ସମାପନ ହୋଇଥିଲା । ପ୍ରତ୍ୟେକ ଘର ଘର ବୁଲି ବିଜେପି କର୍ମକର୍ତାମାନେ ମାଟି ଏବଂ ଚାଉଳ ସଂଗ୍ରହ କରି ଦିଲ୍ଲୀରେ ସହିଦ ମାନଙ୍କ ଉଦ୍ଦେଶ୍ୟରେ ନିର୍ମାଣ ହେବାକୁ ଥିବା ଅମୃତ ବାଟିକା ନିମନ୍ତେ ପଠାଇଥିଲେ । ଏହି କାର୍ଯ୍ୟକ୍ରମରେ ପଂଚାୟତ ସଭାପତି ରଂଜନ ରାଉତ, ମଣ୍ଡଳ ଉପ ସଭାପତି ସଂଗ୍ରାମ ଦାସ, ବାବୁଲି ଲେଙ୍କା, ଯୁବ ମୋର୍ଚ୍ଚାର ଆଦିତ୍ୟ ପ୍ରତାପ ଲେଙ୍କା, ଭାବଗ୍ରାହୀ ସାହୁ, ବାସନ୍ତି ବେହେରା, ସ୍ୱର୍ଣ୍ଣଲତା ସେଠୀ, ଅନିମା ସେଠୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଗାନ୍ଧିଜୀଙ୍କ ଆଦର୍ଶ ସମ୍ବଳିତ ଚଳଚ୍ଚିତ୍ର ପ୍ରଦର୍ଶନ

ପୁରୀ , ୨୮/୦୯ (ନି.ପ୍ର): ଗାନ୍ଧିଜୀଙ୍କ ନିତୀ ଆଦର୍ଶ ଓ ବିଚାରଧାରା ଚିର ଅମର ବୋଲି କହିଛନ୍ତି ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ଡଃ ଶରତ ଚନ୍ଦ୍ର ମହାପାତ୍ର ।ଆଜି ପୂର୍ବାହ୍ନ ରେ ସଂସ୍କୃତି ଭବନ ପରିସରେର ମହାତ୍ମାଗାନ୍ଧୀ ଙ୍କ ନିତୀ ଆଦର୍ଶ ରେ ଅନୁପ୍ରାଣିତ ଗାନ୍ଧୀ ପନୋରମା ଚଳଚ୍ଚିତ୍ର ପ୍ରଦର୍ଶନ କରାଯାଇଥିଲା ।ଏହାକୁ ମୁଖ୍ୟ ଅତିଥି ଭାବେ ଉଦଘାଟନ କରି ଅତିରିକ୍ତ ଜିଲ୍ଲାପାଳ ଡଃ ମହାପାତ୍ର ଗାନ୍ଧିଜୀଙ୍କ ଜୀବନ ରୁ ଶୃଙ୍ଖଳା, ସତ୍ୟ ପ୍ରତି ନିଷ୍ଠା,ସରଳ ଜୀବନ ଯାପନ ପ୍ରେତ୍ୟକ ଙ୍କ ଧେୟ ହେବା ଉଚିତ ବୋଲି କହିବା ସହ ମେନାରଞ୍ଜନ ମାଧମେର ଏହି ଶିକ୍ଷା ପିଲା ମାନଙ୍କୁ ନିଶ୍ଚିତ ଅନୁପ୍ରାଣିତ କରିବ ବୋଲି କହିଥିଲେ ।ବିଶିଷ୍ଟ ଗାନ୍ଧିବାଦୀ ଗୌରାଙ୍ଗ ଚରଣ ପରିଡା ଗାନ୍ଧିଜୀଙ୍କ ଜୀବନୀର ବିସ୍ତୃତ ବ୍ୟାଖ୍ୟା କରି ତୁଳସୀ ଦୁଇ ପତ୍ର ରୁ ବାସିବା ଭଳି ଗାନ୍ଧିଜୀ ମଧ ପିଲା ଅବସ୍ଥାରୁ ତାଙ୍କ ବ୍ୟକ୍ତିତ୍ୱ କୁ କିପରି ଗଢିଥିଲେ ତାହାର ବିବିଧ ଉଦାହରଣ ମାଧମେର ଅବଗତ କରାଇଥିଲେ। ଗାନ୍ଧୀ ପନୋରମାର ନିର୍ଦ୍ଦେଶକ ଦେବେନ୍ଦ୍ର ଖଣ୍ଡୁଆଲାଲ ଚଳଚ୍ଚିତ୍ର ମାଧମେର ଗାନ୍ଧିଜୀଙ୍କ ବିଚାର ଧାରା ର ପ୍ରଚାର ପ୍ରସାର, ଯୁବ ପିଢ଼ି ଓ ଶିଶୁ ମାନଙ୍କ ମଧେର ଏହାର ମୂଲ୍ୟେବାଧ କୁ ସମ୍ପ୍ରସାରିତ କରିବା ଏହି ପନୋରମାର ଉେଦଶ୍ୟ ବୋଲି କହିଥିଲେ। ଅନ୍ୟ ମାନଙ୍କ ମଧେର ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସେନ୍ତାଷ କୁମାର ସେଠୀ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ମମତା ମିଶ୍ର,ହିମାଂଶୁ ଭୂଷଣ ସମର୍ଥା,ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରଘୁନାଥ ସେଠୀ ପ୍ରମୁଖ ଗାନ୍ଧିଜୀଙ୍କ ଜୀବନୀ ସମ୍ପର୍କେର ଅେଲାଚନା କରିଥିଲେ ।ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ଏଥିରେ ଅଧକ୍ଷତା କରିବା ସହ କାର୍ଯ୍ୟ ପରିଚାଳନା କରିଥିଲେ। ଶେଷେର ଦୁଇଟି ପର୍ଯ୍ୟାୟେର ଗାନ୍ଧିଜୀଙ୍କ ଅନୁପ୍ରେରଣା ଉପେଯାଗୀ ଚଳଚ୍ଚିତ୍ର ପ୍ରଦଶର୍ନ କରାଯାଇଥିଲା ।ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ର ଛାତ୍ରୀ ଏହି ଚଳଚ୍ଚିତ୍ରକୁ ଦେଖି ଥିଲେ। କାର୍ଯ୍ୟକ୍ରମ ରେ ପେନାରମାର ଅନ୍ୟାନ୍ୟ ସଦସ୍ୟ ଓ ସଂସ୍କୃତି କାର୍ଯ୍ୟାଳୟର କମର୍ଚାରୀ ମେନ କାର୍ଯ୍ୟକ୍ରମେର ସହେଯାଗ କରିଥିଲେ।

# ରାସବେଡା ଆଶ୍ରମ ବିଦ୍ୟାଳୟ ପରିସରରେ ସ୍ୱଚ୍ଛ ଭାରତ ଅଭିଯାନ

ମାଲକାନଗିରି , ୨୮/୦୯ (ନି.ପ୍ର): ସ୍ୱଚ୍ଛ ଭାରତ ଅଭିଯାନ ଓ କଲ୍ୟାଣ ବିଭାଗ ର ମିଳିତ ଆନୁକୂଲ୍ୟରେ ଖଇରପୁଟ ବ୍ଲକ ଅନ୍ତର୍ଗତ ରାସବେଡା ସ୍ଥିତ ଆଦିବାସୀ ହରିଜନ ଆଶ୍ରମ ବିଦ୍ୟାଳୟ ପରିସରରେ ସ୍ୱଚ୍ଛ ଭାରତ ଅଭିଯାନ ଅନୁଷ୍ଠିତ ହୋଇଯାଇଛି । ରାସବେଡା ଗ୍ରାମ ପଞ୍ଚାୟତ ର ସରପଞ୍ଚ ଶ୍ରୀମତି ପ୍ରମିଳା ଗୁଚ୍ଚା , ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଅଭୟ କୁମାର ମହାନ୍ତି, ଶିକ୍ଷକ ବୀରକିଶୋର ଜେନା ଙ୍କ ନେତୃତ୍ୱରେ ବିଦ୍ୟାଳୟ ର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ମାନେ ଏହି ଅଭିଯାନରେ ସାମିଲ ହୋଇ ବିଦ୍ୟାଳୟ ପରିସରରେ ଥିବା ସମସ୍ତ ଅଳିଆ, ଆବର୍ଜନା ସଫା କରିବା ସହ ଉକ୍ତ ଅଳିଆ ଗୁଡ଼ିକୁ ବହୁ ଦୁରରେ ଅବସ୍ଥିତ ଅଳିଆଗଦାରେ ପକାଇ ଥିଲେ ଓ ଏହା ପରେ ସମସ୍ତେ ଏକତ୍ରିତ ହୋଇ ସମ୍ପୂର୍ଣ୍ଣ ରାସବେଡା ଗ୍ରାମ ପରିକ୍ରମା କରି ସ୍ୱଚ୍ଛ ଭାରତ ଅଭିଯାନର ବାର୍ତ୍ତା ସ୍ଲୋଗାନ ମାଧ୍ୟମରେ ଦେଇ ଜନ ସାଧାରଣଙ୍କୁ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ବାର୍ତ୍ତା ଦେଇଥିଲେ ।

# ୮ ବର୍ଷର ନାବାଳିକା ଦୁଷ୍କର୍ମ ମାମଲାରେ ଅଭିଯୁକ୍ତକୁ ୨୦ ବର୍ଷ ଜେଲ ୧୦ ହଜାର ଟଙ୍କା ଜୋରିମାନା

କନ୍ଧମାଳ, ୨୮/୦୯ (ନି.ପ୍ର): ଫୁଲବାଣୀ ଅତିରିକ୍ତ ଜିଲ୍ଲା ଦୌରାଜଜ ଏବଂ ସ୍ୱତନ୍ତ୍ର ପୋସ୍କୋ କୋର୍ଟ ବିଚାରପତି ସଞ୍ଜିତ କୁମାର ବେହେରା ଏକ ଦୁଷ୍କର୍ମ ମାମଲାର ବିଚାରଣା କରି ଘଟଣାର ସାକ୍ଷୀ, ଡାକ୍ତରୀ ରିପୋର୍ଟ ଏବଂ ସାକ୍ଷୀ ପ୍ରମାଣ ଆଧାରରେ ମାମଲାର ଅଭିଯୁକ୍ତ ନୂପୁରା ଦିଗାଲକୁ ଦୋଷୀ ସାବ୍ୟସ୍ତ କରି ୨୦ ବର୍ଷ ସଶ୍ରମ କାରାଦଣ୍ଡ ଏବଂ ୧୦ ହଜାର ଟଙ୍କା ଜରିମାନା ଦଣ୍ଡରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ଅଭିଯୁକ୍ତକୁ ଆଉ ଅଧିକ ୬ମାସ ଅଧିକ କାରାଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ବିଚାରପତି ନିଜ ରାୟରେ ପ୍ରକାଶ କରିଛନ୍ତି। ସରକାରଙ୍କ ପକ୍ଷରୁ ମାମଲାକୁ ସ୍ୱତନ୍ତ୍ର ପୋସ୍କୋ କୋର୍ଟର ପିପି ଅସୀମ ପ୍ରହରାଜ ପରିଚାଳନା କରୁଥିଲେ। ପ୍ରାପ୍ତ ସୂଚନା ଅନୁଯାୟୀ ୯/୪/୨୦୨୨ ଅପରାହ୍ନ ୪ଟାରେ ନାବାଳିକା ଜଣକ ଘର ପାଖ ଆମ୍ବ ତୋଟା ପାଖକୁ ଆଉ ଦୁଇଜଣ ନାବାଳକ ସହ ଆମ୍ବ ଖାଇବା ପାଇଁ ଯାଇଥିଲେ। ସେହି ସମୟରେ ଅଭିଯୁକ୍ତ ନୂପୁରା ଦିଗାଲ ସେଠାକୁ ଯାଇ ନାବାଳିକା ଜଣକୁ ହାତ ଧରି ସେଠାରୁ ନେଇ ନିକଟରେ ଥିବା ଏକ ଖାଲ ମଧ୍ୟକୁ ନେଇ ଦୁଷ୍କର୍ମ କରିଥିଲା। ନାବାଳିକା କାନ୍ଦିବାରୁ ତା'ର ପାଟି ଚାପି ଧରିଥିଲା। ନାବାଳିକା ନଫେରିବାରୁ ଅନ୍ୟ ଦୁଇ ନାବାଳକ ଖାଲ ପାଖକୁ ଯାଇ ପାଟିକରି ନାବାଳିକାକୁ ଡାକିଥିଲେ। ଏହାପରେ ଅଭିଯୁକ୍ତ ଘଟଣା ସ୍ଥଳରୁ ପଳାଇ ଯାଇଥିଲା। କାହାକୁ ନକହିବାକୁ ଧମକ ଦେଇଥିଲା। ପୀଡ଼ିତା ଜଣଙ୍କ ଘରକୁ ଆସି ମା'ଙ୍କୁ କହିଥିଲେ ପୀଡ଼ିତାଙ୍କ ବାପା କେରଳରେ ରହୁଥିଲେ। ଏହାର ସୁଯୋଗ ନେଇ ଅଭିଯୁକ୍ତ ଜଣଙ୍କ ପିଡ଼ିତାଙ୍କ ପରିବାରକୁ ବାରମ୍ବାର ଧମକ ଚମକ ଦେଇଥିଲେ ଏବଂ କେଉଁଠି ଜଣାଇଲେ ଜୀବନରେ ମାରିଦେବେ କହିଥିଲେ। ଏହାପରେ ପିଡ଼ିତାଙ୍କ ମାଆ ୨୭/୪/୨୨ରେ ବାଲିଗୁଡ଼ା ଥାନାରେ ଏତଲା ଦେଇଥିଲେ। ଅଭିଯୋଗ ପ୍ରକାରେ ଥାନା କେଶ୍ ନମ୍ବର ୧୦୦/୨୨ରେ ଏକ ମାମଲା ପୋସ୍କୋ ଆଇନ ଅନୁସାରେ ରୁଜ୍ଜୁ କରିବା ସହିତ ଅଭିଯୁକ୍ତକୁ କୋର୍ଟରେ ହାଜର କରାଇଥିଲା। ସେହି ମାମଲାର ବିଚାରଣ କରି ବିଚାରପତି ଉପୋରୋକ୍ତ ରାୟ ଶୁଣାଇଛନ୍ତି। ଏଥିସହିତ ଏହି ମାମଲାରେ ପୀଡିତାର ପରିବାରକୁ ଆଇନସେବା ପ୍ରାଧିକରଣ ତରଫରୁ ୭ ଲକ୍ଷ ଟଙ୍କା କ୍ଷତିପୂରଣ ରାଶି ଯୋଗାଇ ଦେବାଲାଗି କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

# ସ୍ୱାଧୀନତାର ଅମୃତ ମହୋତ୍ସବ କଳସ ଶୋଭାଯାତ୍ରା ଅଭିଯାନ

କନ୍ଧମାଳ, ୨୮/୦୯ (ନି.ପ୍ର): ନେହେରୁ ଯୁବ ଫୁଲବାଣୀ ଓ ୧୨୭ ସିଆର୍‌ପିଏଫ୍ ବାଲିଗୁଡ଼ାର ମିଳିତ ଅନୁକୂଲ୍ୟରେ ସ୍ୱାଧୀନତାର ଅମୃତ ଶୋଭାଯାତ୍ରା କଳସ ଯାତ୍ରା କାର୍ଯ୍ୟକ୍ରମ ଖଜୁରୀପଡ଼ା ବ୍ଲକ୍‌ର ନବଗୁବା ଠାରେ ଅନୁଷ୍ଠିତ ହୋଇଥିଲା । ଆୟୋଜିତରେ ଅମୃତ ମହୋତ୍ସବ ଅଭିଯାନ ଅଧିନରେ ମେରୀ ମାଟି, ମେରା ଦେଶ କାର୍ଯ୍ୟକ୍ରମ ଅଧିନରେ ଅମୃତ କଳସ ଯାତ୍ରା କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରୁଥିବା ସମସ୍ତ ଜନ ପ୍ରତିନିଧୀ, ଗ୍ରାମାଂଚଳ, ସରପଂଚ, ନେହେରୁ ଯୁବକେନ୍ଦ୍ର ଫୁଲବାଣୀ ଏବଂ କେନ୍ଦ୍ରୀୟ ବଳ ସିଆର୍‌ପିଏଫ୍ ବାଲିଗୁଡ଼ାର ସଦସ୍ୟମାନେ ହାତରେ ମାଟି ନେଇ ଶପଥ ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମ ସମୟରେ ୧୨୭ ବାଟାଲିୟନ ସିଆର୍‌ପିଏଫ୍‌ର କମାଣ୍ଡାଂଟ ଶ୍ରୀ ଆନନ୍ଦ ଝା ସ୍ୱାଧୀନତାର ଅମୃତ ମହୋତ୍ସବ କାର୍ଯ୍ୟକ୍ରମର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଉପ କମାଣ୍ଡେଂଟ ଅଜିତ ସି. ବାବୁ ବିପିନ କୁମାର ତଥା ସହାୟକ କମାଣ୍ଡେଂଟ କୁମାର ରାଘବେନ୍ଦ୍ର, ଅଶୋକ ମଳିକ, ପ୍ରଶାନ୍ତ ମଳିକ ସରପଂଚ ମିଡିଆକିଆ ତଥା ବାଟଗୁଡ଼ା, ୱାର୍ଡ଼ ପ୍ରତିନିଧି ଆଉ ସିଆର୍‌ପିଏଫ୍‌ର ଯବାନ ଏବଂ ନେହେରୁ ଯୁବକେନ୍ଦ୍ର ଫୁଲବାଣୀର ସହକର୍ମୀ ସତ୍ୟବାନ ଦଳବେହେରା ଏବଂ ସ୍ୱେଚ୍ଛାସେବୀ ଉପସ୍ଥିତ ଥିଲେ।

# ଭିଏସଏସ ବିଲଡିଂ ଏବଂ ଫରେଷ୍ଟର କ୍ୱାର୍ଟର ଉଦ୍‌ଘାଟିତ

ବଲାଙ୍ଗୀର, ୨୮/୦୯ (ନି.ପ୍ର): ହରିଶଙ୍କର ରେଞ୍ଜର ଚାଉଲବାଞ୍ଜି ଭିଏସଏସରେ ଗୋଟିଏ ଭିଏସଏସ ବିଲଡିଂ ଏବଂ ଲାଠୋର ରେଞ୍ଜର ଲାଠୋର ସେକ୍ସନରେ ଫରେଷ୍ଟର କ୍ୱାର୍ଟର ଶ୍ରୀ ଅଶ୍ୱିନୀ କୁମାର କର, ଆଇଏଫଏସ, ଆରସିସିଏଫ, ଭବାନୀପାଟଣା ସର୍କଲ ଏବଂ ଶ୍ରୀ ନୀତୀଶ କୁମାର, ଆଇଏଫଏସ, ଡିଏଫଓ ବଲାଙ୍ଗୀର ବନ ବିଭାଗ ଉଦ୍ଘାଟନ କରିଥିଲେ। ଶ୍ରୀ ଘନଶ୍ୟାମ ମହନ୍ତ, ଏସିଏଫ୍, ବଲାଙ୍ଗୀର ବନ ବିଭାଗ, ରେଞ୍ଜ ଅଫିସର ଶ୍ରୀ ଶୈଳେଶ କୁମାର ବିଶି, ଲାଠୋର ରେଞ୍ଜ, ଶ୍ରୀ ସୁନୀଲ ମିଶ୍ର, କାର୍ଯ ନିର୍ବାହୀ ଡେପୁଟି ରେଞ୍ଜର୍, ହରିଶଙ୍କର ରେଞ୍ଜ, ଶ୍ରୀ ଅଭୟ କୁମାର ତ୍ରିପାଠୀ, ସାମାଜିକ କର୍ମୀ ଏବଂ ଅନ୍ୟାନ୍ୟ ରେଞ୍ଜ କର୍ମଚାରୀ ସାମିଲ ଥିଲେ। ଏହି ଅବସରରେ ବିଭିନ୍ନ ମେସିନ୍ ଏବଂ ଲଜିଷ୍ଟିକ୍ ଆଇଟମ୍ ଯେପରିକି - ବିରି ଗ୍ରାଇଣ୍ଡିଂ ମେସିନ୍, ସିଲେଇ ମେସିନ୍, ଖଲି ଦନା ତିଆରି ମେସିନ୍, ଚେୟାର, ଏବଂ ଭର୍ମି-କମ୍ପୋଷ୍ଟ କିଟ୍ ମଧ ସେମାନଙ୍କ ଜୀବିକା ବୃଦ୍ଧି ତଥା ଆତ୍ମନିର୍ଭରଶୀଳତା ପାଇଁ ୧୦ ଟି ବନ ସୁରକ୍ଷା ସମିତି କୁ ବଣ୍ଟନ କରାଯାଇଥିଲା।

# ବଲାଙ୍ଗୀର ଜିଲ୍ଲା ସିନିୟର ନକଆଉଟ ଫୁଟବଲ ଚତୁର୍ଥ ଦିବସ

ବଲାଙ୍ଗୀର, ୨୮/୦୯ (ନି.ପ୍ର): ବଲାଙ୍ଗୀର ଜିଲ୍ଲା କ୍ରୀଡ଼ା ସଂସଦ ଆନୁକୂଲ୍ୟରେ ୧୨ ଗୋଟି ପଡ଼ିଆରେ ଫୁଟବଲ ଖେଳ ଅନୁଷ୍ଠିତ ହୋଇଯାଇଛି। ଟାଉନ ହାଇସ୍କୁଲ ବଲାଙ୍ଗୀର ପଡିଆରେ ଅନୁଷ୍ଠିତ ଖେଳରେ ଡିଏଫ୍ଏ ୬-୨ ଗୋଲରେ ଆମ୍ବେଦକର କ୍ଲବକୁ ହରାଇ ବିଜୟୀ ହୋଇଛି। ଅତିଥି ଭାବେ ବାର ଏସୋସିଏସନ ସଂପାଦକ ଅମନ ନାଗ ଯୋଗ ଦେଇଥିଲେ। ଖେଳକୁ ଦେବାଶିଷ ବାଗ, ଶୁଶାନ୍ତ ନାଗ, ଉମେଶ ଭୋଇ ଓ ଅବଦୁଲ ମୁଜିବ ପରିଚାଳନା କରିଥିଲେ। ସୁଜିଆ ପଡିଆରେ ଏବିଏଫ୍ଏ ଲୋଇସିଂହା ଟ୍ରାଇବ୍ରେକର ୪-୩ ଗୋଲରେ ମାଣ୍ଡିଆପଦରକୁ ହରାଇ ବିଜୟୀ ହୋଇଛି । ଅତିଥି ଭାବେ ପୂର୍ବ ଡେପୁଟି କଲେକ୍ଟର ବିଜ୍ଞାନ କୁମାର ଯୋଗ ଦେଇଥିଲେ । ଖେଳକୁ କରୁଣାକର ପ୍ରଧାନ, ଜିତେନ୍ଦ୍ର ପାତ୍ର, ଶ୍ରବଣ ବାଗ ଓ ଜ୍ୟୋର୍ତିମୟ ରାଉତ ପରିଚାଳନା କରିଥିଲେ । ଲୋଇସିଂହା ମିନି ଷ୍ଟଡିୟମ ଠାରେ ଅନୁଷ୍ଠିତ ଖେଳରେ ସକମା ଟ୍ରାଇବ୍ରେକର ୪-୩ ଗୋଲରେ ଏଚ୍ ?ଆରଡିଏ ଖଲିଆପାଲି ହରାଇ ବିଜୟୀ ହୋଇଛି। ଖେଳକୁ ମୁକେଶ ତ୍ରିପାଠି, ଦାମୋଦର ପ୍ରଧାନ, ଅଞ୍ଜନ ଭେସ୍ରା ଓ ପ୍ରଦୀପ ବଗର୍ତି ପରିଚାଳନା କରିଥିଲେ । ଖୁଜେନପାଲି ପଡିଆରେ ଭାଲେର ଟ୍ରାଇବ୍ରେକର ୪-୧ ଗୋଲରେ କୁଦେଇପାଲି କୁ ହରାଇ ବିଜୟୀ ହୋଇଛି। ଦ୍ୱିତୀୟ ଖେଳରେ ଜେକେଓ୍ୱାଇଏସ୍ କାଲସାଏପାଲି ୪-୦ ଗୋଲରେ କୁର୍ଲୁପାଲିକୁ ହରାଇ ବିଜୟୀ ହୋଇଛି । ଖେଳକୁ ପ୍ରଫୁଲ୍ଲ ବଗର୍ତି, ସୁଦୟ ବାରିକ, ବିକି ବିଶି, ଜ୍ୟୋତି ମହାନନ୍ଦ ଓ ଶୁଭ୍ରାଂଶୁ ରାଉତ ପରିଚାଳନା କରିଥିଲେ। ପଲ୍ଲିଶ୍ରୀ ଷ୍ଟଡିୟମ ସଦାଇପାଲି ଠାରେ ବରକାନି ୨-୦ ଗୋଲରେ ସରଗାଡକୁ ହରାଇ ବିଜୟୀ ହୋଇଛି । ଅତିଥି ଭାବେ କ୍ରିଡା ସଂସଦର ଯୁଗ୍ମ ସଂପାଦକ ଶତୃଘନ ସିଂ, ଏଥେଲେଟ ସଂପାଦକ ବିଭୁତି ଭୂଷଣ ପଣ୍ଡା ଓ ପୂର୍ବ ପିଇଟି କସ୍ତୁରୀ ରଥ ଯୋଗ ଦେଇଥିଲେ। ଖେଳକୁ ସୁରେଶ ନାଏକ, ସଂଜିବ ମହାରଣା, ସୁଧାଂଶୁ ସେଠ ଓ ସୁଦର୍ଶନ ସେଠ ପରିଚାଳନା କରିଥିଲେ। କଂଟାବାଞ୍ଜି ରେଲଓ୍ୱେ ପଡିଆରେ ଚନ୍ଦ୍ରପୁର ୨-୧ ଗୋଲରେ କାନୁଟକୁ ହରାଇ ବିଜୟୀ ହୋଇଛି। ଅତିଥି ଭାବେ ସାମସଙ୍ଗ ସେନାପତି ଯୋଗ ଦେଇଥିଲେ। ଖେଳକୁ ରାଜେନ୍ଦ୍ର ଧରୁଆ, ବିଜୟ ଖମାରୀ, ଗୌରହରି ପୁଟେଲ ଓ ଉମେଶ ଚନ୍ଦ୍ର ଧରୁଆ ପରିଚାଳନା କରିଥିଲେ। ହଳଦି ପଡିଆରେ ଘୁଷୁରାମୁଣ୍ଡା ୧-୦ ଗୋଲରେ ମାଲପଡା କୁ ହରାଇ ବିଜୟୀ ହୋଇଛି। ଖେଳକୁ ପାଣ୍ଡବ ବିଶି, ଅଶ୍ୱିନୀ ଭୁକ୍ତା, ପ୍ରତାପ ଭୁକ୍ତା ଓ ଆଶିର୍ବାଦ ସା ପରିଚାଳନା କରିଥିଲେ। ଜରାସିଂହା ପଡିଆରେ ମୁରସିଂ ୧-୦ ଗୋଲରେ ଅନ୍ତର୍ଲାକୁ ହରାଇ ବିଜୟୀ ହୋଇଛି। ଅତିଥି ଭାବେ ଦେଓଗାଁ ତହସିଲଦାର ଯୁଗଲ କିଶୋର ବିଶ୍ୱାଲ ଓ ଜରାସିଂହା ପ୍ରଧାନ ଶିକ୍ଷକ ଶତୃଘନ ଘଡାଇ ଯୋଗ ଦେଇଥିଲେ। ଖେଳକୁ କୈଳାସ ଚନ୍ଦ୍ର କଂଟି, ସଂଜନ କୁଦେଇ, ପ୍ରଶାନ୍ତ ଥନାପତି ଓ ଶୁଶାନ୍ତ ଥନାପତି ପରିଚାଳନା କରିଥିଲେ। ଟିଟିଲାଗଡ ସିଟି ସ୍କୁଲ ପଡିଆରେ ସିହିନି ୨-୦ ଗୋଲରେ ଦେସିଲ କୁ ହରାଇ ବିଜୟୀ ହୋଇଛି। ଖେଳକୁ ଲବ ସୁନାନି, ରାଜେଶ ସ୍ୱାଇଁ, ପ୍ରିତମ ନାଏକ ଓ ବିନୋଦ ପ୍ରଧାନୀ ପରିଚାଳନା କରିଥିଲେ। ଖପ୍ରଖୋଲ ପଡିଆରେ ଧଣ୍ଡାମୁଣ୍ଡା ଟ୍ରାଇବ୍ରେକର ୫-୪ ଗୋଲରେ ଦେଦରୋହକୁ ହରାଇ ବିଜୟୀ ହୋଇଛି । ଖେଳକୁ ଦିପକ ରାଜହଂସ, ଦୋଲ ଗୋବିନ୍ଦ ମୁଣ୍ଡା, ଶ୍ରୀରାମ ସାହୁ ଓ କ୍ଷୀରସିନ୍ଧୁ ବେହେରା ପରିଚାଳନା କରିଥିଲେ । ପାଟଣାଗଡ ହାଇସ୍କୁଲ ପଡିଆରେ ଅନୁଷ୍ଠିତ ଖେଳରେ କୁତମୁଣ୍ଡା ଟ୍ରାଇବ୍ରେକର ୫-୪ ଗୋଲରେ ପାଟଣାଗଡକୁ ହରାଇ ବିଜୟୀ ହୋଇଛି। ଅତିଥି ଭାବେ ରାଜ୍ୟସଭା ସଦସ୍ୟ ନିରଞ୍ଜନ ବିଶି ଯୋଗ ଦେଇଥିଲେ। ଖେଳକୁ ତ୍ରିନାଥ ଚନ୍ଦନ, ରାଜେନ୍ଦ୍ର ସେଠ, ଚୈତନ୍ୟ ସାହୁ ଓ ଖୁସିରାମ ମଲ୍ଲିକ ପରିଚାଳନା କରିଥିଲେ। ଚୁଡାପାଲି ପଡିଆରେ ଢୁଲୁସର ଟ୍ରାଇବ୍ରେକର ୫-୪ ଗୋଲରେ ଭାଲୁପିଟାକୁ ହରାଇ ବିଜୟୀ ହୋଇଛି। ଅତିଥିଭାବେ ଚୁଡାପାଲି ହାଇସ୍କୁଲ ପ୍ରଧାନ ଶିକ୍ଷକ କୁଶଲେଶ୍ୱର ମିଶ୍ର ଓ ପୂର୍ବ ଖେଳାଳି ରାମ କୁମାର କୁମୁରା ଯୋଗ ଦେଇଥିଲେ। ଖେଳକୁ ବୈକୁଣ୍ଠ ଜେନା, ପୁରୁଷୋତମ ବୁଡେକ, ଜଳନ୍ଧର ସାହୁ ଓ ବୁଦ୍ଧଦେବ ନାଏକ ପରିଚାଳନା କରିଥିଲେ।

# ସଦ୍‌ଭାବନା ୟୁଥ କ୍ଲବ ପକ୍ଷରୁ ଗଜଲକ୍ଷ୍ମୀ ପୂଜା ପାଇଁ ପ୍ରସ୍ତୁତି ବୈଠକ

କେନ୍ଦ୍ରାପଡ଼ା, ୨୮/୦୯ (ନି.ପ୍ର): କେନ୍ଦ୍ରାପଡାର ଗଣପର୍ବ ଗଜଲକ୍ଷ୍ମୀ ପୂଜା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଗଲାଣି। ସଦଭାବନା ୟୁଥ କ୍ଲବ ପକ୍ଷରୁ ଧନଦାତ୍ରୀ ମା' ଗଜଲକ୍ଷ୍ମୀଙ୍କ ପୂଜା ପାଇଁ ଦ୍ୱିତୀୟ ପ୍ରସ୍ତୁତି ବୈଠକ ଆଇନ ମହାବିଦ୍ୟାଳୟ ଛକସ୍ଥିତ ହନୁମାନ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷର ପୂଜାକୁ ଶାନ୍ତିଶୃଙ୍ଖଳାର ସହିତ ଆୟୋଜନ ଓ ଆକର୍ଷଣୀୟ କରିବା ପାଇଁ ବିଭିନ୍ନ ପଦକ୍ଷେପ ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ଚଳିତ ଥର ମଧ କଲିକତାର କାରିଗରମାନଙ୍କ କାରିଗରୀ କୌଶଳରେ ତାଇୱାନ ବୁଦ୍ଧ ମନ୍ଦିରର ଅବିକଳ ନକଲ ପୂଜା ମଣ୍ଡପ ତୋରଣରେ ସ୍ଥାନ ପାଇବ ବୋଲି ସ୍ଥିର କରାଯାଇଛି। ଏହି ତୋରଣର ଉଚ୍ଚତା ୬୫ଫୁଟ, ଓସାର ୮୦ଫୁଟ ଓ ମୂର୍ତି ସହ ମେଢ ୧୬ଫୁଟ ହେବା ପାଇଁ ନିଷ୍ପତି ହୋଇଛି। ଏଥର ପୂଜା ବଜେଟ ୧୩ଲକ୍ଷ ଟଙ୍କା ଧାର୍ଯ୍ୟ କରାଯାଇଥିବା କର୍ମକର୍ତାମାନେ ସୂଚନା ଦେଇଛନ୍ତି। କୁମାରପୂର୍ଣ୍ଣିମା ଠାରୁ ବିଷର୍ଜନ ଯାଏ ପୂଜାବିଧି ଅନୁଯାଇ ସମସ୍ତ କାର୍ଯ୍ୟ ପାଳନ କରାଯିବ। ସଭାପତି ମନୋଜ କୁମାର ସ୍ୱାଇଁଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ବୈଠକରେ ସମ୍ପାଦକ ଦେବାଶିଷ ଦାସ, ଅନାମ ଚରଣ ମହାନ୍ତି, ବିଶ୍ୱରଞ୍ଜନ ଆଚାର୍ଯ୍ୟ, ବିବେକାନନ୍ଦ ସାହୁ, ସୁରେନ୍ଦ୍ର ଦାଶ, ସଚ୍ଚିକାନ୍ତ ନାଥ, ଦେବାଶିଷ ପଣ୍ଡା, କିଶୋର ବିଶ୍ୱାଳ, ସୌଭାଗ୍ୟ ଜେନା, ବଳରାମ ମହାରଣା, ଆଶିଷ ଲେଙ୍କା, ସନ୍ଦୀପ ପ୍ରଧାନ, ନିଗମ ନିକେତନ, ନାରାୟଣ ସାହୁ, ପ୍ରସନ୍ନ ଦାସ, ଅଭିଜିତ ଦାସ, ଅନିଲ ମଲ୍ଲିକ, ସଂଜିତ ରାଉତ, ଜ୍ଞାନରଞ୍ଜନ ପୃଷ୍ଟି, ଗଗନ ଦାସ, ଅସିତ ପଣ୍ଡା, ସୌମ୍ୟରଞ୍ଜନ ବେହେରା, ଜିବନ ଧଳ, ସୂର୍ଯ୍ୟ କୁମାର ମାହୁନ୍ତ, ଜିତୁ ବାରିକ, ବିଶ୍ୱଜିତ ରାଉତ, ପ୍ରହଲ୍ଲାଦ ପୃଷ୍ଟି, ଶଶିକାନ୍ତ ରାଉତ, ବଟକୃଷ୍ଣ ମହାରଣା, ନିହାର ରଞ୍ଜନ ଜେନା, ହୃଷିକେଶ ସାହୁ, ତ୍ରୈଲୋକ୍ୟ ସାହୁ, ପ୍ରୟାସ ରାୟ, ପ୍ରଶାନ୍ତ ପ୍ରଧାନ, ସୌମ୍ୟରଞ୍ଜନ ପ୍ରଧାନ, ଜ୍ୟୋତିପ୍ରକାଶ ପଲାର, କ୍ଷେତ୍ରବାସୀ ପ୍ରଧାନ, ଶଶିକାନ୍ତ ଓଝା, ମାନସ ଜେନା, ମନୋଜ ପାଣି, କୈଳାସ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ନୀରବ ବିଦ୍ରୋହ

(ପୃଷ୍ଠା-୪ର ଅବଶିଷ୍ଟାଂଶ)

'ମୁଁ ବନ୍ଧା ହୋଇଛି । ମୁଁ ବିସର୍ଜନ ହେବାକୁ ଯାଉଛି ତମର ଛୋଟ ହାତରେ ଲୁହ ପୋଛି, ରୋଜି କାନ୍ଦି କାନ୍ଦି କହିଲା । ତୁମେ କାହା ଉପରେ ରାଗିଛ...? ତୁମେ କୁଆଡେ ଯାଉଛ...?' ଶ୍ରୀମତୀ ସାହୁ ପଚାରିଲେ । ମମି ମୋତେ ତମେ ପିଟୁଛ ... ପାପା ମଧ ମୋତେ ପିଟନ୍ତି... ମୁଁ ଏକ ଦୁଷ୍ଟ ଝିଅ । ମୁଁ ସାଧୁ ବାବାଙ୍କ ପାଖକୁ ଯାଉଛି । ରୋଜି କହିଲା ଓ ଗେଟ୍ ବାହାରେ ଯାଇ ଠିଆ ହେଲା । ଚାଲିଯାଇଛି ସେ କେଉଁଆଡେ ଯାଉଛି ଦେଖିବା ପାଇଁ ଶ୍ରୀମତୀ ସାହୁ ତାଙ୍କୁ ଅନୁସରଣ କଲେ । ରୋଜି ଫାଟକରୁ ବାହାରି ଛକ ଆଡ଼କୁ ଗଲା, ଯେଉଁଠାରେ ସେଦିନ ଭିକ ମାଗିବା ପରେ ସାଧୁ ଯାଇଥିଲେ । ସେ ଥରେ ବି ପଛକୁ ଚାହିଁ ନଥିଲେ । ବାସ୍ ସେମିତି ରୋଜି ଚାଲୁଥିଲା । ଯେତେବେଳେ ସେ ବହୁତ ଆଗକୁ ଗଲା, ଶ୍ରୀମତୀ ସାହୁ ତାକୁ ଧରିବାକୁ ଦୌଡ଼ି ଗଲେ । 'ରୋଜି... ମୁଁ ସାଧୁଙ୍କୁ ତୋତେ ଦେବି ନାହିଁ । ଫେରିଆ। ତମେତ ମିଛ କହୁଛ, ତମେ ନିଶ୍ଚୟ ମୋତେ ସାଧୁ ବାବାଙ୍କ ନିକଟକୁ ପଠାଇଦେବ କହି ରୋଜି ଦଉଡିବାକୁ ଲାଗିଲା। 'ଶ୍ରୀମତୀ ସାହୁ ରୋଜିକୁ ଧରିବାକୁ ଦୌଡ଼ିବା ଆରମ୍ଭ କଲେ । କିନ୍ତୁ ପଛକୁ ନଚାହିଁ ରୋଜି ପାଟି କରି ନା ମମି ତମେ ମୋତେ ପିଟୁଛ, ପାପା ପିଟୁଛନ୍ତି । ମୁଁ ମୋ ଜେଜେ, ଜେଜୀ ମା' ପାଖକୁ ଚାଲିଯିବି । ସେମାନେ ମୋତେ ଭଲ ପାଉଥିଲେ । ତମେ ପିଟିଲେ ତମଠାରୁ ଛଡେଇ ନେଉଥିଲେ । ସେମାନେ ଏବେ ଜହ୍ନ ଆକାଶର ପୂର୍ଣ୍ଣ ତାରା । ମୁଁ ତାଙ୍କରି ପାଖକୁ ଚାଲି ଯିବି.. ରାସ୍ତାରେ ଚିତ୍କାର କରୁଥିଲା...। ହଠାତ୍ ଶ୍ରୀମତୀ ସାହୁ କ'ଣ ବୁଝିଲେ କେଜାଣି, ଧାଇଁ ଯାଇ ରୋଜିକୁ କୋଳେଇ ନେଇ ବିକଳରେ ଭୋ ଭୋ ହୋଇ କାନ୍ଦି ପକେଇ କହିଲେ ନା ଧନ ନା.. ତୁ ମୋର ସୁନାନାକୀ ଝିଅ..!!!

ଉ ଅଧକ୍ଷ, ମହାନଦୀ ବିହାର ମହିଳା ସ୍ନାତକ ମହାବିଦ୍ୟାଳୟ, କଟକ -୪
ମୋ: ୯୦୪୦ ୧୫୧୪୭୫

# ଶାନ୍ତିକାନନରେ କବିବର ରାଧାନାଥ ଜୟନ୍ତୀ ପାଳିତ



ବାଲେଶ୍ୱର, ୨୮/୦୯ (ନି.ପ୍ର): ଫକୀରମୋହନ ସାହିତ୍ୟ ପରିଷଦ ଆନୁକୂଲ୍ୟରେ ଶାନ୍ତିକାନନଠାରେ କବିବର ରାଧାନାଥ ରାୟଙ୍କ ୧୭୬ତମ ଜନ୍ମତିଥି ପାଳିତ ହୋଇଯାଇଛି । ପରିଷଦର ସଭାପତି ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ଏଥିରେ ପୌରୋହିତ୍ୟ କରିବା ଅବସରରେ କହିଲେ ଯେ କବିବର ରାଧାନାଥ ରାୟ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ଯେଉଁ କେତୋଟି ଉପାଦେୟ ଗ୍ରନ୍ଥ ରଚନା କରିଥିଲେ ତାହା ଆଜି ଦୁଷ୍ପ୍ରାପ୍ୟ। ସେହି ଗ୍ରନ୍ଥଗୁଡ଼ିକୁ ପୁନରୁଦ୍ଧାର କରି ପୁନଃପ୍ରକାଶନ ଦିଗରେ ସଚେଷ୍ଟ ହେବାଲାଗି ସେ ଓଡ଼ିଶାର ଗବେଷକମାନଙ୍କୁ ପରିଷଦ ପକ୍ଷରୁ ଆହ୍ୱାନ ଦେଇଥିଲେ। ଆଲୋଚକ ଭାବେ ଯୋଗ ଦେଇ ସଂସ୍କୃତ ବିଶାରଦ ନିରଂଜନ ସାହୁ, ଶ୍ରୀରାମଚନ୍ଦ୍ର ସଂସ୍କୃତ ବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ସଂଜୟ ପଣ୍ଡା ଓ ଫକୀରମୋହନ କନିଷ୍ଠ ମହାବିଦ୍ୟାଳୟର ଅଧାପକ ପୀତାମ୍ବର ବେହେରା ରାଧାନାଥଙ୍କୁ ଓଡ଼ିଆ ସାରସ୍ୱତ ଜଗତର ଯୁଗ ପ୍ରବର୍ତ୍ତକ ରୂପେ ଅଭିହିତ କରିଥିଲେ। କଲ୍ୟାଣୀ ନନ୍ଦଙ୍କ ନିର୍ଦ୍ଦେଶନାରେ ସୁବ୍ରତା ମହାନ୍ତି, ତୃପ୍ତିରାଣୀ ପାତ୍ର, ପୁଷ୍ପଲତା ଚକ୍ରବର୍ତ୍ତୀ, ସଙ୍ଗୀତା ବାରିକ ଓ ଶାନ୍ତିଲତା ପଣ୍ଡା ରାଧାନାଥ ରଚିତ 'ସର୍ବେଷାଂ ନୋ ଜନନୀ ଭାରତ' ସଙ୍ଗୀତ ପରିବେଷଣ କରିଥିଲେ। ସୁଷମା ମହାପାତ୍ର କବିବରଙ୍କ ଉଦ୍ଦେଶ୍ୟରେ ସ୍ୱରଚିତ କବିତା ପାଠ କରିଥିଲେ। ଯୁଗ୍ମ ସଂପାଦକ ଡ. ସାରଙ୍ଗଧର ତ୍ରିପାଠୀ ଅତିଥିମାନଙ୍କୁ ମଞ୍ଚଆବାହନ କରିଥିବାବେଳେ ସଂପାଦକ ଦୀପକ ବୋଷ ପ୍ରାକ୍‌କଥା ରଖିଥିଲେ। କଲ୍ୟାଣୀ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

# ରକ୍ତତୀର୍ଥ ଇରମରେ ୮୧ ତମ ଶହୀଦ ସ୍ମୃତି ଦିବସ ମହାସମାରୋହରେ ପାଳିତ



ବାସୁଦେବପୁର , ୨୮/୦୯ (ନି.ପ୍ର): ରକ୍ତତୀର୍ଥ ଇରମ ରେ ଶହୀଦ ସ୍ମୃତି କମିଟି ପକ୍ଷରୁ ୮୧ ତମ ଶହୀଦ ସ୍ମୃତି ଦିବସ ମହାସମାରୋହ ରେ ପାଳିତ ହୋଇଯାଇଛି । ଶହୀଦ କମିଟି ସଭାପତି ଭାଗିରଥି ମହାନ୍ତି ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ଏହି ଉତ୍ସବ ରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଓଡିଶା ର ମହାମହିମ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ । ରାଜ୍ୟପାଳ ଶ୍ରୀ ଲାଲ ତାଙ୍କ ବକ୍ତବ୍ୟ ରେ କହିଲେ ସ୍ୱାଧୀନତା ସଂଗ୍ରାମ ର ମାଟି ରକ୍ତତୀର୍ଥ ଇରମ କେବଳ ଭାରତ ବର୍ଷ କାହିଁକି ସମଗ୍ର ବିଶ୍ୱ ଇତିହାସ ରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି । ମୁଁ ସମସ୍ତ ଶହୀଦ ଓ ସଂଗ୍ରାମୀ ମାନଙ୍କୁ କୋଟି କୋଟି ପ୍ରଣାମ କରୁଛି । ମୁଖ୍ୟ ବକ୍ତା ଭାବେ ସଂସ୍କୃତି ମନ୍ତ୍ରୀ ଅଶ୍ୱିନୀ ପାତ୍ର, ସମ୍ମାନିତ ଅତିଥି ଭାବେ ଭଦ୍ରକ ସାଂସଦ ମଞ୍ଜୁଲତା ମଣ୍ଡଳ, ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ବାସୁଦେବପୁର ବ୍ଲକ ଅଧକ୍ଷ ନଗେନ୍ଦ୍ର ବିଶ୍ୱାଳ, ଇରମ ସରପଞ୍ଚ ସାବିତ୍ରୀ ବଳ, ସମିତି ସଭ୍ୟା ଲଗ୍ନୀକା ମଲିକ ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଉତ୍ସବ ରେ ଐତିହାସିକ ଅଜୟ ପଣ୍ଡା ଙ୍କ ପୁସ୍ତକ ପଥେ ପଥେ ଇରମ ଉନ୍ମୋଚିତ ହୋଇଥିଲା । ରଞ୍ଜନ ନାୟକ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ସକାଳ ୮ ଘଟିକା ରେ ଭଦ୍ରକ ଜିଲ୍ଲା ପାଳ ସିଦ୍ଧେଶ୍ୱର ବଳିରାମ ବନ୍ଦର ଅତିଥି ଭାବେ ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ତହସିଲଦାର ସୌଭାଗ୍ୟ ରଞ୍ଜନ ପଣ୍ଡା, ବିଡ଼ିଓ ସତ୍ୟଜିତ ରାଉତ ଯୋଗ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଶହୀଦ ତୀର୍ଥଯାତ୍ରୀ ପକ୍ଷରୁ ଶହୀଦ ସମାଧି ପୀଠ ରେ ଶ୍ରଦ୍ଧାଞ୍ଜଳି ଓ ଆରକ୍ଷୀ ବାହିନୀ ଦ୍ୱାରା ଅମର ଶହୀଦ ଙ୍କ ଉଦେଶ୍ୟରେ ତୋପ ସଲାମୀ ଦିଆ ଯାଇଥିଲା । ଏଥିରେ ଅତିଥି ଭାବେ ଯୋଗ ଦେଇଥିଲେ ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁ ପାଲି କ୍ଷ ଭାରତ ଛାଡ଼ ଆନ୍ଦୋଳନ ର ଏକ ମାତ୍ର ମହିଳା ଶହୀଦ ପରି ବେଓ୍ୱା ଙ୍କ ପ୍ରତିମୂର୍ତ୍ତି ଏହି ଅବସରରେ ଉନ୍ମୋଚିତ ହୋଇଥିଲା । ଶହୀଦ ସମାଧି ପୀଠ ରେ ମହାମହିମ ରାଜ୍ୟପାଳ ଶହୀଦ ମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଶହୀଦ ତୀର୍ଥଯାତ୍ରୀ ର ପ୍ରତିଷ୍ଠାତା ବୈଲୋଚନ ଜେନା, ଶିକ୍ଷାବିତ ଦୁଃଶାସନ ରାଉତ, ଅଧାପକ ବସନ୍ତ ଦାସ, କବି ସୁଧାଂଶୁ ଶେଖର ମିଶ୍ର, ଆଡ଼ଭୋକେଟ ବିକ୍ରମ ମହାନ୍ତି, ଗୋବର୍ଧନ ବଳ, ଶିଳ୍ପପତି ମହେଶ ଦାସ, ରଶ୍ମି ରଞ୍ଜନ ପଲେଇ, ଭଦ୍ରକ ତ୍ୟାଗଭୂମି ର ସଭାପତି ଅଜୟ ନାୟକ, ରଙ୍ଗରାଗ ସାହିତ୍ୟ ସଂସ୍କୃତି ପରିଷଦ ର ସମ୍ପାଦକ କବି ପ୍ରଦୀପ୍ତ ମହାନ୍ତି, ସ୍ରଷ୍ଟା ଓ ସୃଷ୍ଟି ପକ୍ଷରୁ ନାରାୟଣ ପ୍ରସାଦ ବାରିକ, ବାସୁଦେବପୁର ପୌର ପାଳିକା ଅଧକ୍ଷ ନିବେଦିତା ବେହେରା, କାର୍ଯ୍ୟ ନିର୍ବାହୀ ଅଧିକାରୀ ମାନସ ଦଣ୍ଡପାଟ ପ୍ରମୁଖ ଶହୀଦ ସମାଧି ପୀଠ ରେ ଶହୀଦ ଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ବାସୁଦେବପୁର ରେ ଜାତୀୟ କବି ବାଞ୍ଛାନିଧି ମହାନ୍ତି ଙ୍କ ପ୍ରତିମୂର୍ତ୍ତି ରେ ଶହୀଦ ତୀର୍ଥଯାତ୍ରୀ ପକ୍ଷରୁ ଓ ବାସୁଦେବପୁର ପୌର ପାଳିକା ପକ୍ଷରୁ ପୁଷ୍ପ ମାଲ୍ୟ ଅର୍ପଣ କରାଯାଇଥିଲା । ରକ୍ତତୀର୍ଥ ଇରମ ରେ ଥିବା ମହାତ୍ମା ଗାନ୍ଧୀ ଙ୍କ ପ୍ରତିମୂର୍ତ୍ତି,ଜାତୀୟ କବି ବାଞ୍ଛାନିଧି ମହାନ୍ତି ଙ୍କ ପ୍ରତିମୂର୍ତ୍ତି, ଉତ୍କଳ ମଣି ଗୋପବନ୍ଧୁ, ସ୍ୱାଧୀନତା ସଂଗ୍ରାମୀ ଗୌରାଙ୍ଗ ଚନ୍ଦ୍ର ମହାନ୍ତି, ସଂଗ୍ରାମୀ କମଳା ପ୍ରସାଦ କର, ଅନିରୁଦ୍ଧ ମହାନ୍ତି, ଗଣେଶ ପ୍ରସାଦ ତ୍ରିପାଠୀ ଙ୍କ ପ୍ରତିମୂର୍ତ୍ତି ରେ ସମସ୍ତେ ପୁଷ୍ପ ମାଲ୍ୟ ଅର୍ପଣ କରିଥିଲେ । ଏହି ଉତ୍ସବ ରେ ବିଧାୟକ ପ୍ରତିନିଧି ଅସିତ ଦାଶ, ଦୀନବନ୍ଧୁ ଦାସ, ଜିଲ୍ଲା କଂଗ୍ରେସ ସଭାପତି ଅଶୋକ ଦାସ, କବି ଦୀନବନ୍ଧୁ ପତି, ଆଡ଼ଭୋକେଟ ପ୍ରଦୀପ ମହାନ୍ତି,ବିଜେପି ଜିଲ୍ଲା ଉପ ସଭାପତି ଉଦୟ ନାରାୟଣ ମଲ୍ଲିକ, ଜୟ ପ୍ରକାଶ ମଲ୍ଲିକ, ମହେଶ୍ୱର ଧଳ ଶହୀଦ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ଆନନ୍ଦ ଉଲ୍ଲାସରେ ପାଳିତ ହେଲା ଶାନ୍ତିର ପର୍ବ ମହମ୍ମଦ ଜୟନ୍ତି



ବସ୍ତା, ୨୮/୦୯ (ନି.ପ୍ର): ୫୭୦ ଖ୍ରୀଷ୍ଟାବ୍ଦ ଅଗଷ୍ଟ ମାସ ୨୪ ତାରିଖ ଇସଲାମିକ ହିଜ୍ରି ଅନୁଯାୟୀ ରବିଉଲ୍ ଅୱାଲ ମାସ ୧୨ ତାରିଖ ରେ ସାଉଦି ଆରବର ମକ୍କା ନଗରୀ ରେ ମାତା ଆମେନା ବିବିଙ୍କ ଗର୍ଭରୁ ଜନ୍ମ ଗ୍ରହଣ କରିଥିଲେ ଶାନ୍ତି ଦୂତ ପାଇଗମ୍ବର୍ ମହମ୍ମଦ ସାହେବ୍। ସେ ୪୦ ବୟସରେ ପଦାର୍ପଣ କରି ବିଶ୍ୱରେ ଚାଲିଥିବା ବିଭିନ୍ନ ଅପରାଧିକ କାର୍ଯ୍ୟକଳାପକୁ ବିରୋଧ କରି ବିଶ୍ୱବ୍ୟାପୀ ନିଷ୍ଠା,ନ୍ୟାୟ, ଶାନ୍ତି ଏବଂ ସଦ୍ଭାବନାର ବାର୍ତ୍ତା ଦେଇଥିଲେ। ତାଙ୍କର ଜନ୍ମଦିନରେ ସାରା ବିଶ୍ୱରେ ଖୁବ୍ ଆନନ୍ଦ ଉଲ୍ଲାସ ରେ ଇସଲାମ ଧର୍ମାବଲମ୍ବୀ ମାନେ ପାଳନ କରନ୍ତି ମହମ୍ମଦ ଜୟନ୍ତି। ସୂଚନାରୁ ପ୍ରକାଶ ଏହି ମହମ୍ମଦ ଜୟନ୍ତି ଅବସରରେ ବସ୍ତା ଅଞ୍ଚଳରେ ଥିବା ସମସ୍ତ ସଂଖ୍ୟାଲଘୁ ସମ୍ପ୍ରଦାୟର ବସ୍ତି ଯଥା ବାହାର୍ଦା, ସଦାନନ୍ଦପୁର, ବିଦ୍ୟାଧରପୁର, ଦରଡ଼ା, ଦାଣ୍ଡି, ମଙ୍ଗଳପୁର, ବଡିବଜାର, ହୁସେନପୁର, ସୁଲେମାନପୁର, ମହାଦେବସରାଇ ଆଦି ଅଞ୍ଚଳରେ ଆଜି ସକାଳ ୫ ଟା ରୁ ଇସଲାମ ଧର୍ମର ପବିତ୍ର ଧର୍ମ ଗ୍ରନ୍ଥ କୋରାନ ସରିଫ ପାଠ କରି ରାଲି ବାହାର କରି ଗ୍ରାମ ଓ ବଜାର ପରିକ୍ରମା କରି ଶେଷରେ ବିଦ୍ୟାଧରପୁର ଗ୍ରାମରେ ଥିବା ଦରଘା ପୀଠରେ ଚାଦର ଚଢ଼ାଇ ଲୋକଙ୍କୁ ମିଷ୍ଟାନ ବଣ୍ଟନ କରି କାନ୍ଧ କୁ କାନ୍ଧ ମିଳାଇ ଶାନ୍ତି ଏବଂ ଭାଇଚାରା ର ସନ୍ଦେଶ ଦେଇଥିଲେ। ବସ୍ତା ଅଞ୍ଚଳରେ ଆଦିମ କାଳରୁ ଥିବା ଭାଇଚାରା କୁ ଆହୁରି ମଜବୁତ୍ କରିବାରେ ଏହା ବହୁ ମାତ୍ରାରେ ସହାୟକ ହେବ ବୋଲି ବୁଦ୍ଧିଜୀବୀ ମାନେ ଆଶାବ୍ୟକ୍ତ କରିଛନ୍ତି।ଏହି ରାଲିରେ ଛୋଟ ଛୋଟ ପିଲାମାନଙ୍କ ଠାରୁ ଆରମ୍ଭ କରି ବୃଦ୍ଧ ପର୍ଯ୍ୟନ୍ତ ସମସ୍ତେ ନୂତନ ବସ୍ତ୍ର ପରିଧାନ କରି ହାତରେ ଇସଲାମିକ ପତାକା ଧରି ବିଶ୍ୱ ଶାନ୍ତି ଦୂତ ପାଇଗମ୍ବର ମହମ୍ମଦଙ୍କ ଜୟନ୍ତି ଉଦ୍ଦେଶ୍ୟରେ ସ୍ଲୋଗାନ ଦେଇ ତାଙ୍କ ଦ୍ୱାରା ଅଣାଯାଇଥିବା ଶାନ୍ତିର ବାର୍ତ୍ତାକୁ ଲୋକଙ୍କ ପାଖରେ ପହୋଞ୍ଚାଇଥିଲେ। ଏହି କାର୍ଯ୍ୟକ୍ରମରେ ବସ୍ତା ଅଞ୍ଚଳର ପାଖାପାଖି ୧୦,୦୦୦ ରୁ ଊର୍ଦ୍ଧ୍ୱ ଲୋକ ଯୋଗଦାନ କରିଥିଲେ ହେଁ ସମସ୍ତେ ଶାନ୍ତି ଶୃଙ୍ଖଳା ସହିତ କାର୍ଯ୍ୟକ୍ରମ ସମାପନ କରିଥିଲେ।

# ଇଫ୍‌କୋ ପାରାଦୀପ ୟୁନିଟ୍ ପକ୍ଷରୁ ଦିନିକିଆ କୃଷକ ପ୍ରଶିକ୍ଷଣ ଶିବିର



ପାରାଦୀପ, ୨୮/୦୯ (ନି.ପ୍ର): ପାରାଦୀପସ୍ଥିତ ସମବାୟଭିତ୍ତିକ ବୃହତ୍ତ ସାର ଉତ୍ପାଦନକାରୀ ସଂସ୍ଥା ଇଫକୋ ପକ୍ଷରୁ ବୁଧବାର ଦିନ କୃଷକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା । କୋରଡେଟ୍ ସହାୟତାରେ ଅନୁଷ୍ଠିତ ଏହି ପ୍ରଶିକ୍ଷଣ ଶିବିରରେ ଇଫକୋର ସାଧାରଣ ପ୍ରବନ୍ଧକ( ଉତ୍ପାଦନ) ଆର୍.କେ.ପାଣ୍ଡେ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ଅନ୍ୟ ଅତିଥି ଭାବେ ବରିଷ୍ଠ ବୈଜ୍ଞାନିକ ଡ.ଜୀବନ ସେନ, ଅନ୍ୟତମ ବୈଜ୍ଞାନିକ ଡ.ପି.ମାଝୀ, ଇଫକୋର ପ୍ରଶାସନିକ ଅଧିକାରୀ ତଥା ଲୋକ ସମ୍ପର୍କ ଅଧିକାରୀ ପ୍ରସନ୍ନ କୁମାର ବେଉରା, କୋରଡେଟ୍‌ର ଅଧକ୍ଷ କୁଳମଣି ମାଝୀ ଯୋଗ ଦେଇଥିଲେ । ଜଗତସିଂହପୁର ଜିଲ୍ଲାର ଜଗତସିଂହପୁର ବ୍ଲକ୍, ରଘୁନାଥପୁର ବ୍ଲକ୍,କଟକ ଜିଲ୍ଲାର ନିଆଳି ବ୍ଲକ୍‌ରୁ ୪୫ରୁ ଉର୍ଦ୍ଧ କୃଷକ ଏହି ତାଲିମ୍ ଶିବିରରେ ଯୋଗ ଦେଇଥିଲେ । ନାନୋ ଫର୍ଟିଲାଇଜର ବ୍ୟବହାର ସମ୍ପର୍କରେ କୃଷକମାନଙ୍କୁ ତାଲିମ୍ ପ୍ରଦାନ କରାଯାଇଥିଲା । ନାନୋ ଫର୍ଟିଲାଇଜର ବ୍ୟବହାର ଦ୍ୱାରା ପରିବେଶ ପ୍ରଦ୍ୟୁଷଣ ହୋଇନଥାଏ । ଅଳ୍ପ ଖର୍ଚ୍ଚରେ ଅଧିକ ଉତ୍ପାଦନ ହୋଇଥାଏ । ରାଜ୍ୟ ତଥା ଦେଶରେ କୃଷକମାନେ ଏହାର ବହୁଳ ବ୍ୟବହାର କରୁଛନ୍ତି ଏବଂ ସେମାନେ ସଫଳ ହେଉଛନ୍ତି ବୋଲି ଇଫକୋ ପକ୍ଷରୁ ସୂଚନା ମିଳିଛି ।

## ଭିଡିଓ ଭାଇରାଲକୁ ନେଇ ମାରପିଟ: ୨ମାମଲା

ଖଇରା, ୨୮/୦୯ (ନି.ପ୍ର): ଖଇରା ବ୍ଲକ ଅଧୀନ ଅଚ୍ୟୁତପୁର ପଞ୍ଚାୟତ ରେ ଭିଡିଓ ଭାଇରାଲ ଘଟଣାକୁ ନେଇ ପୂର୍ବତନ ସମିତି ସଭ୍ୟା ଓ ବର୍ତ୍ତମାନର ସମିତି ସଭ୍ୟା ଙ୍କ ପ୍ରତିନିଧି ମଧ୍ୟରେ ମାରପିଟ ଘଟଣା କୁ ନେଇ ଖଇରା ଥାନାରେ ୨ଟି ମାମଲା ରୁଜୁ ହୋଇଛି । ଗୋଟିଏ ପକ୍ଷର ଜନ୍ମେଜୟ ପାଢୀଙ୍କ ଅଭିଯୋଗ ମୁଳେ ଖଇରା ପୋଲିସ ପୁର୍ବତନ ସମିତି ସଭ୍ୟା ଅପର୍ଣ୍ଣା ପାତ୍ରଙ୍କ ସ୍ୱାମୀ ଉଦୟ କୁମାର ପାତ୍ର ଓ ଦେଢଶୁର ବିଜୟ ପାତ୍ରଙ୍କ ନାମରେ ଏକ ମାମଲା ରୁଜୁ କରିଛି । ଅନ୍ୟ ପଟେ ପୁର୍ବତନ ସମିତିସଭ୍ୟା ଅପର୍ଣ୍ଣା ପାତ୍ରଙ୍କ ଅଭିଯୋଗ ମୁଳେ ଖଇରା ପୋଲିସ ଜନ୍ମେଜୟ ପାଢୀଙ୍କ ନାମରେ ଅନ୍ୟ ଏକ ମାମଲା ରୁଜୁ କରିଛି । ତେବେ ଘଟଣାକୁ ନେଇ ଖଇରା ଅଞ୍ଚଳରେ ଜୋରଦାର ଚର୍ଚ୍ଚା ଚାଲିଛି । ମୁଣିଦା ନଛିପୁର ରାସ୍ତା ମଝିରେ ଏକ ପୋଲ ଦବି ଯାଇଥିବା ବେଳେ ୨ଦିନ ତଳେ ଭାଜପା ନେତା ପଦ୍ମଲୋଚନ ପଣ୍ଡା ପୋଲ ଦେଖିବାକୁ ଆସିଥିଲେ । ପୋଲ ଧସିଥିବା ସ୍ଥାନକୁ ୪ଚକିଆ ଯିବା ଅସମ୍ଭବ ଥିବାରୁ ମାନବିକତା ଏବଂ ଗ୍ରାମର ହିତ ଦୃଷ୍ଟିରୁ ବିଜେଡି କର୍ମୀ ବିଜୟ ଭାଜପା ନେତାଙ୍କୁ ବାଇକରେ ବସାଇ ପୋଲ ନିକଟକୁ ନେଇଥିଲେ । ହେଲେ ଭାଜପା କର୍ମୀ ତଥା ବର୍ତ୍ତମାନର ସମିତିସଭ୍ୟାଙ୍କ ପ୍ରତିନିଧି ଜନ୍ମେଜୟ ନିଜ ମୋବାଇଲରେ ଉକ୍ତ ଦୃଶ୍ୟର ଫଟୋ ଉଠାଇ ଭାଇରାଲ କରିଥିଲେ। ଯାହାକୁ ନେଇ ଉଦୟ ଓ ବିଜୟଙ୍କୁ ବିଜେଡି ନେତୃବୃନ୍ଦଙ୍କ ନିକଟରେ ଉତ୍ତରଦାୟୀ ହେବାକୁ ପଡିଥିଲା । ଏହି ଘଟଣାକୁ ନେଇ ବଚସା ଓ ପରେ ଗଣ୍ଡଗୋଳ ଘଟି ଉଭୟ ପକ୍ଷରୁ ଆହତ ହୋଇଥିବାର ଅଭିଯୋଗ ହୋଇଛି । ସେପଟେ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ପଦ୍ମଲୋଚନ ପଣ୍ଡା, ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ,ମହେଶ୍ୱର ନାଥ,ନିଳମାଧବ ପଣ୍ଡା ପ୍ରମୁଖ ଆଇଆଇସିଙ୍କ ସହ ଆଲୋଚନା କରିଛନ୍ତି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ....

## ବାଚସ୍ପତିଙ୍କ ପୋଡିୟମକୁ ....

ସେ ଡାଲି ଭଲ ପାଉଥିବାରୁ ତାଙ୍କୁ ଡାଲି ଉପହାର ଦେଉଥିଲୁ। ବାଚସ୍ପତି ନିର୍ଦ୍ଦଳୀୟ ନିଷ୍ପତ୍ତି ନେବା କଥା। କିନ୍ତୁ ସେ ସେମିତି କରୁନାହାନ୍ତି। ସେ ନିରପେକ୍ଷ ହେଉ ନଥିବାରୁ ପ୍ରତିବାଦରେ ଡାଲି ଉପହାର ଦେଉଥିଲୁ। ତାଙ୍କ ପ୍ରତି ଆମର ଅସମ୍ମାନ ନାହିଁ। ତାଙ୍କୁ ଡାଲି ଉପହାର ଦେଉଥିଲୁ। ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର କହିଛନ୍ତି, ବିରୋଧୀ ଦଳ ନେତାଙ୍କୁ ସେମାନେ ମେଣ୍ଟାଲ ଡିଜ୍‌ଅର୍ଡର କହିଲେ। ଏହାକୁ ବିବରଣୀରୁ ବାଦ୍ ଦେବାକୁ କହିଲୁ, କିନ୍ତୁ ବାଚସ୍ପତି ଗ୍ରହଣ କଲେନି। ବାଚସ୍ପତି ନିରପେକ୍ଷ ନୁହନ୍ତି। ତାଙ୍କ ନିରପେକ୍ଷତା ଆମେ ଦେଖିପାରୁନୁ। ବାଚସ୍ପତି ଦଳର କର୍ମକର୍ତ୍ତା ଭଳି ଆଚରଣ କରୁଛନ୍ତି। ବାଚସ୍ପତି ନିଜେ ସସ୍‌ପେଣ୍ଡ ହେବା କଥା, ସେ କ'ଣ ସସ୍‌ପେଣ୍ଡ କରୁଛନ୍ତି। ଏ ସସ୍‌ପେଣ୍ଡକୁ ଆମେ ଭ୍ରୁକ୍ଷେପ କରୁନୁ। ଆମ ପ୍ରତିବାଦ ଜାରି ରହିବ।

## ସୃଷ୍ଟି ହେଲା.....

ବାଲେଶ୍ୱର ଓ ବାଲେଶ୍ୱର ଜିଲ୍ଲା ଜିଲ୍ଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସବୁ ଜିଲ୍ଲାରେ ୭ରୁ ୧୧ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହୋଇପାରେ। ସେହିପରି ବଜ୍ରପାତ-ଘଡ଼ଘଡ଼ି ନେଇ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ଖୋର୍ଦ୍ଧା, ପୁରୀ, ନୟାଗଡ଼, ଗଞ୍ଜାମ, ଗଜପତି, ମୟୂରଭଞ୍ଜ, କେନ୍ଦୁଝର, ଅନୁଗୋଳ, ଢେଙ୍କାନାଳ, ସୁନ୍ଦରଗଡ଼, କନ୍ଧମାଳ, ମାଲକାନଗିରି, କୋରାପୁଟ ଓ ରାୟଗଡ଼ା ଜିଲ୍ଲାକୁ ସତର୍କ ସୂଚନା ଜାରି ହୋଇଛି। ସେଥିପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ୩୦ ତାରିଖରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ଖୋର୍ଦ୍ଧା, ମୟୂରଭଞ୍ଜ, କେନ୍ଦୁଝର, ଅନୁଗୋଳ, ଢେଙ୍କାନାଳ, ସୁନ୍ଦରଗଡ଼, ଦେବଗଡ଼ ଓ ସମ୍ବଲପୁର ଜିଲ୍ଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସବୁ ଜିଲ୍ଲାରେ ୭ରୁ୧୧ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହୋଇପାରେ। ସେଥିପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଅକ୍ଟୋବର ୧ ତାରିଖରେ ମୟୂରଭଞ୍ଜ, କେନ୍ଦୁଝର, ଅନୁଗୋଳ, ସୁନ୍ଦରଗଡ଼, ଦେବଗଡ଼, ସମ୍ବଲପୁର,ବରଗଡ଼, ଝାରସୁଗୁଡ଼ା, ସୋନପୁର ଓ ବଲାଙ୍ଗିର ଜିଲ୍ଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସବୁ ଜିଲ୍ଲାରେ ୭ରୁ ୨୦ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହୋଇପାରେ। ସେଥିପାଇଁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ଏହାଛଡ଼ା ନବରଙ୍ଗପୁର, ନୂଆପଡ଼ା, କଳାହାଣ୍ଡି, କନ୍ଧମାଳ, ବୌଦ୍ଧ, କଟକ, ଢେଙ୍କାନାଳ, ଯାଜପୁର, ଭଦ୍ରକ ଓ ବାଲେଶ୍ୱର ଜିଲ୍ଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ପ୍ରବଳ ବର୍ଷାହେବାର ସମ୍ଭାବନା ରହିଛି। ଏହି ସବୁ ଜିଲ୍ଲାରେ ୭ରୁ ୧୧ ସାଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହୋଇପାରେ।

## ସଂପର୍କୀୟ ପୁଅ ...

ଟ୍ରକ୍ ସେମାନଙ୍କ ଉପରେ ମାଡ଼ି ଯାଇଥିଲା। ଟ୍ରକ୍‌ଟି ସେମାନଙ୍କୁ ମଡ଼ାଇ ଦେବା ପରେ ଘାଟି ତଳକୁ ଖସି ପଡ଼ିଥିଲା। ଦୁର୍ଘଟଣା ପରେ ଟ୍ରକ୍ ଡ୍ରାଇଭର ଫେରାର ହୋଇଯାଇଥିଲେ। ରବି ନାରାୟଣ ଦାଶ ଓ ତାଙ୍କ ପତ୍ନୀଙ୍କୁ ବାଙ୍ଗିରିପୋଷି ଡାକ୍ତରଖାନା ନିଆଯାଇଥିଲା। ତେବେ ଡାକ୍ତର ସେମାନଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ। ବାଙ୍ଗିରିପୋଷି ପୁଲିସ ଘଟଣାର ତଦନ୍ତ କରୁଛି।

## ବର୍ଷ ଶେଷ ସୁଦ୍ଧା...

ମରାମତି କାମ ଶେଷ କରିବାକୁ ଡେଡ ଲାଇନ୍ ତିଆରି ହୋଇଛି । ଏଥିପାଇଁ ଯୁବ ଇଞ୍ଜିନିୟରଙ୍କୁ ନିଯୁକ୍ତି କରାଯିବ । ସେହିପରି ଜାତୀୟ ରାଜପଥରେ ପାଣି ନିଷ୍କାସନ ନେଇ ଯେଉଁ ସମସ୍ୟା ରହିଛି ତାହାର ସମାଧାନ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି ।

## ମହାନଦୀକୁ ଡେଇଁ ...

ପହଞ୍ଚି ଯୁବତୀଙ୍କୁ ଉଦ୍ଧାର କରିଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ଏସ୍ ?ସିବି ମେଡ଼ିକାଲ୍‌ରେ ଭର୍ତ୍ତି କରାଯାଇଥିଲେ। ସେଠାରେ ତାଙ୍କର ଚିକିତ୍ସା ଚାଲିଛି। ବର୍ତ୍ତମାନ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସ୍ଥିର ରହିଛି ବୋଲି ବିଶେଷ ସୂତ୍ରରୁ ଜଣାପଡ଼ିଛି। ସେପଟେ ଘଟଣା ସମ୍ପର୍କରେ ଖବର ପାଇ ଯୁବତୀଙ୍କ ପରିବାର ଲୋକେ ମେଡ଼ିକାଲ୍‌ରେ ପହଞ୍ଚିଛନ୍ତି। ତେବେ ଏଠି ପ୍ରଶ୍ନ ଉଠୁଛି, ଯୁବତୀ ଜଣକ ଦିନ ଦି'ପହରରେ କାହିଁକି ମହାନଦୀକୁ ଡେଇଁ ପଡ଼ିଲେ? ତାହା ବର୍ତ୍ତମାନ ସୁଦ୍ଧା ଜଣାପଡ଼ି ନାହିଁ। ଏପରିକି ପରିବାର ଲୋକେ ଏନେଇ ମୁହଁ ଖୋଲୁନାହାନ୍ତି। ସେପଟେ କମିଶନରେଟ ପୁଲିସ୍ ? ଘଟଣାର ତଦନ୍ତ ଚଳାଇଛି। ମହାନଦୀ ଡେଇଁବା ଏହା ପ୍ରଥମ ଘଟଣା ନୁହେଁ। ପୂର୍ବରୁ ଜଣେ ଯୁବତୀ ବ୍ରିଜ୍ ? ଉପରେ ସ୍କୁଟି ରଖି ନଦୀକୁ ଡେଇଁ ପଡ଼ିଥିଲେ। ବହୁ ଖୋଜାଖୋଜି ପରେ ତାଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା।

## ବିରୋଧୀ ଦଳ ନେତା....

ଶାସକ ଦଳର ଏଭଳି ଆଭିମୁଖ୍ୟ ହିଁ ପରୋକ୍ଷରେ ବିରୋଧୀ ଦଳ ନେତାଙ୍କ ପ୍ରତି ବିଜେଡିର ଅସହିଷ୍ଣୁତା ଓ ପ୍ରତହିଂସା ରାଜନୀତିକୁ ଇଙ୍ଗିତ କରୁଛି । ଆଜି ପୂର୍ବାହ୍ନରେ ଗୃହରେ ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର ମନ୍ତ୍ରୀ ପ୍ରଦୀପ ଅମାତଙ୍କ ନାଁରେ ବୁକ୍ ହୋଇଥିବା ହେଲିକପ୍ଟରକୁ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ତଥା ଫାଇଭ-ଟି ସଚିବ କଟକ ଯିବା ପାଇଁ ଉପଯୋଗ କରିଛନ୍ତି । ଫାଇଭ-ଟି ସଚିବଙ୍କ ଗସ୍ତରେ ହେଲିକପ୍ଟର ଭଡ଼ା ବାବଦରେ କେତେ ଅର୍ଥ ଖର୍ଚ୍ଚ ହୋଇଛି ସେନେଇ କେହି ପ୍ରଶ୍ନ କରିନଥିଲେ ବି ମୁଖ୍ୟମନ୍ତ୍ରୀ ନିଜ ଆଡୁ ଗୃହରେ ହିସାବ ରଖିଥିଲେ । ସାଢ଼େ ୩ବର୍ଷରେ ୪୦କୋଟି ଟଙ୍କା ବିମାନ ଭଡ଼ା ହୋଇଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ବି ଫାଇଭ-ଟି ସଚିବଙ୍କ ଗସ୍ତବେଳେ ସୁରକ୍ଷା ବନ୍ଦୋବସ୍ତ, ଟେଣ୍ଟ ଭଡ଼ା, ଲୋକଙ୍କୁ ସଭାସ୍ଥଳକୁ ଆଣିବା ପାଇଁ କେତେ ଅର୍ଥ ଖର୍ଚ୍ଚ ହୋଇଛି ସେନେଇ ନିରବ ରହିଛନ୍ତି । ବିଧାୟକଙ୍କ ବିବାହ ଭୋଜିରେ ଯୋଗ ଦେବା ପାଇଁ ହେଲିକପ୍ଟର କିଭଳି ଉପଯୋଗ ହୋଇଥିଲା । କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ସମାନ ଢଙ୍ଗରେ ସରକାରଙ୍କୁ ଟାର୍ଗେଟ କରି କହିଥିଲେ ଯେ, ଭୁବନେଶ୍ୱରର ଲୋଏର ପିଏମଜିରେ ବିଭିନ୍ନ ସଂଗଠନ ନିଜ ନିଜର ଦାବି ପୂରଣ ପାଇଁ ଧାରଣାରେ ବସିଛନ୍ତି । ଲୋକଙ୍କ ଅଭିଯୋଗ ଶୁଣିବା ପାଇଁ ସିଏମଓ ବିଭିନ୍ନ ଜିଲ୍ଲା ଗସ୍ତରେ ଯାଉଛି ବୋଲି ସରକାର ବିଧାନସଭାରେ କହୁଛନ୍ତି । କିନ୍ତୁ ରାଜଧାନୀରେ ହଜାର ହଜାର ଲୋକ ଦାବି ପୂରଣ ପାଇଁ ଧାରଣାରେ ବସିଛନ୍ତି । କାହିଁକି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଲୋଏର ପିଏମଜିକୁ ଯାଇ ସେମାନଙ୍କଗ ଅଭିଯୋଗ ଶୁଣୁନି ବୋଲି ସେ ପ୍ରଶ୍ନ କରିଛନ୍ତି । ଲୋକଙ୍କ ଅଭିଯୋଗ ଶୁଣିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ବଦଳରେ ଜିଲ୍ଲାକୁ ତାଙ୍କ ଗୁମାସ୍ତା ଯାଉଥିଲେ । ସମୟ ଆସିବ ବିଧାନସଭାରେ ମୁଖ୍ୟମନ୍ତ୍ରୀଙ୍କ ବଦଳରେ ଉତ୍ତର ଦେବା ପାଇଁ ଫାଇଭ-ଟି ସଚିବ ଆସିବେ ବୋଲି ଶ୍ରୀ ମିଶ୍ର କହିଛନ୍ତି । ତେବେ ବିରୋଧୀ ଦଳକୁ କଡ଼ା ସମାଲୋଚନା କରି ଶାସକ ଦଳର ବରିଷ୍ଠ ବିଧାୟକ ଅରୁଣ ସାହୁ କହିଥଲେ ଯେ, ରାଜ୍ୟ ସରକାରଙ୍କ ଦ୍ୱାରା ଏଭଳି ପ୍ରୟାସ ଯୋଗୁ ବିକାଶ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଛି । ବିରୋଧୀଙ୍କ ମାନସିକ ସ୍ଥିତି ଠିକ୍ ନାହିଁ । ବିଧାନସଭାରେ ଜ୍ଞାନ ବିତରଣ କରୁଥିବା ବିରୋଧୀ ଦଳର ୨ଜଣ ବରିଷ୍ଠ ନେତା ଜ୍ଞାନ ଆହରଣ କରିବାକୁ ସକ୍ଷମ ନୁହଁନ୍ତି । ଖବରର ଶିରୋନାମାରେ ରହିବାକୁ ସବୁବେଳେ ଅପଚେଷ୍ଟା କରୁଛନ୍ତି ।

## କଂଗ୍ରେସ ବିଧାୟକଙ୍କ....

ବିରୋଧରେ ବୟାନ ରଖିବା ଇଣ୍ଡିଆ ମେଣ୍ଟକୁ ଚିନ୍ତାରେ ପକାଇଛି। ସୁଖପାଲଙ୍କ ଗିରଫଦାରୀକୁ ପଞ୍ଜାବ କଂଗ୍ରେସ ମୁଖ୍ୟ ଅମରିନ୍ଦର ୱାର୍ଣ୍ଣିଂ କହିଛନ୍ତି, ଆପ ଓ ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ ରକ୍ତ ପାଇଁ ଶୋଷିଲା ଅଛନ୍ତି। ସେ ଯଦି ମୋତେ ଯଦି ସବୁ ଦିନ ପାଇଁ ରାସ୍ତାରୁ ହଟାଇଦେବେ, ତା'ହେଲେ ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ। ବିରୋଧୀଙ୍କୁ ଡରାଇ ଓ ଧମକାଇ ମୁହଁ ବନ୍ଦ କରିବା ପାଇଁ ଗିରଫଦାରୀ କରାଯାଇଛି। କିନ୍ତୁ ଏଥିରେ କେବେ ବି ଆପ୍ ସରକାର ସଫଳତା ପାଇବେ ନାହିଁ। ଆମେ ବେଶ ଦୃଢ଼ ଭାବେ ସୁଖପାଲ ଖଇରାଙ୍କ ସହ ରହିଛୁ ବୋଲି ସେ କହିଛନ୍ତି। ତେବେ କଂଗ୍ରେସର ଏପରି ଅଭିଯୋଗକୁ ଆପ୍ ଖଣ୍ଡନ କରିଛି। ଦଳ ପକ୍ଷରୁ କୁହାଯାଇଛି ଯେ ୨୦୧୫ର ଗୋଟିଏ ମାମଲାରେ ମିଳିଥିବା ପ୍ରମାଣ ଆଧାରରେ ସୁଖପାଲଙ୍କୁ ଗିରଫ କରାଯାଇଛି।

## ଯୁବ ଭାରତ ହେଉଛି ....

କେରଳର ମୋଟ ଜନସଂଖ୍ୟାର ୧୬.୫ ପ୍ରତିଶତ ବୃଦ୍ଧ ଅଟନ୍ତି । ଏହି କାରଣରୁ କେରଳ ଅନ୍ୟତମ ପୁରାତନ ରାଜ୍ୟ ଅଟେ । ୟୁଏନଏଫପିଏ ଭାରତ ପ୍ରତିନିଧି ତଥା ଭୁଟାନ କଂଟ୍ରି ନିର୍ଦ୍ଦେଶକ ଆଣ୍ଡ୍ରିଆ ଏମ୍ ୱୋଜ୍ନାର କହିଛନ୍ତି, ଏହି ରିପୋର୍ଟ ନୀତି ନିର୍ଦ୍ଧାରଣକାରୀ, କାର୍ଯ୍ୟକ୍ରମ ପ୍ରବନ୍ଧକ ଓ ସମସ୍ତ ଅଂଶୀଦାରଙ୍କ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ବରିଷ୍ଠ ବୟସର ଲୋକମାନେ ସମାଜକୁ ଉଲ୍ଲେଖନୀୟ ଅବଦାନ ଦେଇଛନ୍ତି । ତେଣୁ ସେମାନଙ୍କ ହିତ ପାଇଁ ଆମକୁ ସର୍ବୋତ୍କୃଷ୍ଟ ଉଦ୍ୟମ କରିବାକୁ ପଡ଼ିବ । ୟୁଏନଏଫପିଏର ରିପୋର୍ଟ ଅନୁସାରେ ୨୦୩୬ ସୁଦ୍ଧା ବୃଦ୍ଧଙ୍କ ସଂଖ୍ୟା ଆହୁରି ବୃଦ୍ଧି ପାଇବାକୁ ଯାଉଛି । ସେହିଭଳି ୨୦୨୧ ଓ ୨୦୩୬ ମଧ୍ୟବର୍ତୀ ଅବଧିରେ ବିହାର ଓ ଉତର ପ୍ରଦେଶରେ ମଧ ବରିଷ୍ଠ ଜନସଂଖ୍ୟା ଭାଗ ବୃଦ୍ଧି ପାଇବ । ଦକ୍ଷିଣ ଭାରତରେ ବରିଷ୍ଠ ଜନସଂଖ୍ୟା ଅଧିକ ରହିଛି । ପଶ୍ଚିମ ଭାରତରେ ମଧ ଏହା ଆପେକ୍ଷିକ ଅଧିକ ଅଛି । ଅନ୍ୟପକ୍ଷରେ କେନ୍ଦ୍ରୀୟ ଓ ଉତର ପୂର୍ବ ଅଂଚଳର ରାଜ୍ୟଗୁଡ଼ିକରେ ଯୁବ ବର୍ଗର ଲୋକଙ୍କ ସଂଖ୍ୟା ତୁଳନାତ୍ମକ ଭାବେ ଅଧିକ ଅଛି ।

## ଚାଲିଗଲେ ବିଶିଷ୍ଟ କୃଷି ....

ଭାରତର ସ୍ୱଳ୍ପ ଆୟକାରୀ କୃଷକମାନଙ୍କୁ ଅଧିକ ଧାନ ଉତ୍ପାଦନ କରିବାରେ ସକ୍ଷମ କରାଇଥିଲା। ସ୍ୱାମୀନାଥନ ୭ ଅଗଷ୍ଟ ୧୯୨୫ରେ ତାମିଲନାଡୁର କୁମ୍ଭୋକୋଣମରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତା ଏମ.କେ ସମ୍ବାସିବନ ଜଣେ ସର୍ଜନ ଥିଲେ। କୁମ୍ଭୋକୋଣମରେ ହିଁ ପ୍ରାରମ୍ଭିକ ଶିକ୍ଷା ଗ୍ରହଣ କରିଥିଲେ ସ୍ୱାମୀନାଥନ। ସ୍ୱାଧୀନତା ସଂଗ୍ରାମରେ ତାଙ୍କ ପିତା ଅଂଶଗ୍ରହଣ କରିବା ଏବଂ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ପ୍ରଭାବରେ ପ୍ରଭାବିତ ହୋଇ ସେ କୃଷି ପ୍ରତି ଆଗ୍ରହୀ ହୋଇଥିଲେ। ଏଥିପାଇଁ ସେ କୃଷି କ୍ଷେତ୍ରରେ ଉଚ୍ଚଶିକ୍ଷା ହାସଲ କରିଥିଲେ। ଯଦି ସେ କୃଷି ବିଜ୍ଞାନୀ ହୋଇନଥାନ୍ତେ, ତେବେ ଜଣେ ପୁଲିସ ଅଧିକାରୀ ହୋଇଥାନ୍ତେ ବୋଲି କହିଥିଲେ। ୧୯୪୦ରେ ମଧ ସେ ଜଣେ ପୁଲିସ୍ ଅଧିକାରୀ ହେବା ପାଇଁ ପରୀକ୍ଷା ଦେଇଥିଲେ।

ଧ୍ୱନି ପ୍ରତିଧ୍ୱନି



# ଗୌର ସାଧନ ମିଶ୍ର ଓଡ଼ିଶା ବାର୍ କାଉନ୍ସିଲ୍‌ର ସଦସ୍ୟ ହେଲେ

ବାଲେଶ୍ୱର, ୨୮/୦୯ (ନି.ପ୍ର): ବାଲେଶ୍ୱର ସହରର ବରିଷ୍ଠ ସମାଜସେବୀ ଡକ୍ଟର ଗୌର ସାଧନ ମିଶ୍ର ତା ୩୦-୦୬-୨୦୨୩ ରିଖରେ ଭାରତୀୟ ରେଳବାଇର ବାଲେଶ୍ୱର ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଫାର୍ମାସିଷ୍ଟ ପଦରୁ ଅବସରଗ୍ରହଣ କରିବା ପରେ ବାଲେଶ୍ୱରର ବରିଷ୍ଠ ଆଇନଜୀବୀ ଶ୍ରୀଯୁକ୍ତ ନୃସିଂହ ଚରଣ ନାୟକ ଓ ବାଲେଶ୍ୱର ଓକିଲ ସଂଘର ସଂପାଦକ ଶ୍ରୀଯୁକ୍ତ ଦୀପକ କୁମାର ଦାଶଙ୍କ ମାର୍ଗଦର୍ଶନରେ ଓଡ଼ିଶା ରାଜ୍ୟ ବାର କାଉନସିଲ୍‌ର ସଦସ୍ୟ ରୂପେ ତା ୧୦-୦୯-୨୦୨୩ ରିଖରେ ଓ ତା ୨୦-୦୯-୨୦୨୩ ରିଖରେ ବାଲେଶ୍ୱର ବାର ଆସୋସିଏସନ୍‌ର ସଦସ୍ୟ ରୂପେ ଯୋଗ ଦେଇଛନ୍ତି ଏବଂ ତାଙ୍କ ସହିତ ଯୁବ ସମାଜସେବୀ ଶ୍ରୀଯୁକ୍ତ ବୀରେନ୍ଦ୍ର କୁମାର କର ମଧ ଆଇନଜୀବୀ ଭାବେ ଯୋଗ ଦେଇଛନ୍ତି। ଡକ୍ଟର ମିଶ୍ର ବିଜ୍ଞାନ ଓ ଆଇନରେ ସ୍ନାତ ହେବା ସହ ଚିକିତ୍ସା କ୍ଷେତ୍ରରେ ପଞ୍ଜୀକୃତ ଚିକିତ୍ସକ ଓ ଫାର୍ମାସିଷ୍ଟ ଯୋଗ୍ୟତା ହାସଲ କରିଛନ୍ତି। ରେଳବାଇ ସ୍ୱାସ୍ଥ୍ୟ ସେବାରୁ ଅବସର ଗ୍ରହଣ ପରେ ସମାଜସେବାକୁ ନିଜ ଜୀବନର ବ୍ରତ ରୂପେ ଗ୍ରହଣ କରି ବିଭିନ୍ନ ସାମାଜିକ କ୍ଷେତ୍ରରେ ସକ୍ରିୟ ହୋଇ କାର୍ଯ୍ୟରତ ଅଛନ୍ତି। ଡକ୍ଟର ଗୌର ସାଧନ ମିଶ୍ର ଓ ଶ୍ରୀଯୁକ୍ତ ବୀରେନ୍ଦ୍ର କୁମାର କରଙ୍କ ଆଇନସେବାରେ ଯୋଗଦାନକୁ ସମାଜର ବିଭିନ୍ନ ବର୍ଗର ଲୋକ ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସହ ତାଙ୍କର ଉତ୍ତରୋତ୍ତର ଉନ୍ନତି କାମନା କରି ଶୁଭେଚ୍ଛା ଜଣାଇଛନ୍ତି।



# ରାଜ୍ୟସ୍ତରୀୟ ସାଇବର ସୁରକ୍ଷା ଅଭିଯାନ ଆୟୋଜିତ କରିବ ଓଡ଼ିଶା ପୋଲିସ

## ବାଲେଶ୍ୱର ଜିଲ୍ଲାରେ ଉନ୍ମୋଚିତ ହେଲା ଅଭିଯାନର ଲୋଗୋ ଓ ମାସ୍କଟ

ବାଲେଶ୍ୱର, ୨୮/୦୯ (ନି.ପ୍ର): ଚଳିତ ବର୍ଷ ଓଡ଼ିଶା ପୋଲିସ ୩୦ ସେପଟ୍ଟେମ୍ବରରୁ ୧୫ ଅକ୍ଟୋବର ପର୍ଯ୍ୟନ୍ତ ରାଜ୍ୟ ସ୍ତରୀୟ ସାଇବର ସୁରକ୍ଷା ଅଭିଯାନର ଆୟୋଜନ କରିବାକୁ ଯାଉଛି। ସାଇବର ଅପରାଧ ବାବଦରେ ବରିଷ୍ଠ ନାଗରିକ, ମହିଳା, ଯୁବଗୋଷ୍ଠୀ ଏବଂ ଶିଶୁଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଏବଂ ସାଇବର ସୁରକ୍ଷା ବିଷୟରେ ସୁରକ୍ଷା ଦେବା ହେଉଛି ଏହି ଅଭିଯାନର ମୂଳ ଉଦ୍ଦେଶ୍ୟ । ଏହି ପ୍ରସଙ୍ଗରେ ଆଜି ଘ.୧ଟାରେ ବାଲେଶ୍ୱର ଜିଲ୍ଲାସ୍ଥିତ ଉଦ୍ୟୋଗ ଭବନଠାରେ ଜିଲ୍ଲାପାଳ ଶ୍ରୀଯୁକ୍ତ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଏବଂ ଆରକ୍ଷୀ ଅଧୀକ୍ଷକ ଶ୍ରୀମତୀ ସାଗରିକା ନାଥଙ୍କ ଉପସ୍ଥିତିରେ ସାଇବର ସୁରକ୍ଷା ଅଭିଯାନର ଲୋଗୋ ଓ ମାସ୍କଟ ଉନ୍ମୋଚନ କରାଯାଇଛି ଓ ଏହି ଅବସରରେ ଅଭିଯାନର ଥିମ ସଙ୍ଗୀତ, ଭିଡ଼ିଓ, ପୋଷ୍ଟର ଓ ବ୍ରୋଚର ମଧ୍ୟ ଉନ୍ମୋଚିତ କରାଯାଇଥିଲା ଓ ଜିଲ୍ଲାରେ ଆସନ୍ତା ୨ ରୁ ୧୫ ତାରିଖ ପର୍ଯ୍ୟନ୍ତ ଏହି ଅଭିଯାନ ଚାଲିବା ପାଇଁ ପ୍ରଶାସନ ତରଫରୁ ପ୍ରସ୍ତୁତି କରାଯାଇଛି । ଏହି ଅଭିଯାନରେ ସମସ୍ତ ପ୍ରମୁଖ ବ୍ୟାଙ୍କ ଏବଂ ଆଇଟି ଇଣ୍ଡଷ୍ଟ୍ରି ଓଡ଼ିଶା ପୋଲିସ ସହ ସହଯୋଗ କରୁଛନ୍ତି ଓ ଆଇ୪ସି (ଇଣ୍ଡିଆନ୍ ସାଇବର କ୍ରାଇମ୍ ସମନ୍ୱୟ କେନ୍ଦ୍ର, ଭାରତ ସରକାର), ୟୁନିସେଫ୍, ଟେଲିକମ୍ ସେବା ପ୍ରଦାନକାରୀ, ସୋସିଆଲ୍ ମିଡିଆ ପ୍ଲାଟଫର୍ମ, ପେମେଣ୍ଟ ଗେଟୱେ ଏବଂ ଅନେକ ଶିକ୍ଷାନୁଷ୍ଠାନ ଏହି ଅଭିଯାନରେ ସକ୍ରିୟ ଅଂଶଗ୍ରହଣ କରିବେ । ଏହି ଜନ ସଚେତନତା ଅଭିଯାନ ଅଫଲାଇନରେ ଏବଂ ଅନଲାଇନ୍ ମୋଡରେ ରହିବ, ଯାହା ଦ୍ୱାରା ସର୍ବାଧିକ ସମ୍ଭାବ୍ୟ ଜନସଂଖ୍ୟା ନିକଟରେ ପହଞ୍ଚିବ। ଅଫଲାଇନ୍ ମୋଡ୍ରେ ୩୦ ସେପଟ୍ଟେମ୍ବରରେ ଭୁବନେଶ୍ୱରରୁ ୩୪ଟି ସାଇବର ସୁରକ୍ଷା ରଥ ବାହାରିବ ଏବଂ ସମସ୍ତ ବ୍ଲକ୍ ମୁଖ୍ୟାଳୟ ଏବଂ ପୋଲିସ୍ ଷ୍ଟେସନକୁ ସ୍ପର୍ଶ କରି ଦୁଇ ସପ୍ତାହ ପର୍ଯ୍ୟନ୍ତ ସାରା ରାଜ୍ୟରେ ଭ୍ରମଣ କରିବ । ଏହା ଦ୍ୱାରା ଅଡିଓ-ଭିଜୁଆଲ୍ ମୋଡ୍ ମାଧ୍ୟମରେ ଏବଂ ସ୍ଥାନୀୟ ଭାଷା/ଉପଭାଷାରେ ସାଇବର ନିରାପତ୍ତା ଉପରେ ମୁଦ୍ରିତ ସାମଗ୍ରୀ ମାଧ୍ୟମରେ ସାଇବର ସଚେତନତା ବାର୍ତ୍ତା ପ୍ରଚାର/ପ୍ରସାର କରିବେ । ସୂଚନା ଥାଉକି, ଅଫଲାଇନ୍ ଅଭିଯାନରେ ୩ ଅକ୍ଟୋବରରୁ ୧୩ ଅକ୍ଟୋବର ପର୍ଯ୍ୟନ୍ତ ପ୍ରତ୍ୟେକ ଦିନ ସର୍ବନିମ୍ନ ଦୁଇଟି ଶିକ୍ଷାନୁଷ୍ଠାନରେ ସାଇବର ସୁରକ୍ଷା ଉପରେ କୁଇଜ୍ ପ୍ରତିଯୋଗିତା/କର୍ମଶାଳା ଅନୁଷ୍ଠିତ ହେବ । ୮ ଅକ୍ଟୋବରରେ 'ରୋଡ୍ ରନ୍' ଓ ସାଇକ୍ଲୋଥନ୍ ଏବଂ ୧୪ ଅକ୍ଟୋବରରେ ବରିଷ୍ଠ ନାଗରିକ, ମହିଳା ଏବଂ ଶିଶୁମାନଙ୍କ ପାଇଁ ସାନ୍ଧ୍ୟ ଭ୍ରମଣ ଅନ୍ତର୍ଭୁକ୍ତ ହେବ । ମିଶନ ଶକ୍ତି, ଅଙ୍ଗନୱାଡି କର୍ମୀ, ଆଶା କର୍ମୀ ଏବଂ ଏନଜିଓଙ୍କ ସହଯୋଗରେ ସାଇବର ସୁରକ୍ଷା ପାମ୍ଫଲେଟ୍/ବ୍ରୋଚର ବଣ୍ଟନ ସହିତ ସଚେତନତା ସୃଷ୍ଟି ପାଇଁ ୯ ଅକ୍ଟୋବରରୁ ଏକ ଘରକୁ ଘର ଅଭିଯାନ କରିବାକୁ ଯୋଜନା କରାଯାଇଛି ଯାହା ଦ୍ୱାରା ଏହି ଅଭିଯାନର ଲକ୍ଷ। ତୃଣମୂଳ ସ୍ତରରେ ପହଞ୍ଚି ପାରିବ । ଅନଲାଇନ୍ ଅଭିଯାନ ଅନ୍ତର୍ଗତ ବିଭିନ୍ନ ସୋସିଆଲ୍ ମିଡିଆ ପ୍ଲାଟଫର୍ମ, ଭିଜୁଆଲ୍ ଏବଂ ପ୍ରିଣ୍ଟ ମିଡିଆ ମାଧ୍ୟମରେ ସାଇବର ସୁରକ୍ଷା ବାର୍ତ୍ତା ପ୍ରସାର କରାଯିବ । ଏହା ଦ୍ୱାରା ଜିଲ୍ଲା ତଥା ରାଜ୍ୟସ୍ତରୀୟ ବିଭିନ୍ନ ବୟସବର୍ଗ ଓ ଗୋଷ୍ଠୀଙ୍କୁ ସାମିଲ କରି ସାଇବର ସୁରକ୍ଷା ଉପରେ ଅନଲାଇନ ପ୍ରତିଯୋଗିତା ମଧ୍ୟ ଆୟୋଜନ କରାଯିବ । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା, ଉଚ୍ଚଶିକ୍ଷା, ଦକ୍ଷତା ବିକାଶ, ଗୃହ ଏବଂ ନଗର ଉନ୍ନୟନ, ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା, ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ, ପଞ୍ଚାୟତ ରାଜ, ରାଜସ୍ୱ, ମହିଳା ଏବଂ ଶିଶୁ ବିକାଶ, ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ, ମିଶନ ଶକ୍ତି ବିଭାଗଙ୍କୁ ଏହି ସାଇବର ସୁରକ୍ଷା ସଚେତନତା ଅଭିଯାନକୁ ତୃଣମୂଳ ସ୍ତରରେ ପହଞ୍ଚାଇବା ପାଇଁ ଆବଶ୍ୟକ ସହାୟତା ପ୍ରଦାନ କରିବାକୁ ଅନୁରୋଧ କରାଯାଇଛି।




# ଜିଲ୍ଲାପାଳଙ୍କ ପୁଲିଙ୍ଗ ବୁଥ ସମ୍ପର୍କିତ ବୈଠକ

ବାରିପଦା , ୨୮/୦୯ (ନି.ପ୍ର): ଆଜି ମୟୁରଭଞ୍ଜ ଜିଲ୍ଲପାଳଙ୍କ କାର୍ଯ୍ୟାଳୟରେ ଜିଲ୍ଲପାଳ ବିନୀତ ଭରଦ୍ୱାଜଙ୍କ ସଭାପତିତ୍ୱରେ ପୋଲିଙ୍ଗ ବୁଥ ନାମ, ସ୍ଥାନ ଓ ନୂତନ ବୁଥ ସୃଷ୍ଟି ସମ୍ପର୍କରେ ବିଭିନ୍ନ ରାଜନୈତିକ ଦଳ ଏବଂ ବିଭିନ୍ନ ଗଣମାଧ୍ୟମ ପ୍ରତିନିଧି ମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇ ଯାଇଛି। ଆଗାମୀ ୨୦୨୪ ମସିହାରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବାକୁ ଥିବାରୁ ଭୋଟର ତାଲିକା ସମ୍ବନ୍ଧୀୟ ସମସ୍ତ ଅକ୍ଷନୁସଙ୍ଗିକ ସଂଶୋଧନ ପ୍ରକ୍ରିୟା ତ୍ରୁଟି ଶୂନ୍ୟ ଭାବେ ସମ୍ପନ୍ନ ଉପରେ ପ୍ରାଧାନ୍ୟ ଦିଆଯାଉଥିବା ସହ ଜିଲ୍ଲାରେ ୧୫୦୦ ରୁ ଉର୍ଦ୍ଧ ମତଦାତା ଥିବା ବୁଥ କ୍ଷେତ୍ରରେ ସାରସକଣାରେ ୩ ଟି ଓ ଉଦଳାରେ ଗୋଟିଏ ନୂତନ ବୁଥ ସୃଷ୍ଟି କରାଯାଇଛି ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି। ଚିଠା ଭୋଟର ତାଲିକା ପ୍ରକାଶିତ ହୋଇଥିବା ବେଳେ, ଯଦି ଏହି ତାଲିକା ରେ କୌଣସି ତ୍ରୁଟି ଥିଲେ, ଆଗାମୀ ୨୭-୧୦-୨୦୨୩ ରୁ ୦୯-୧୨-୨୦୨୩ ତାରିଖ ସୁଦ୍ଧା ସମ୍ପୃକ୍ତ ଭୋଟର ତାଙ୍କର ବୁଥ ଲେବେଲ ଅଧିକାରୀ, ଉପଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ କିମ୍ବା ଅନଲାଇନରେ ଆବଶ୍ୟକୀୟ ସଂଶୋଧନ କରିପାରିବେ। ବୈଠକରେ ବାରିପଦା ଉପଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାଏକ ଓ ଡେପୁଟି କଲେକଟର ସାଇ ସ୍ମିତା ଉପାଧ୍ୟାୟ, ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି, ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି, ଗଣ ମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ।



# ଉଦଳା କଲେଜରେ ଯୁବ ରେଡ଼କ୍ରସ ତରଫରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ

ଉଦଳା, ୨୮/୦୯ (ନି.ପ୍ର): ଉଦଳା କଲେଜର ଯୁବ ରେଡ଼କ୍ରସ ତରଫରୁ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ଯୁବ ରେଡ଼କ୍ରସର କାଉନସିଲରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଯୁବରେଡ଼କ୍ରସର ଛାତ୍ର ଛାତ୍ରୀ ଯଥା ରୁଦ୍ର ପତି, ରୁଦ୍ର ହାଁସଦା, ବିଜୟ ପୃଷ୍ଟି, ବାପ୍ପା ଦାସ, ବାବଲୁ ସାହୁ, ଲମ୍ବୋଦର ନାୟକ ଇତ୍ୟାଦି ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ଅନ୍ୟ ଯୁବରେଡ଼କ୍ରସର ଛାତ୍ର ଛାତ୍ରୀ ମାନେ ଏଥିରେ ସହଯୋଗ କରିଥିଲେ । ଏହି ଅବସରରେ ଉଦଳା କଲେଜର ଲେଡ଼ିଜ ହଷ୍ଟେଲ, ରାସ୍ତାକଡ଼, କଲେଜର ବଟାନିକାଲ ଗାର୍ଡ୍ରେନ ଓ କେମ୍ପସ ମଧ୍ୟରେ ବୃକ୍ଷରୋପଣ ହୋଇଥିଲା । ଶେଷରେ ଯୁବ ରେଡ଼କ୍ରସର କାଉନସିଲର ସୁଧାସାବିତ୍ରୀ ପଣ୍ଡା ସମସ୍ତଙ୍କ ଏହିପରି ମହାନ କାର୍ଯ୍ୟପାଇଁ ଧନ୍ୟବାଦ ଦେଇଥିଲେ ।

# ବାରିପଦାଠାରେ ବିଶ୍ୱ ପର୍ଯ୍ୟଟନ ଦିବସ ପାଳିତ

ବାରିପଦା , ୨୮/୦୯ (ନି.ପ୍ର): ଆଜି ବାରିପଦାଠାରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷ ଠାରେ ଜିଲ୍ଲା ପର୍ଯ୍ୟଟନ ଅଧିକାରିଣୀ ସତ୍ୟଭାମା ବେହେରା ଙ୍କ ତତ୍ତ୍ୱାବଧାନ ରେ ବିଶ୍ୱ ପର୍ଯ୍ୟଟନ ଦିବସ ପାଳିତ ହୋଇଯାଇଛି। ଏହି ଅବସର ରେ ସ୍ୱସ୍ତି ଇନଷ୍ଟିଚ୍ୟୁଟ ଅଫ ମ୍ୟାନେଜେମେଣ୍ଟ ଏଣ୍ଡ ସୋସିଆଲ ଷ୍ଟାଡ଼ିଜର ଅଧ୍ୟକ୍ଷ ପ୍ରଫେସର ରାଜ କୁମାର ପାଣିଗ୍ରାହୀ ମୁଖ୍ୟ ଅତିଥି ଓ ନିମନ୍ତ୍ରିତ ଅତିଥି ଭାବେ ଜିଲ୍ଲା ସଂସ୍କୃତି ଅଧିକାରୀ ଅନନ୍ତ ପ୍ରସାଦ ସେଠୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରି ବିଶ୍ୱ ପର୍ଯ୍ୟଟନ ମାନଚିତ୍ରରେ ଓଡିଶା କିପରି ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି ସେ ସମ୍ବନ୍ଧରେ ଆଲୋକପାତ କରିଥିଲେ। ଏହି ଅବସରରେ ହାଇସ୍କୁଲ ଓ ମହାବିଦ୍ୟାଳୟ ସ୍ତରରେ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସେହିପରି ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ରୁଦ୍ରନାରାୟଣ ମହାନ୍ତି ଯୋଗ ଦେଇ ବିଶ୍ୱରେ ରାଷ୍ଟ୍ର ରାଷ୍ଟ୍ର ମଧ୍ୟରେ ସୁସମ୍ପର୍କ ସ୍ଥାପନ ପାଇଁ ପର୍ଯ୍ୟଟନ ଏକ ସେତୁ ସଦୃଶ ବୋଲି କହିଥିଲେ। ହାଇସ୍କୁଲ ସ୍ତରରେ ସେଣ୍ଟ ଜାଭିଅର ସ୍କୁଲ ର ଶ୍ରଦ୍ଧା ଭଞ୍ଜଦେଓ, କେନ୍ଦ୍ରୀୟ ବିଦ୍ୟାଳୟ ର ଅମନ ଶତପଥି ଓ ବିଦ୍ୟା ବିହାର ର ଅମନ କୁମାର ସିଂ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରି ଅତିଥିଙ୍କ ଠାରୁ ପୁରସ୍କୃତ ହୋଇଥିଲେ। ସେହିପରି ମହାବିଦ୍ୟାଳୟ ସ୍ତରରେ ବାରିପଦା କଲେଜର ଦିବ୍ୟଜ୍ୟୋତି ଶତପଥି, ଏମ ପି ସି ଜୁନିଅର କଲେଜ ର କ୍ଷେତ୍ର ମୋହନ ମାରାଣ୍ଡି ଓ ଏମ.ପି.ସି ଅଟୋନମାସ କଲେଜ ର ବୁଜନ ମୁର୍ମୁ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କାର ପାଇଥିଲେ।

# ବାଲେଶ୍ୱର ବିପଣୀ ଉନ୍ନୟନ କମିଟିର ରକ୍ତଦାନ ଶିବିର

ବାଲେଶ୍ୱର, ୨୮/୦୯ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ମୋତିଗଞ୍ଜ ରେ ବିପଣୀ ଉନ୍ନୟନ କମିଟି ଆନୁକୁଲ୍ୟରେ ୧୦ମ ରକ୍ତଦାନ ଶିବର ସଭାପତି ଅଜୟ କୁମାର ବିଶ୍ୱାଳଙ୍କ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି । ଏହି ରକ୍ତଦାନ ଶିବିରରେ ମୁଖ୍ୟ ଅତିଥି ଭାବେ ମ୍ୟୁନିସପାଲିଟି ଚେୟାରମେନ ସବିତା ସାହୁ , ଏବଂ ବରିଷ୍ଠ ସାମ୍ବାଦିକ ରଞ୍ଜନ ବାଗ୍ ଅନୁଷ୍ଠାନରେ ଯୋଗୋ ଦେଇଥିଲେ । ସେକ୍ରେଟାରୀ ଚନ୍ଦନ କୁମାର ଭୂୟାଁ ଏବଂ ସୁରେନ୍ଦ୍ର ବେହେରା ରକ୍ତ ଦାନ ଶିବିର କିପରି ସୁଚାରୁ ରୁପେ କାଯ୍ୟକାରୀ ହେବ ଓ କୌଣସି ରକ୍ତଦାତାଙ୍କ ର ଅସୁବିଧା ନହେବ ଓ ପ୍ରତ୍ୟେକ ରକ୍ତ ଦାତା ଙ୍କୁ ଗୋଟିଏ ଗଛଚାରା ଦବାର ବ୍ୟବସ୍ଥା ରହିଥିଲା । ଏପରିକି ଡକ୍ଟର ବସନ୍ତ କୁମାର ଉପାଧ୍ୟାୟ ଓ ସଞ୍ଜୀବ କୁମାର ପ୍ରଧାନ ଓ ଟେକ୍ନିସିଆନ ବିଜୟ କୁମାର ପଟ୍ଟନାୟକ ଓ ସମାଜ ସେବୀ ହୁସେନ ଚାଚା ଯୋଗ ଦେଇଥିଲେ । ଏହି ରକ୍ତ ଦାନ ଶିବିର ରେ କରୁଣା କର ପଣ୍ଡା, ଅରୁଣ କୁମାର ଦାସ, ଭାଗିରଥି ବେହେରା, ଅନିଲ କୁମାର କୋଇଲି, ହରେକୃଷ୍ଣ ଦାସ, ଶରତ କୁମାର, ମହେଶ୍ୱର ଜେନା, ରଞ୍ଜନ ଭୂୟାଁ ପ୍ରମୁଖ ସହୋଯୋଗ କରିଥିଲେ ।

# କୁଣ୍ଡୁଳି ଆଦର୍ଶ ଗ୍ରାମରେ ଗ୍ରାମସଭା

ଲଙ୍ଗଳେଶ୍ୱର , ୨୮/୦୯ (ନି.ପ୍ର): ବାଲିଆପାଳ ବ୍ଲକ କୁଣ୍ଡୁଳି ପଞ୍ଚାୟତ କୁଣ୍ଡୁଳି ଗ୍ରାମକୁ ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମରେ ଅନ୍ତର୍ଭୁକ୍ତ କରାଯାଇଛି, ତେଣୁ ଗ୍ରାମର ବିକାଶ ପାଇଁ ବିଭିନ୍ନ ଯୋଜନା ପ୍ରସ୍ତୁତି ଓ ବିଭିନ୍ନ ପ୍ରକଳ୍ପ ଚୟନ କରି ସଠିକ କାର୍ଯ୍ୟ କରିବାକୁ ସମାଜସେବୀ, ତଥା 'ଶକ୍ତିଶିଖା ଉନ୍ନୟନ ସଂସ୍ଥା ର ମୁଖ୍ୟ ' ତୁଷାର କାନ୍ତ ବେହେରାଙ୍କ ଅଧକ୍ଷତାରେ ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି, ଉକ୍ତ ସଭା କୁଣ୍ଡୁଳି ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା, ଉକ୍ତ ସଭାରେ କୁଣ୍ଡୁଳି ପଞ୍ଚାୟତ ସରପଞ୍ଚ ଜୟନ୍ତ କୁମାର ଦାସ, ସମିତି ସଭ୍ୟା ନମିତା ମଲ୍ଲିକ, ବ୍ଲକ ମଙ୍ଗଳ ଅଧିକାରୀ କୀର୍ତ୍ତି ଚନ୍ଦ୍ର ପାତ୍ର ଉପସ୍ଥିତ ରହି ବିଭିନ୍ନ ପ୍ରକଳ୍ପ ବିଷୟରେ ଗ୍ରାମ ବାସୀଙ୍କ ପାଖରେ ଆଲୋକପାତ କରିବା ସହ ୪୦ ଲକ୍ଷ୍ୟ ଟଙ୍କା ଅନୁଦାନ ରାଶିକୁ ଛଅ ମାସରେ ସମାପନ କରିବେ ବୋଲି ଗ୍ରାମ ର ଗ୍ରାମ ବାସୀ ମାନେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ ଏହି ସଭାରେ ଅଙ୍ଗନବାଡ଼ିକର୍ମୀ, ଆଶାକର୍ମୀ , ସମାଜସେବୀ ଦୁର୍ଜୟ ମହାନ୍ତି, କୈଳାସ ମଲ୍ଲିକ,ସୁଜୟ ମହାନ୍ତି,ଜଳଧର ମଲ୍ଲିକ, ରବିନ୍ଦ୍ର ମଲ୍ଲିକ, ଭାଗିରଥ ମଲ୍ଲିକ, ବୃନ୍ଦାବନ ଦଳାଇ,ବିଜୟ ପାଢ଼ୀ, ପ୍ରଭୃତି ଉପସ୍ଥିତ ଥିଲେ।

# ସୁବର୍ଣ୍ଣରେଖା ବନ୍ଦର ତରଫରୁ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ

ଲଙ୍ଗଳେଶ୍ୱର, ୨୮/୦୯ (ନି.ପ୍ର): ସୁବର୍ଣ୍ଣରେଖା ବନ୍ଦର ତରଫରୁ ଟାଟା ଷ୍ଟିଲ ଫାଉଣ୍ଡେସନ ଦ୍ୱାରା ଆଜି ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବାଲିଆପାଳ ଦେଭୋଗ ସ୍ଥିତ କୃଷିବିଜ୍ଞାନ କେନ୍ଦ୍ର ଠାରେ ଧାନ ଫସଲ ର ରୋଗ ପୋକ ନିୟନ୍ତ୍ରଣ କୁ ନେଇ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି ।ଏଥିରେ ଉଭୟ ବସ୍ତା ବାଲିଆପାଳ ବ୍ଲକର ୨୮ ଟି ପଞ୍ଚାୟତ ରୁ ୪୦ ଜଣ ଚାଷୀ ଅଂଶଗ୍ରହଣ କରିଥଲେ। ଏହି କାର୍ଯ୍ୟକ୍ରମ ରେ ସୁବର୍ଣ୍ଣରେଖା ବନ୍ଦର କାର୍ଯ୍ୟକାରୀ ନିର୍ଦ୍ଦେଶକ ଶ୍ରୀଯୁକ୍ତ ସୁଶାନ୍ତ କୁମାର ମିଶ୍ର ଏବଂ କୃଷି ବିଜ୍ଞାନ କେନ୍ଦ୍ର ମୁଖ୍ୟ ବୈଜ୍ଞାନିକ ଡ. ସ୍ୱାଗତିକା ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। କୃଷିବିଜ୍ଞାନ କେନ୍ଦ୍ର ବୈଜ୍ଞାନିକ ନିରଜ୍ କୁମାର ଜେନା, ବ୍ଲକ କୃଷି ଅଧିକାରୀ ରଞ୍ଜିତ ପାତ୍ର ଏବଂ ସହକାରୀ କୃଷି ଅଧିକାରୀ ଲକ୍ଷ୍ମଣ ଟୁଡୁ ସମସ୍ତ ପ୍ରକାର ଚାଷ ରେ ଲାଗୁଥିବା ବିଭିନ୍ନ ରୋଗ ପୋକ ନିୟନ୍ତ୍ରଣ ଉପରେ ତାଲିମ ଦେବା ସହିତ ସୁବର୍ଣ୍ଣରେଖା ବନ୍ଦର ତରଫରୁ ଟାଟା ଷ୍ଟିଲ ଫାଉଣ୍ଡେସନ ଦ୍ୱାରା ରୋଗପୋକ ନିୟନ୍ତ୍ରଣ ପାଇଁ ବିଭିନ୍ନ ଉପକରଣ ଏବଂ ଜୈବିକ ଔଷଧ ମଧ୍ୟ ପ୍ରଦାନ କରଯାଇଥିଲା। ଚାଷୀ ମାନଙ୍କ ଆୟ କୁ ବହୁଗୁଣିତ କରିବା ପାଇଁ ବିଭିନ୍ନ ପ୍ରକାର ପଦକ୍ଷେପ ନେବା ସହିତ ଅତ୍ୟାଧୁନିକ ପ୍ରଣାଳୀ ରେ ଚାଷ କରିବା ପାଇଁ ଆଗକୁ ଏଭଳି କାର୍ଯ୍ୟକ୍ରମ ଜାରି ରହିବ ବୋଲି ସୁବର୍ଣ୍ଣରେଖା ବନ୍ଦର କାର୍ଯ୍ୟକାରୀ ନିର୍ଦ୍ଦେଶକ ଶ୍ରୀଯୁକ୍ତ ସୁଶାନ୍ତ କୁମାର ମିଶ୍ର ପ୍ରକାଶ କରିଥିଲେ। ବାଲିଆପାଳ ବ୍ଲକ ର ଚିହ୍ନଟ ହୋଇଥିବା ୬ ଜଣ ମୋତିଆବିନ୍ଦୁ ରୋଗୀ ମାନଙ୍କୁ ମାଗଣା ରେ ଅସ୍ତ୍ରୋପଚାର କରିବା ପାଇଁ ବାଲେଶ୍ୱର ଏଲ ଭି ପ୍ରସାଦ ହସ୍ପିଟାଲ କୁ ପ୍ରେରଣ କରଯାଇଥିଲା। ସେଇଭଳି ଉଭୟ ବସ୍ତା ବାଲିଆପାଳ ବ୍ଲକର ବିଭିନ୍ନ ପଞ୍ଚାୟତ ର ୩୦ ଜଣ ଯୁବକଙ୍କୁ ନେତୃତ୍ୱ ବିକାଶ ତାଲିମ ପ୍ରଦାନ ନିମନ୍ତେ ଜାମସେଦପୁର ପଠା ଯାଇଛି। ଏ ଅଞ୍ଚଳ ରେ ଯୁବକ ମାନଙ୍କ ଠାରେ ପ୍ରତିଭା କୁ ଲୁକାଇତ କରିବା ପାଇଁ ଏହା ଅତ୍ୟନ୍ତ ଉପଯୋଗୀ ବୋଲି ସୁବର୍ଣ୍ଣରେଖା ବନ୍ଦର କାର୍ଯ୍ୟକାରୀ ନିର୍ଦ୍ଦେଶକ ଶ୍ରୀଯୁକ୍ତ ସୁଶାନ୍ତ କୁମାର ମିଶ୍ର ନିଜର ଅଭିଭାଷଣ କହିଥିଲେ। ଆଜିର ଯୁବକ କାଲିର ଭବିଷ୍ୟତ ଯୁବକ ନୂତନ ପିଢ଼ି ର ନେତୃତ୍ୱ ବିକାଶ ପାଇଁ ଆଗାମୀ ଦିନରେ ଏହିଭଳି ଆହୁରି ଅନେକ କାର୍ଯ୍ୟକ୍ରମ କରାଯିବ ବୋଲି ବାଲେଶ୍ୱର ଟାଟା ଷ୍ଟିଲ ଫାଉଣ୍ଡେସନ ମୁଖ୍ୟ ଶ୍ରୀଯୁକ୍ତ ପ୍ରମୋଦ କୁମାର ପାତ୍ର ପ୍ରକାଶ କରିଥିଲେ ।ଏହିଭଳି ସାମାଜିକ କାର୍ଯ୍ୟକ୍ରମ ରେ ଯୁବକ ମାନଙ୍କ ମଧ୍ୟରେ ଅନେକ ଉତ୍ସାହ ପରିଲକ୍ଷିତ ହୋଇଥିଲା।




# ରାଧାନାଥ ସାହିତ୍ୟ ପରିଷଦ ବାଲେଶ୍ୱର ପକ୍ଷରୁ କବିବରଙ୍କ ୧୭୬ତମ ଜୟନ୍ତୀ ପାଳିତ

ବାଲେଶ୍ୱର, ୨୮/୦୯ (ନି.ପ୍ର): ବାଲେଶ୍ୱର ସହରର ବଟେଶ୍ୱର ଗ୍ରାମରେ କବିବରଙ୍କ ପୈତୃକ ବାସସ୍ଥଳ ଉପରେ ଗଢ଼ି ଉଠିଥିବା ଶତାଧିକ ବର୍ଷର ଶ୍ରୀରାମଚନ୍ଦ୍ର ସଂସ୍କୃତ ମହାବିଦ୍ୟାଳୟରେ କବିବରଙ୍କ ୧୭୬ ତମ ଜୟନ୍ତୀ ଡ. ପ୍ରହ୍ଲାଦ ଚରଣ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ସଭା ଆରମ୍ଭରେ ପରିଷଦର ଆଜୀବନ ସଦସ୍ୟ ଜଗନ୍ନାଥ ଦତ୍ତ ଓ ଶ୍ରୀରାଚନ୍ଦ୍ର ସଂସ୍କୃତ ବିଦ୍ୟାଳୟର ପ୍ରଧାନ ପଣ୍ଡିତ ଉମାକାନ୍ତ ପଣ୍ଡା (ଡି.ଲିଟ୍)ଙ୍କ ୯୨ବର୍ଷରେ ବିୟୋଗରେ ନିରବ ପ୍ରାର୍ଥନା କରାଯାଇଥିଲା। ମୁଖ୍ୟଅତିଥି ଭାବେ ପ୍ରଫେସର ଡ. ଜଗତ୍‌ବନ୍ଧୁ ଆଚାର୍ଯ୍ୟ ରାଧାନାଥ 'ଚିଲିକା'କୁ ନାୟିକା ଭାବେ କାହାଣୀଧର୍ମୀ ବର୍ଣ୍ଣନାରେ ମହକାଇ ଦେଇଥିବା ଓ ପାର୍ବତୀ କାବ୍ୟରେ ସମାଜପ୍ରତି ପ୍ରେରଣାଦାୟୀ ଜୀବନ ଦର୍ଶନ ପ୍ରସ୍ଫୁଟିତ ହୋଇଥିବା ବର୍ଣ୍ଣନା କରିଥିଲେ। ରାଧାନାଥ ବିଶ୍ୱ ସାହିତ୍ୟ ଦରବାରର ପାଶ୍ଚାତୀୟ ଚେତନାକୁ ଭାରତ ମାଟିରେ ପ୍ରକୀର୍ଣ୍ଣ କରିପାରିଥିବା ବେଳେ ତାଙ୍କୁ ବିଶ୍ୱ ଦରବାରରେ ପହଂଚା ଯାଇ ପାରିନଥିବାରୁ ଦୁଃଖ ପ୍ରକଟ କରିଥିଲେ । ମୁଖ୍ୟବକ୍ତା ସୁପ୍ରବଚକ ପଣ୍ଡିତ ଭାଗବତ ପଣ୍ଡା କବିବରଙ୍କ ବହୁଶାସ୍ତ୍ରର କବ୍ୟିକ ପଂକ୍ତି ଉଦ୍ଧାର କରିବା ସହ ସେ ବହୁଭାଷୀ ଓ ବହୁଶାସ୍ତ୍ର ଦର୍ଶୀ ହାଇଥିଲେ ହେଁ ପାଶ୍ଚାତୀୟ ଚିନ୍ତାଧାରାର ଅଗ୍ରଣୀ ଭୂମିକା ନେଇଥିବା ସ୍ମରଣ କରି କରୁଣ ରସର ସଫଳ ପ୍ରୟୋଗକର୍ତ୍ତା ଥିଲେ ବୋଲି ବର୍ଣନା କରିଥିଲେ । ଏହି ଅବସରରେ ସୁଶ୍ରୀ ଅରୁଣା ରାୟ ଓ କବି ଶ୍ୟାମସୁନ୍ଦର ପୁହାଣଙ୍କୁ ସେମାନଙ୍କ କବିବରଙ୍କ ଉପରେ ରଚନା ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା । ଅଧକ୍ଷା ଲାବଣ୍ୟ ମହାନ୍ତି ରାଧାନାଥଙ୍କ କାବ୍ୟମାନ ଉଲ୍ଲେଖ କରି ପରିଷଦର ଉନ୍ନତି ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ପରିଷଦର ସଭାପତି ତଥା 'ରେବତୀ' ପତ୍ରିକାର ସଂପାଦିକା ସୁବାସିନୀ ଜେନା ପରିଷଦର ସଫଳତା କାହାଣୀ କହିବା ସହ ସମସ୍ତଙ୍କ ସହଯୋଗ ପାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ଉପସଭାପତି ଇଂ. ହୃଷିକେଶ ସାହୁ ମଂଚ ଆହ୍ୱାନ କରିଥିବା ବେଳେ ଯୁଗ୍ମସଂପାଦକ ପଣ୍ଡିତ ସଂଜୟ କୁମାର ପଣ୍ଡା ଅତିଥି ପରିଚୟ ପ୍ରଦାନ ସହ ସଂଯୋଜନା କରିଥିଲେ । ଡ. ସନ୍ଧ୍ୟାରାଣୀ ବୋରା ଓ କଲ୍ୟାଣୀ ନନ୍ଦ ମାନପତ୍ର ପାଠ କରିଥିଲେ । କବିବରଙ୍କ 'ଭାରତଗୀତିକା'ଗାନ କରାଯାଇଥିଲା ।ସର୍ବଶ୍ରୀ ଡ. ହରିଶ୍ଚନ୍ଦ୍ର ବେହେରା, ଡ.ରମାକାନ୍ତ ନାୟକ, ମମତା ମହାପାତ୍ର , ସୃଷ୍ଟିଧର ପରିଡ଼ା, ନିରଞ୍ଜନ ରାଉତ, ବିପ୍ଳବ ମହାନ୍ତି, ଗୀତାଞ୍ଜଳି ଶତପଥୀ, ଜ୍ୟୋସ୍ନା ରାୟ, ନିରଞ୍ଜନ ଦାଶ, ଶରତଚନ୍ଦ୍ର ମିଶ୍ର, ଇଂ. ଡମ୍ବରୁ ବିଷୋୟୀ ପ୍ରମୁଖ ଉପସ୍ଥିତ ଥିଲେ । ଡ. ଲକ୍ଷ୍ମଣ ଚରଣ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ ।




# ପାଠ ପଢ଼ାରେ ଡ଼ୋରି ବାନ୍ଧିଲେ ବାପ ଛେଉଣ୍ଡ କନ୍ୟା କୁନିମଣି

ଉଦଳା , ୨୮/୦୯ (ନି.ପ୍ର): କପ୍ତିପଦା ବ୍ଲକର ଲାବଣ୍ୟ ଦେଇପୁର ପଂଚାୟତ ଅନ୍ତର୍ଗତ ଅଶ୍ୱକୁଟି ଗ୍ରାମର ଦୃଶ୍ୟ । ଏହି ଗ୍ରାମର ବାସିନ୍ଦା ହରି ସିଂଙ୍କର ଆଜକୁ ୫ ବର୍ଷ ପୁର୍ବେ ଦେହାନ୍ତ ହୋଇ ଯାଇଛି । ଫଳରେ ତାଙ୍କର ସହଧର୍ମିଣୀ ରାଧିକା ଦିନମଜୁରିଆ ଭାବରେ କାମ କରି ପରିବାର ଚଳାଉଛନ୍ତି । ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନଥିବା ବେଳେ ୩ଟି ପିଲାଙ୍କୁ ସମ୍ଭାଳିବା ଓ ପାଠ ପଢ଼ାଇବା ରାଧିକାଙ୍କ ପକ୍ଷେ ଖୁବ୍ କଷ୍ଟକର ହୋଇ ପଡ଼ିଛି । ଏତିକି ବେଳେ ଜ୍ୟେଷ୍ଠ କନ୍ୟା କୁନିମଣି ପାଠ ପଢ଼ାରେ ଡ଼ୋରି ବାନ୍ଧି ଦେବାକୁ ବାଧ ହୋଇଛି । କୁନିମଣିଙ୍କୁ ବର୍ତମାନ ବୟସ ୧୪ ବର୍ଷ ଛୁଇଁଲା । ସେ ନିକଟରେ ଥିବା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ହୁଡ଼ିସାହିରେ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପଢ଼ିଛନ୍ତି । ପରେ କରୋନା ଯୋଗୁଁ ବିଦ୍ୟାଳୟ ଛୁଟି ରହିବା ଫଳରେ ସେ ପାଠ ଠାରୁ ଦୁରେଇ ଯାଇଥିଲେ । ବିଦ୍ୟାଳୟ ଖୋଲିବା ପରେ ସେ ପୁଣି ଥରେ କିପରି ବିଦ୍ୟାଳୟକୁ ଯିବେ ଓ ପାଠ ପଢ଼ିବେ ସେଥିପାଇଁ କୌଣସି ମହଲରେ କିଛି ତତ୍ପରତା ପ୍ରକାଶ ପାଇଲା ନାହିଁ । ଏହା ସାଙ୍ଗକୁ ପରିବାରର ଆର୍ଥିକ ଅବସ୍ଥା ଆଉ ଏକ ପ୍ରତିବନ୍ଧକ ସାଜିଲା । କୁନିମଣି ପୁଣି ଥରେ ପାଠ ପଢ଼ିବାକୁ ଚାହୁଁଛନ୍ତି । ବିଭାଗୀୟ କର୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବା ସହ ସହଯୋଗର ହାତ ବଢ଼ାଇବାକୁ ବିଭିନ୍ନ ମହଲରେ ଦାବୀ ହେଉଛି । ଏହିଭଳି ଭିନ୍ନ ଭିନ୍ନ କାରଣରୁ ବର୍ତମାନ ମଧ ବହୁ ପିଲା ବିଦ୍ୟାଳୟ ବାହାରେ ଥିବାର ଜଣାଯାଇଛି ।



❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo